RNI No.ODIODI/2010/33031
୧୭ ବର୍ଷ Volume-17
ISSUE -206 ସଂଖ୍ୟା-୨୦୬
ଭୁବନେଶ୍ୱର, ସୋମବାର ୦୨ ନଭେମ୍ବର ୨୦୨୬
Bhubaneswar, Monday 02 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ପ୍ୟାକେଜ ଘୋଷଣା

ପ୍ରଭାବିତ ପରିବାରଙ୍କୁ ମିଳିବ ୫୦ କେଜି ଚାଉଳ ସହ ୨୫୦୦ ଟଙ୍କା



ଭୁବନେଶ୍ୱର, ୧।୧୧(ନି.ପ୍ର.): ଭୁବନେଶ୍ୱର: ଦକ୍ଷିଣ ଓଡ଼ିଶାରେ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଅତ୍ୟନ୍ତ ଗମ୍ଭୀର ରୂପ ନେଇଛି। ଏହି ଜଳପ୍ରଳୟ ଯଗୁଁ ବହୁ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ରାଜ୍ୟ ସରକାର ବନ୍ୟା ବିପନ୍ନଙ୍କ ପାଇଁ ଏକ ବୃହତ ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଭାବିତ ପ୍ରତ୍ୟେକ ପରିବାରକୁ ୫୦ କେଜି ଚାଉଳ ସହ ୨୫୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

ସରକାରଙ୍କ ଘୋଷଣା ଅନୁଯାୟୀ, ଯେଉଁ ପରିବାରମାନଙ୍କର ଘର ଭିତରେ ବନ୍ୟା ପାଣି ପଶି ସବୁକିଛି ନଷ୍ଟ ହୋଇଯାଇଛି, ସେମାନଙ୍କୁ ପୋଷାକ କିଣିବା ପାଇଁ ଆର୍ଥିକ ସହାୟତା ମିଳିବା ସହ ବାସନକୁସନ ବାବଦକୁ ଅତିରିକ୍ତ ୨୫୦୦ ଟଙ୍କା ଯୋଗାଇ ଦିଆଯିବ। ଏହାସହିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପକ୍କା ଓ କଚ୍ଚା ଘରଗୁଡ଼ିକର ପୁନଃନିର୍ମାଣ ପାଇଁ ମଧ୍ୟ ସହାୟତା ରାଶି ଘୋଷଣା କରାଯାଇଛି। ସମତଳ ଅଞ୍ଚଳରେ ଘର ଭାଙ୍ଗିଥିବା ଲୋକଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପାର୍ବତ୍ୟ ଅଞ୍ଚଳରେ ଘର ଭାଙ୍ଗିଥିଲେ ୧ ଲକ୍ଷ ୩୦ ହଜାର ଟଙ୍କା ସହାୟତା ମିଳିବ।କେବଳ ଘରଦ୍ୱାର ନୁହେଁ, ବନ୍ୟାରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର କ୍ଷତିପୂରଣ ବ୍ୟବସ୍ଥା କରାଯାଇଛି। ଅଣଜଳସେଚିତ ଜମିରେ ଫସଲ ନଷ୍ଟ ହୋଇଥିଲେ ହେକ୍ଟର ପିଛା ୧୮ ହଜାର ଟଙ୍କା ଏବଂ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ବାରମାସୀ ଫସଲ ନଷ୍ଟ ହୋଇଥିଲେ ହେକ୍ଟର ପିଛା ୨୨ ହଜାର ୫୦୦ ଟଙ୍କା ଏବଂ ବନ୍ୟାଜଳରେ ଚାଷଜମିରେ ଜମିଥିବା ପଟୁ ମାଟି ହଟାଇବା ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ସହାୟତା ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବନ୍ୟା ଯୋଗୁ ହୋଇଥିବା ସମସ୍ତ କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ ସମ୍ଭବ ହୋଇନାହିଁ। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ରିପୋର୍ଟ ହସ୍ତଗତ ହେବା ପରେ ଆବଶ୍ୟକସ୍ଥଳେ ସହାୟତା ରାଶିର ପରିମାଣ ଆହୁରି ବୃଦ୍ଧି କରାଯାଇପାରେ। ସରକାରଙ୍କ ଏହି ସମୟୋଚିତ ପଦକ୍ଷେପ ଦ୍ୱାରା ବନ୍ୟାରେ ସର୍ବସ୍ୱ ହରାଇଥିବା ପ୍ରଭାବିତ ପରିବାର ଏବଂ ଚାଷୀ ଭାଇମାନେ ବେଶ୍ ଆଶ୍ୱସ୍ତି ପାଇବେ ବୋଲି ଆଶା କରାଯାଉଛି।

ଅନୁଗ୍ରହ ମୂଳକ ସହାୟତା

ସମସ୍ତ ପ୍ରଭାବିତ ପରିବାରକୁ ମିଳିବ ୫୦ କିଲୋଗ୍ରାମ ଚାଉଳ ସହିତ ୨୫୦୦ ଟଙ୍କା।

କୃଷି କ୍ଷେତ୍ର

୩୩% ଓ ତା'ଠାରୁ ଅଧିକ ଫସଲ ହାନି ହୋଇଥିବା ସମସ୍ତ ଚାଷୀଙ୍କୁ ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ ଇନ୍‌ପୁଟ୍ ସବସିଡି ପ୍ରଦାନ କରାଯିବ।

ଅଣ-ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଅଞ୍ଚଳରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ସହାୟତା ଦିଆଯିବ।ବାରମାସୀ ଫସଲ ପାଇଁ ସର୍ବନିମ୍ନ ଇନ୍‌ପୁଟ ସହାୟତା ୨୫୦୦ଟଙ୍କା, ଜଳସେଚିତ ଅଞ୍ଚଳ ପାଇଁ ୨୦୦୦ ଟଙ୍କା ଏବଂ ଅଣ-ଜଳସେଚିତ ଅଞ୍ଚଳ ପାଇଁ ସବନିମ୍ନ ୧୦୦୦ ଟଙ୍କା ଦିଆଯିବ।ଜମିରୁ ବାଲି କିମ୍ବା ପଟୁ ମାଟି ହଟାଇବା ପାଇଁ ହେକ୍ଟର ପିଛା ୧୮,୦୦୦ ଟଙ୍କା ହାରରେ ସହାୟତା ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ଚାଷୀଙ୍କୁ ସର୍ବନିମ୍ନ ସହାୟତା ରାଶି ୨,୨୦୦ ଟଙ୍କା ଦିଆଯିବ ।ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଚାଷୀମାନଙ୍କୁ ୧,୨୦,୦୦୦ ସଂଖ୍ୟକ ଡାଲି ଜାତୀୟ ମିନିକିଟ୍, ୫,୦୦୦ ତୈଳବୀଜ ଏବଂ ୫୦,୦୦୦ ପନିପରିବା ମଞ୍ଜି କିଟ୍ ଦିଆଯିବ। ସର୍ବମୋଟ ୧,୭୫,୦୦୦ ସ୍ୱତନ୍ତ୍ର ମିନିକିଟ୍ ଯୋଗାଇ ଦିଆଯିବ।ଆଖୁ ଚାଷ ହେଉଥିବା ୨,୦୦୦ ହେକ୍ଟର ପ୍ରଭାବିତ ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସ୍ୱସ୍ ଟ୍ରାନ୍ସପ୍ଲାଣ୍ଟିଂ ପଦ୍ଧତି ପ୍ରଦର୍ଶନ ପାଇଁ ହେକ୍ଟର ପିଛା ୨୭,୫୦୦ ଟଙ୍କା କିମ୍ବା ରେଟୁନ୍ ଫସଲ ପରିଚାଳନା ପାଇଁ ହେକ୍ଟର ପିଛା ୧୨,୫୦୦ ଟଙ୍କା ହାରରେ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ।ରବି ଋତୁ ୨୦୨୬-୨୭ ସମୟରେ କୀଟନାଶକ ଏବଂ ଜୈବ-କୀଟନାଶକ ଉପରେ ୭୫% ସବସିଡିରେ ବ୍ୟବସ୍ଥା କରାଯିବ।

କୃଷି ଋଣ

ଯେଉଁଠାରେ ୩୩% କିମ୍ବା ତା'ଠାରୁ ଅଧିକ ଫସଲ ହାନି ହୋଇଛି, ସେଠାରେ ଇଚ୍ଛୁକ ଚାଷୀମାନଙ୍କ ପାଇଁ ସ୍ୱଳ୍ପମିଆଦୀ ଖରିଫ ଋଣକୁ ମଧ୍ୟମ ମିଆଦି ଋଣରେ ପରିଣତ କରାଯିବ। ଚଳିତ ରବି ଋତୁରେ ସର୍ବାଧିକ ସଂଖ୍ୟକ ଭାଗଚାଷୀ,ଭୂମିହୀନ ଚାଷୀ କିମ୍ବା ମୌଖିକ ଚୁକ୍ତିରେ ଚାଷ କରୁଥିବା ଚାଷୀଙ୍କୁ ଋଣ ପ୍ରଦାନ କରିବା ପାଇଁ ଜଏଣ୍ଟ ଲାଏବିଲିଟି ଗ୍ରୁପ୍ ଗଠନ କରାଯିବ।

ଗୃହ ନିର୍ମାଣ କ୍ଷେତ୍ର

ଯେଉଁ ଘର ଗୁଡିକ ସମ୍ପୂର୍ଣ୍ଣ କିମ୍ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି, ସେଠାରେ ସମତଳ ଅଞ୍ଚଳ ପାଇଁ ୧,୨୦,୦୦୦ ଟଙ୍କା ଏବଂ ପାର୍ବତ୍ୟ ଅଞ୍ଚଳ ପାଇଁ ୧,୩୦,୦୦୦ ଟଙ୍କା ହିସାବରେ ସହାୟତା ମିଳିବ। ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬୫୦୦ ଟଙ୍କା ଏବଂ ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା ସହାୟତା ଦିଆଯିବ।କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ୮୦୦୦ଟଙ୍କା ଓ ଗୁହାଳ ପାଇଁ ୩,୦୦୦ ଟଙ୍କା ସହାୟତା ମିଳିବ। ଯେଉଁ ପରିବାରଗୁଡ଼ିକର ଘର ଭାସି ଯାଇଛି କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି କିମ୍ବା ଦୁଇ ଦିନରୁ ଅଧିକ ସମୟ ଧରି ଜଳମଗ୍ନ ହୋଇ ରହିଛି, ସେହି ପରିବାରଗୁଡ଼ିକୁ ପୋଷାକ ପତ୍ର ପାଇଁ ୨,୫୦୦ ଟଙ୍କା ଏବଂ ବାସନକୁସନ ପାଇଁ ୨,୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ।

ପ୍ରାଣୀ ସମ୍ପଦ କ୍ଷତିପୂରଣ ସହାୟତା

ଗୃହପାଳିତ ପ୍ରାଣୀ ହରାଇଥିବା ଚାଷୀଙ୍କୁ ଦୁଧିଆଳି ଗାଈ ମଇଁଷି ଆଦି ପ୍ରାଣୀର ମୃତ୍ୟୁ ପାଇଁ ୩୭,୫୦୦ ଟଙ୍କା ଏବଂ ମେଣ୍ଢା, ଛେଳି, ଘୁଷୁରି ପାଇଁ ୪,୦୦୦ ଟଙ୍କା ପ୍ରଦାନ କରାଯିବ।ସେହିପରି ଭାରବାହୀ ପଶୁ ଯଥା ଓଟ,ଘୋଡ଼ା,ବଳଦ ଇତ୍ୟାଦି ପାଇଁ ୩୨,୦୦୦ ଟଙ୍କା ଏବଂ ଛୋଟ ଭାରବାହୀ ପଶୁ ଯଥା ବାଛୁରୀ,ଗଧ,ଟଟୁ ଘୋଡ଼ା,ଖଚର ଆଦି ପାଇଁ ୨୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। କୁକୁଡ଼ା ପିଛା ୧୦୦ ଟଙ୍କା ଭାବରେ ସର୍ବାଧିକ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ।୧,୦୦୦ ଜଣ ଚାଷୀଙ୍କୁ ଛେଳି କିମ୍ବା ବଳଦ ଆଦି ଯୋଗାଇ ଦେବାରେ ସହାୟତା କରିବା ପାଇଁ ସବସିଡି ପ୍ରଦାନ କରାଯିବ।ପ୍ରଭାବିତ ଅଞ୍ଚଳର ୫,୦୦୦ ଜଣ ଦୁଗ୍ଧ ଚାଷୀଙ୍କୁ ସହାୟତା କରିବା ପାଇଁ ପ୍ରାଣୀ ପିଛା ୧୦୦ କିଲୋଗ୍ରାମ ହିସାବରେ ସର୍ବାଧିକ ୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଗୋ-ଖାଦ୍ୟ ଯୋଗାଇ ଦିଆଯିବ। ୭୦ ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ୨୦୦ କୁକୁଡ଼ା ଫାର୍ମକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ପୁନରୁଦ୍ଧାର ପାଇଁ ସହାୟତା ପ୍ରଦାନ କରାଯିବ।

ମତ୍ସ୍ୟ ଚାଷ କ୍ଷେତ୍ର

କ୍ଷତିଗ୍ରସ୍ତ ମାଛ ଚାଷୀ ମାନଙ୍କ ପାଇଁ ହେକ୍ଟର ପିଛା ୧,୧୨,୫୦୦ ଟଙ୍କା ହାରରେ ୭୫% ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ।

ସମ୍ପୂର୍ଣ୍ଣ ଏବଂ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୨୨,୫୦୦ ଟଙ୍କା ଏବଂ ଜାଲ ପାଇଁ ୧୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ।

ଅର୍ଣ୍ଣବ ପରେ ପୁଣି ଆସୁଛି ମୁରାସୁ

ନୂଆଦିଲ୍ଲୀ, ୧।୧୧(ନି.ପ୍ର.): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଆଜି ବାତ୍ୟାରେ ପରିଣତ ହୋଇଛି। ଏହି ବାତ୍ୟାର ନାଁ ହେଉଛି 'ମୁରାସୁ'। ଏହା ଆସନ୍ତାକାଲି ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ନଭେମ୍ବର ୩ ତାରିଖ ସକାଳେ ଏହା ଆନ୍ଧ୍ର ଉପକୂଳ ଅତିକ୍ରମ କରିପାରେ ବୋଲି ଆକଳନ କରାଯାଇଛି।ଭୀଷଣ ବାତ୍ୟା ରୂପରେ 'ମୁରାସୁ' ଆନ୍ଧ୍ର ପ୍ରଦେଶର ନେଲ୍‌ଲୋର-ନର୍ସାପୁର ମଧ୍ୟରେ ସ୍ଥଳଭାଗ ଛୁଇଁପାରେ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ ରୁ ୧୧୦ କିମି ରହିବାର ସମ୍ଭାବନା ରହିଛି। ସେହିପରି ଏହି ସମୟରେ ଝଟକା ପବନର ବେଗ ଘଣ୍ଟା ପ୍ରତି ୧୨୦ କିମି ରହିବାର ସମ୍ଭାବନା ରହିଛି।'ମୁରାସୁ'ର ପ୍ରଭାବ ଓଡ଼ିଶାରେ ଉପରେ ମଧ୍ୟ ପଡ଼ିବ। ଏହାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ବାତ୍ୟା 'ଅର୍ଣ୍ଣବ'ଠାରୁ କମ୍ ରହିବ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ବାତ୍ୟା 'ଅର୍ଣ୍ଣବ'ର କ୍ଷୟକ୍ଷତି ମଧ୍ୟରେ ଆଉ ଏକ ବାତ୍ୟାକୁ ନେଇ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଘନୀଭୂତ ହୋଇ ବାତ୍ୟାର ରୂପ ନେବା ସହ ଆନ୍ଧ୍ର ଉପକୂଳମୁହାଁ ହେବାର ଆଶଙ୍କା ରହିଛି। ଏପଟେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି ଓ ଭଞ୍ଜନଗର ସୀମାନ୍ତରେ ଘଟିଥିବା ଭୂସ୍ଖଳନ ପ୍ରଭାବିତଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନ ସବୁପ୍ରକାରର ବନ୍‌ଦୋବସ୍ତ ସହ ନୌସେନାର ଅତ୍ୟାଧୁନିକ 'ସେନ୍ସର'କୁ ନିୟୋଜିତ କରାଯାଇଛି।

ଆଜି ଏସବୁ ମଧ୍ୟରେ ବିପର୍ଯ୍ୟୟର ମୁକାବିଲା ତଥା ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ (ଏସଆରସି) କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି।

ସୂଚନା ଅନୁସାରେ, କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ରହିଥିବାବେଳେ ମାଟି ତଳେ ଫସି ରହିଥିବା ନିଖୋଜ ଲୋକଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଆରମ୍ଭ ହୋଇଛି। ଏହି ଦୁର୍ଗମ ଅଂଚଳରେ ଏନଡିଆରଏଫ, ଓଡ୍ରାଫ, ଏସଓଜି ଓ ଅଗ୍ନିଶମ ବାହିନୀ ସହ ଭାରତୀୟ ନୌସେନା ମିଳିତ ଭାବେ ଜୋରଦାର ଉଦ୍ଧାର ଅଭିଯାନ ଚଳାଇଛନ୍ତି। ସିଧାସଳଖ ଘଟଣାସ୍ଥଳରେ କାମ କରିବା ପାଇଁ ହେଲିକପ୍ଟର ଯୋଗେ ନୌସେନାର ଅତ୍ୟାଧୁନିକ 'ସିସମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍'ପହଂଚାଯାଇଛି।

ଏହି ବିଶେଷ ପ୍ରଯୁକ୍ତିରେ ଥିବା ସମ୍ବେଦନଶୀଳ ସେନ୍ସର ଓ ସ୍କାନିଂ ବ୍ୟବସ୍ଥା ମାଧ୍ୟମରେ ମାଟି, ପଙ୍କ କିମ୍ବା ଭଗ୍ନାବଶେଷ ତଳେ ଥିବା ଜୈବିକ ସଙ୍କେତ ତଥା ମାନବ ଜୀବନର ସ୍ପନ୍ଦନକୁ ସହଜରେ ଚିହ୍ନଟ କରାଯାଇପାରିବ। ଏହାସହିତ ଭୂସ୍ଖଳନ ପ୍ରଭାବିତ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଇଷ୍ଟ କୋଷ୍ଟ ରେଲୱେ ସହାୟତାରେ ସ୍ୱତନ୍ତ୍ର 'ଚେନ୍ ପୁଲି ସିଷ୍ଟମ୍' ଘଟଣାସ୍ଥଳକୁ ପଠାଯାଉଛି।ଭୂସ୍ଖଳନ ସ୍ଥଳର ସ୍ଥିତି ଓ ଚାଲିଥିବା ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ଭଞ୍ଜନଗର ଭୂସ୍ଖଳନ ସ୍ଥାନକୁ ଗଞ୍ଜାମ ପଟୁ ପହଂଚିବା ପାଇଁ କୌଣସି ରାସ୍ତା ନାହିଁ। ସେଠାରେ ପ୍ରାୟ ୩ରୁ ୪ ଫୁଟ ପର୍ଯ୍ୟନ୍ତ ମୋଟା ପଟୁ ମାଟି ଜମି ରହିଛି। ଗୋଡ଼ ପକାଇଲେ ହିଁ ମଣିଷ କାଦୁଅ ଭିତରେ ଫସି ଯାଉଛି, ଫଳରେ ଉଦ୍ଧାରକାରୀ ଦଳ ରଶି ସାହାଯ୍ୟରେ ଅତି ସତର୍କତାର ସହ ଆଗକୁ ବଢୁଛନ୍ତି। ଏହି ଜଟିଳ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରାଯାଇଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରେଳ ବିଭାଗର ଦକ୍ଷ ଅଧିକାରୀ ଓ ଚେନ୍ ପୁଲିଙ୍ଗ୍ ସିଷ୍ଟମର ସହାୟତା ନିଆଯାଉଛି।

ଆଇପିଏସ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧।୧୧(ନି.ପ୍ର): ଆଇପିଏସ ସ୍ତରରେ ହୋଇଛି ଅଦଳ ବଦଳ। ଜେଲ୍ ଡିଜି ପଦରୁ ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁଶାନ୍ତ କୁମାର ନାଥଙ୍କୁ ହଟାଇ ଦିଆଯାଇଛି। ତାଙ୍କୁ ଓଏସ୍‌ଡି ଭାବେ ଗୃହ ବିଭାଗକୁ ବଦଳି କରାଯାଇଛି। ରବିବାର ଏନେଇ ଗୃହ ବିଭାଗରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଏସ୍‌ଏଫଏସଏଲନିର୍ଦ୍ଦେଶକ

ଜେଲ୍ ଡିଜି ପଦରୁ ହଟିଲେ ସୁଶାନ୍ତ ନାଥ

ସାରା ଶର୍ମାଙ୍କୁ ଭିଜିଲାନ୍ସ ଡିଆଇଜି

ଥିବା ସନ୍ତୋଷ ବାଲାଙ୍କୁ ଜେଲ୍ ବିଭିଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅମିତାଭ ଠାକୁର ପରିବହନ କମିଶନର ଭାବେ କଟକରେ ଅବସ୍ଥାପିତ ହୋଇଥିବା ବେଳେ ଜେଲ ବିଭାଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଜେଲ ବିଭାଗର ଅତିରିକ୍ତ ଡିଜି ଦାୟିତ୍ୱରୁ ମୁକ୍ତ କରାଯାଇଛି। ସେ କେବଳ ପରିବହନ କମିଶନର ଭାବେ ତାଙ୍କ ଦାୟିତ୍ୱ ତୁଲାଇବେ।

ରାଜ୍ୟ ସଶସ୍ତ୍ର ପୁଲିସର ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରୁଥିବା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଜେଶ କୁମାରଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୧୦ ବ୍ୟାଚ୍‌ର



ଆଇପିଏସ୍ ଅଫିସର ସାରା ଶର୍ମାଙ୍କୁ ଭିଜିଲାନ୍ସ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ଶ୍ରୀ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ କଟକ ସ୍ଥିତ ପୁଲିସ ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଛି। ସେହିପରି ନୂଆପଡ଼ା ଏସ୍‌ପି ଅମୃତପାଲ ସିଂହଙ୍କୁ କଟକ ସ୍ଥିତ ରାଜ୍ୟ ପୁଲିସ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଛି।

ଖୋର୍ଦ୍ଧାରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟ କରୁଥିବା ୨୦୨୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୋନାଲି ସିଂହ ପାରମରଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି। କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏଆଇଜି ଭାବେ କାର୍ଯ୍ୟ କରୁଥିବା ଓପିଏସ୍ ଅଫିସର ତପନ ନାରାୟଣ ରଥଙ୍କୁ ନୂଆପଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି।

ଗୋଟିଏ ପଟେ ରାଜ୍ୟରେ ସ୍ଥାୟୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତି ବିବାଦକୁ ନେଇ ବରିଷ୍ଠ ଆଇପିଏସ୍ ଅଫିସର ସୁଶାନ୍ତ ନାଥ ଚର୍ଚ୍ଚାରେ ଥିବା ବେଳେ ଅନ୍ୟପଟେ ତାଙ୍କ ନାଁରେ ଆସିଛି ଯୌନ ନିର୍ଯାତନା ଅଭିଯୋଗ। ତାଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି ଚୌଦ୍ୱାର ଜେଲ୍‌ର ପୂର୍ବତନ ଜେଲର ସନ୍ତୋଷିନୀ ଦାସ। ତାଙ୍କ ଅଭିଯୋଗ ଆଧାରରେ ଚୌଦ୍ୱାର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୁଶାନ୍ତ ନାଥଙ୍କ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଥିବା ନେଇ ଗତକାଲି ଗୃହ ବିଭାଗକୁ ଲିଖିତ ଭାବେ ଅବଗତ କରିଥିଲା କମିଶନରେଟ ପୁଲିସ। ଆଉ ଆଜି ତାଙ୍କୁ ଜେଲ୍ ବିଭାଗ ଡିଜି ପଦରୁ ହଟାଇ ଗୃହ ବିଭାଗକୁ ଓଏସ୍‌ଡି ଭାବେ ବଦଳି କରାଯାଇଛି।

ନୂଆଦିଲ୍ଲୀରେ ଗର୍ଜିଲେ ବିରୋଧୀ

ନୂଆଦିଲ୍ଲୀ,୧।୧୧(ନି.ପ୍ର): ରାଜଧାନୀ ଦିଲ୍ଲୀର ରାମଲୀଳା ମଇଦାନରେ ଆଜି ଏକଜୁଟ ହୋଇଛନ୍ତି ଦେଶର ତମାମ ବିରୋଧୀ ଦଳ। ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଗୋଟିଏ ଜ୍ଞାନେଶଙ୍କ ଇସ୍ତଫା ଏବଂ ନିର୍ବାଚନ ପ୍ରକ୍ରିୟାରେ ସୁଧାର। ଆୟୋଜିତ ମହାରାଲିରେ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ସହ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ଇଣ୍ଡିଆ ବ୍ଲକର ସବୁ ବିରୋଧୀ ନେତା। ଏହି ସମୟରେ ବିଜେପି ସରକାରଙ୍କୁ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି ରାହୁଲ ଗାନ୍ଧୀ। ଭୋଟ୍ ଚୋରି କରି ବିଜେପି ସରକାର ଗଢ଼ିଥିବା ଅଭିଯୋଗ କରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।ସେ କହିଛନ୍ତି, ଦେଶରେ ଅନେକ ବର୍ଷଧରିଭୋଟ୍‌ଚୋରିହେଉଛି। ମଧ୍ୟପ୍ରଦେଶ, ହରିୟାଣା, ଛତିଶଗଡ଼, ମହାରାଷ୍ଟ୍ର ଓ କର୍ଣ୍ଣାଟକର ନିର୍ବାଚନ ସହିତ ୨୦୨୪ ଲୋକସଭା ନିର୍ବାଚନରେ ମଧ୍ୟ ଭୋଟ୍ ଚୋରି ହୋଇଛି। ଇଭିଏମ ଜରିଆରେ ସବୁ ଜାଲିଆତି କରାଯାଇଛି। ଏପରିକି ଭୋଟର ତାଲିକାରୁ ଲୋକଙ୍କ ନାଁ ହଟାଯାଇ ନୂଆ ନାଁ ଯୋଡ଼ି ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରାଯାଇଛି।ଏହି ସମୟରେ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଅମିତ ଶାହ କହିଥିଲେ ନରେନ୍ଦ୍ର ମୋଦୀ କେଉଁଆଡ଼େ ଯାଉ ନାହାନ୍ତି। ମାତ୍ର ସେ ଏହାର ଓଲଟା କହୁଛନ୍ତି ଯେ, ନରେନ୍ଦ୍ର ମୋଦୀ କେଉଁଆଡ଼ ଯାଇ ପାରିବେ ନାହିଁ। ଯଦି ସେ ଯିବାକୁ ଚାହିଁବେ, ତଥାପି ତାଙ୍କୁ ଆମେ ଯିବାକୁ ଦେବୁ ନାହିଁ। ଜ୍ଞାନେଶ କୁମାରଙ୍କ ପରେ ସେ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଏହାର ସରକାର ସାମ୍ନାରେ ଛିଡ଼ା ହେବେ। ଏହି ସବୁ ଲୋକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପିଏମ ମୋଦୀ ଓ ଅମିତ ଶାହ ମନେ ରଖନ୍ତୁ, ଆପଣ କେଉଁଆଡ଼େ ଏବେ ଆଉ ଯାଇ ପାରିବେ ନାହିଁ। ଜ୍ଞାନେଶ କୁମାର ସିଇସି ପଦରୁ ହଟିବେ ଏବଂ ମୋଦୀ-ଶାହଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ରାହୁଲ ଗାନ୍ଧୀ କହିଛନ୍ତି, ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ କିମ୍ବା ସିଇସି ଜ୍ଞାନେଶ କୁମାରଙ୍କ ପ୍ରତି କୌଣସି ଘୃଣା ନାହିଁ। ତାଙ୍କର ନା ମୋଦୀ ଶତ୍ରୁ ନା ଶାହ ନା ଜ୍ଞାନେଶ କୁମାର। ମାତ୍ର ଦେଶର ପ୍ରତ୍ୟେକ ନାଗରିକଙ୍କ ତାଙ୍କ ପାଇଁ ସବୁଠୁ ଅଧିକ ମହତ୍ୱପୂର୍ଣ୍ଣ। ଏପରିକି ସେମାନଙ୍କ ସ୍ୱର ଧର୍ମଠୁ ବି ଉପରେ। ତେଣୁ କୌଣସି ମୂଲ୍ୟରେ ସମ୍ବିଧାନକୁ ବରବାଦ ହେବାକୁ ଦିଆଯିବ ନାହିଁ। ଏମିତି କରିବାକୁ କାହାକୁ ଅନୁମତି ମଧ୍ୟ ଦେବୁ ନାହିଁ।



ପାରାଦୀପ ବନ୍ଦର ପଣ୍ୟ ପରିବହନରେ ରେକର୍ଡ ୭.୯୫% ଅଭିବୃଦ୍ଧି

ପାରାଦୀପ,୧/୧୧(ନି.ପ୍ର)- ପାରାଦୀପ ବନ୍ଦର ପ୍ରାଧିକରଣ ଅକ୍ଟୋବର ୨୦୨୬ରେ ପଣ୍ୟ ପରିଚାଳନାରେ ଏକ ଦୃଢ଼ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ଅକ୍ଟୋବର ୨୦୨୫ରେ ୧୨.୧୯ ନିୟୁତ ଟନ୍ ତୁଳନାରେ ୧୩.୧୬ ନିୟୁତ ଟନ୍ ପ୍ରଭାବଶାଳୀ ପଣ୍ୟ ପରିବହନ ରେକର୍ଡ ହାସଲ କରିଛି। ବନ୍ଦରରେ ୯,୬୯,୫୨୮ ମେଟ୍ରିକ ଟନ୍ ବୃଦ୍ଧି ରେକର୍ଡ କରିଛି, ଯାହା ପୂର୍ବ ବର୍ଷର ସମାନ ମାସ ତୁଳନାରେ ୭.୯୫% ଅଭିବୃଦ୍ଧି ହାସଲ କରିଛି, ଯାହା ଭାରତର ପ୍ରମୁଖ ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରୁ ଗୋଟିଏ ଏବଂ ଦେଶର ସାମୁଦ୍ରିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଅବଦାନକାରୀ ଭାବରେ ଏହାର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିଛି।



ଏହି ସଫଳତା ପାରାଦୀପ ବନ୍ଦରର ନିରନ୍ତର କାର୍ଯ୍ୟକ୍ଷମ ଦକ୍ଷତା, ଦୃଢ଼ ପଣ୍ୟ ପରିଚାଳନା କ୍ଷମତା, ବର୍ଦ୍ଧିତ ଲଜିଷ୍ଟିକ୍ସ ସମନ୍ୱୟ ଏବଂ ବନ୍ଦର କାର୍ଯ୍ୟକୁ ସୁଗମ ଏବଂ ଦକ୍ଷ କରିବା ପାଇଁ ଏହାର କର୍ମଚାରୀଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ଏସ.କେ.ପୁରୋହିତ ସମସ୍ତ କର୍ମଚାରୀ ଏବଂ ଅଂଶୀଦାରମାନଙ୍କର ସମର୍ପଣ, ଦଳଗତ କାର୍ଯ୍ୟ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସେ ସମସ୍ତଙ୍କୁ ଅଧିକ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ, ଯାହା ଦ୍ୱାରା ବିକାଶ ଭାରତର ଦୃଷ୍ଟିକୋଣ ପ୍ରତି ଅବଦାନ ଏବଂ ଭାରତର ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରାଯାଇପାରିବ।

୨୦୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୧(ନି.ପ୍ର): ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ରବିବାର ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଅଡିଟୋରିୟମ ଠାରେ ଅନୁଷ୍ଠିତ ୧୮ତମ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦକ୍ଷତା ବିକାଶ ଏବଂ ନିଯୁକ୍ତି ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ହେଉଛି ଆମ ସରକାରଙ୍କ ପ୍ରାଥମିକତା। ରାଜ୍ୟ ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଖାଲିଥିବା ସରକାରୀ ପଦପଦବୀ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି। ୨୦୨୪ ଜୁନ୍ ମାସରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ଆଜିର ୧୮ତମ ନିଯୁକ୍ତି ମେଳାର ୨,୦୬୭ ଜଣଙ୍କୁ ମିଶାଇ ସମୁଦାୟ ୪୮,୬୪୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଆଜି ୧,୯୧୩ ଜଣ ସେବକ-ସେବିକା ଏବଂ ୧୫୪ ଜଣ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଆଜି ସୁଦ୍ଧା ୨୮, ୬୯୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ, ସେମାନଙ୍କ ଶିକ୍ଷାଗତ ମାନବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଜାତୀୟ



ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶାରେ ସାନ୍ତାଳୀ ସମେତ ୧୦ଟି ଆଦିବାସୀ ଭାଷାରେ ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ କରାଯାଉଛି। ଏହାବ୍ୟତୀତ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ରାଜ୍ୟରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି କରାଯାଇଥିବାବେଳେ ବର୍ଷକୁ ୫୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ମଧ୍ୟ ଆରମ୍ଭ କରାଯାଇଛି।ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକମାନଙ୍କୁ ଜଣେ ଶିକ୍ଷକ ଭାବେ ପରାମର୍ଶ ଦେଇ କହିଛନ୍ତି ଯେ, ବିଦ୍ୟାଳୟରେ ପିଲାମାନଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରନ୍ତୁ ଏବଂ କଠିନ ନହୋଇ ଜଣେ ଆଦର୍ଶ ବନ୍ଧୁ ହୁଅନ୍ତୁ। ସେମାନଙ୍କର ମାର୍ଗଦର୍ଶନ କରନ୍ତୁ। କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଆହ୍ୱାନକୁ ଧୈର୍ଯ୍ୟ, ନିଷ୍ଠା ଓ ସକାରାତ୍ମକ ମନୋଭାବ ସହ ସମାଧାନ କରନ୍ତୁ। 'କର୍ମ ହିଁ ଭଗବାନ' ନୀତିକୁ ଆପଣାଇ ନିୟମିତତା ବଜାୟ ରଖନ୍ତୁ। ମଧ୍ୟାହ୍ନ ଭୋଜନ ଭଳି ଯୋଜନାରେ କୌଣସି ପ୍ରକାର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ତେଣୁ ତା ପ୍ରତି ସଚେତନ ରୁହନ୍ତୁ। ଶିକ୍ଷକତା ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବା ମଦ୍ୟପାନ କିମ୍ବା ଶିକ୍ଷାର୍ଥୀଙ୍କ ପ୍ରତି ଅମାନବିକ ଦଣ୍ଡବିଧାନ ଭଳି ବିଶୃଙ୍ଖଳିତ ଆଚରଣରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ। ଆଦର୍ଶ ଆଚରଣ ଶିକ୍ଷକ ମାନଙ୍କ ପାଇଁ ଅଧିକ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବରିଷ୍ଠ କଂଗ୍ରେସ ନେତାଙ୍କ ବିୟୋଗ

ଯାଜପୁର,୧।୧୧(ନି.ପ୍ର.); ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସୁକିନ୍ଦା ବ୍ଲକ କଂଗ୍ରେସ କମିଟିର ସଭାପତି ତଥା ପୂର୍ବତନ ପିସିସି ସଭ୍ୟ ତଥା ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘର ସମ୍ପାଦକ ସ୍ୱର୍ଗତ ସଦାଶିବ ଦେଓଙ୍କର ଗତ ରାତି ଦୁଇ ଘଟିକା ସମୟରେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ବରଣ କରିଛନ୍ତି।ସେ ଜଣେ ମେଳାପୀ, ମିଷ୍ଟଭାଷୀ। ବନ୍ଧୁ ବତ୍ସଲ୍ୟ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସମଗ୍ର।ସୁକିନ୍ଦା ବ୍ଲକ ର ପୁର ପଲ୍ଲି ରେ ଶୋକ ର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ରେ ସୁକିନ୍ଦା କଂଗ୍ରେସ ର ଅପୂରଣୀୟ କ୍ଷତି ହୋଇଛି। ତାଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ସୁକିନ୍ଦା କଂଗ୍ରେସ ବିଧାୟକ ପାର୍ଥୀ ବିଭୂଭୂଷଣ ରାଉତ,ମହେନ୍ଦ୍ର ଦାସ,ରାଇଚରଣ ମହାନ୍ତି,ଦୟାନିଧି ପଲେଇ, ସୁକୁମାର ଦେଓ, ସ୍ୱପ୍ନା ବେହୁରା, ମଦନ ମୋହନ ଖୁଣ୍ଟିଆ,ଉମାକାନ୍ତ ଜେନାମଣି, ସ୍ୱର୍ଣ୍ଣଲତା ବାନାରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।





ଶ୍ରୀ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ପିଅନଙ୍କ ପରଲୋକ

କବିସୂର୍ଯ୍ୟନଗର,୧।୧୧ :(ମନ୍ଥନ)ଏହି ବ୍ଲକ ଅନ୍ତର୍ଗତ ବଡ ଚଢିଆପଡା ଗ୍ରାମ ନିବାସୀ ଗୋରାଚାନ୍ଦ ବେହେରୁକଙ୍କ ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୧ବର୍ଷ ହୋଇଥିଲା। ସେ କିଛି ଦିନ ହେଲା ମଧୁମେହ ରୋଗରେ ପୀଡିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କ ସ୍ତ୍ରୀ ହେମଲତା ବେହେରୁକ, କନ୍ୟା ମହାମାୟୀ,ପୁତ୍ର ଓମ ପ୍ରକାଶ ଉପସ୍ଥିତ ଥିଲେ। ତାଙ୍କରି ଅକାଳ ବିୟୋଗରେ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି।ବିଦ୍ୟାଳୟର ଛାତ୍ର ଛାତ୍ରୀ,ଶିକ୍ଷକ,ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ସେ ଅତି ପ୍ରିୟ କର୍ମଚାରୀ ଭାବେ ଜଣାଶୁଣା ଥିଲେ। ତାଙ୍କରି ଅକାଳ ବିୟୋଗରେ ଅବସରପ୍ରାପ୍ତ ବିଇଓ ଅଭିମନ୍ୟୁ ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି।ମୃତ୍ୟୁ ଖବର ଗ୍ରାମରେ ପହଂଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଥିଲା।ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନ ମୃତ୍ୟୁ ଖବର ପାଇ ମର୍ମାହତ ସହ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦଗତି କାମନା ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପାର୍ଥନା କରିଛନ୍ତି।

ଗଞ୍ଜାମରେ ବନ୍ୟା ସ୍ଥିତିରେ ସୁଧାର, ଉଦ୍ଧାର କାର୍ଯ୍ୟ ସହ ରନ୍ଧା ଖାଦ୍ୟ ଓ ପାନୀୟ ଜଳ ଯୋଗାଣ ଜାରି

କବିସୂର୍ଯ୍ୟନଗର,୧।୧୧ :(ମନ୍ଥନ)ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଦେଖାଦେଇଥିବା ବନ୍ୟା ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ବିଭିନ୍ନ ଅଞ୍ଚଳରେ ଜଳସ୍ତର ହ୍ରାସ ପାଉଥିବା ବେଳେ ଏବେ ବି ଅନେକ ଗାଁ ଓ ତଳିଆ ଅଞ୍ଚଳରେ ବନ୍ୟାର ପ୍ରଭାବ ରହିଛି। ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରିବା ସହ ରନ୍ଧା ଖାଦ୍ୟ ଓ ପାନୀୟ ଜଳ ଯୋଗାଇବାରେ ଲାଗିଛନ୍ତି ପ୍ରଶାସନିକ ଟିମ୍। ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ବିଭିନ୍ନ ପଞ୍ଚାୟତରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଅଞ୍ଚଳରେ ବନ୍ୟା ପରବର୍ତ୍ତୀ ସ୍ଥିତି ଏବେ ଧୀରେ ଧୀରେ ସୁଧୁରୁଛି। ବିଭିନ୍ନ ସ୍ଥାନରେ ଜଳସ୍ତର କମିଥିଲେ ମଧ ଅନେକ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ଏବେ ବି ଜାରି ରହିଛି। ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ବିଭିନ୍ନ ପଞ୍ଚାୟତରେ ନିୟୋଜିତ ହୋଇଛନ୍ତି।ଅନ୍ତରି ଗାଁ , ଆଛୁଲି,ଭୀମପୁର, ପାଣ୍ଡରଖୋଲି, ନୂଆଗାଁ, ଭୂତସର ସିଙ୍ଗି, ବଡ଼ ବର ଗାଁ , ପ୍ରତାପପୁର , ହାଣ୍ଡିଘର, ଚିଙ୍ଗୁଡ଼ି



ଖୋଲ, ସମା, ଶିଙ୍କୁଲା ଭଳି ବିଭିନ୍ନ ଅଞ୍ଚଳରେ ପ୍ରଭାବିତ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଏଥିସହ ପାନୀୟ ଜଳ ଯୋଗାଣ ଉପରେ ମଧ ପ୍ରଶାସନ ଗୁରୁତ୍ୱ ଦେଉଛି।ଅନ୍ୟପଟେ କବିସୂର୍ଯ୍ୟନଗର ବିଧାୟକ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନକୁ ଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରିଥିବା ବେଳେ ଆସ୍କା ସାଂସଦ ପ୍ରତ୍ୟେକ ଅଞ୍ଚଳ ଗସ୍ତ କରି ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି।ସେହିପରି ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ ଜଳମଗ୍ନ ହୋଇଥିବା ବେଳେ ବର୍ତ୍ତମାନ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତେବେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାରୁ ଲୋକଙ୍କ ସମସ୍ୟା ବଢ଼ିଛି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ରନ୍ଧା ଖାଦ୍ୟ ଯୋଗାଣ ଜାରି ରହିଛି।ଗଞ୍ଜାମ ଉପଜିଲ୍ଲାପାଳ ସୁବାସିଷ ବରାଳଙ୍କ ସମେତ ପ୍ରଶାସନିକ ଟିମ୍ ପରିସ୍ଥିତିର ତଦାରଖ କରୁଛନ୍ତି। ଅନ୍ୟପଟେ ସ୍ଥାନୀୟ ଜନପ୍ରତିନିଧି ମାନେ ମଧ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଲୋକଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ଅନ୍ତରିଗାଁ ଅଞ୍ଚଳରେ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବା ସହ ରାତ୍ରି ଭୋଜନ ପାଇଁ ମଧ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇଛି।ସେହିପରି ନଦୀତଟବର୍ତ୍ତୀ ଓ ତଳିଆ ଅଞ୍ଚଳରେ ଥିବା ସୁନାରିଝୋଳା, ଭେଟସିଙ୍ଗି ,ଟଙ୍କାଛାଇ, ଆମ୍ବିଳାପଲି , ମହାଛାଇ, ଝାଡ଼ାବନ୍ଧ ଓ ଗୁଣ୍ଡୁରିବାଡ଼ି ଭଳି ଗ୍ରାମରେ ମଧ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ସହାୟତା ବ୍ୟବସ୍ଥା କରାଯାଇଛି।କବିସୂର୍ଯ୍ୟନଗର ତହସିଲ ପ୍ରଶାସନ, ବ୍ଲକ ପ୍ରଶାସନ, ପୋଲିସ ବିଭାଗ ଓ ସୁନାରିଝୋଳା ଗ୍ରାମ ପଞ୍ଚାୟତ ପକ୍ଷରୁ ବନ୍ୟା ବିପନ୍ନ ଗ୍ରାମ ଭେଟସିଙ୍ଗି ଗ୍ରାମ ବାତ୍ୟା ଆଶ୍ରୟ ସ୍ଥଳରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଗ୍ରାମବାସୀଙ୍କୁ ଖାଇବାକୁ ଦିଆଯାଉଛି।

ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବଳଙ୍ଗା,୧।୧୧ :(ମନ୍ଥନ)ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ ତମ ଜନ୍ମ ଜୟନ୍ତୀ ଅବସରରେ ବଳଙ୍ଗା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତ ପୋଲିସ କର୍ମଚାରୀ, ବରିଷ୍ଠ ନାଗରିକ ମଞ୍ଚ, ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଥାନା ଠାରେ ଏକତ୍ରିତ ହେବା ପରେ ପଦଯାତ୍ରା ବାହାରିଥିଲା। ପଦଯାତ୍ରା ଥାନାରୁ ବାହାରି ବଜାର, ବିଶ୍ୱାଳ ଛକ ଦେଇ ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ବେଳେ ପଦଯାତ୍ରାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡ ଭାରତ ଉପରେ ଆହ୍ୱାନ ଦିଆଯାଇଥିଲା।

ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଅଧିକ୍ଷକଙ୍କ ଯୋଗଦାନ

ମାହାଙ୍ଗା, ୧।୧୧ :(ମନ୍ଥନ)ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକ ଡାକ୍ତର ତନ୍ମସ୍ମିତା ବିଦ୍ଧାଣିଛୁଟିରେ ଯିବା ପରେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ କଟକଙ୍କ ନିର୍ଦ୍ଦେଶ କ୍ରମେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ପ୍ରମୋଦ କୁମାର ସାହୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଦୀର୍ଘଦିନ ଧରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଚିକିତ୍ସାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଡାକ୍ତରମାନେ ପାଳିକରି ଡ୍ୟୁଟି କରିଥିଲା ବେଳେ ବିଭିନ୍ନ ବିଭାଗରେ ଡାକ୍ତର ଥାଇ ମଧ୍ୟ ବିଭାଗଗୁଡିକ କାର୍ଯ୍ୟକ୍ଷମ ହେଉ ନଥିଲା। ଏପରିକି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ପାଇଁ ବ୍ୟବସ୍ଥା ଥିଲା ବେଳେ ରୋଗୀମାନେ ବାହାରେ ସେମାନଙ୍କର ପରୀକ୍ଷାନିରୀକ୍ଷା କରୁଥିଲେ। ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଆବଶ୍ୟକୀୟ କର୍ମଚାରୀ ଅଭାବରୁ ବର୍ତ୍ତମାନ ରୋଗୀ ଚିକିତ୍ସା ବିପର୍ଯ୍ୟସ୍ତ ହୋଇପଡିଛି ଯାହାର ଉଦାହରଣ ପାଲଟିଛି ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏଣୁ ନୂତନ ଭାରପ୍ରାପ୍ତ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବି ମହଲରେ ଦାବି ହେଉଛି।

ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶପଥ ପାଠ ଓ ଏକତା ପଦଯାତ୍ରା

ଅନୁଗୋଳ,୧।୧୧ :(ମନ୍ଥନ)ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେଜିଲ୍ଲା ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ଓ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ ଅତିରିକ୍ତଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି ।



ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖୁବାସହ ନିଜକୁ ଦେଶ ପ୍ରତି ସମର୍ପିତ କରିବା ଏବଂ ଦେଶର ଏକତା ଅକ୍ଷୁର୍ଣ୍ଣ ରଖୁବା ସହ ଆଭ୍ୟନ୍ତରୀଣସୁରକ୍ଷା ସୁନିଶ୍ଚିତ କରିବା ନେଇ ଏହି ଶପଥ ପାଠ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାକାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ ।ସେହିପରି ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସକାଳ ୮ ଘଟିକା ସମୟରେ ସ୍ଥାନୀୟଅନୁଗୋଳ ଷ୍ଟାଡିୟମ ଠାରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥାମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମାୟାଧର ବେହେରା ଏବଂ ଅନ୍ୟାନ୍ୟ ଅତିଥ୍ୟ ବୃନ୍ଦ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭକରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, କ୍ରୀଡାବିତ୍ ଓବୁଦ୍ଧିଜୀବୀ ଯୋଗ ଦେଇ ଅଖଣ୍ଡ ଭାରତର ଭାବନାକୁ ଉତ୍ସାହର ସହ ପାଳନ କରିଥିଲେ । ଏହିକାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ ପରିଚାଳନା କରିଥିଲେ ।

ପିପିଲି ପୋଲିସ ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ଜୟନ୍ତୀ ପାଳିତ

ପିପିଲି,୧।୧୧ :(ମନ୍ଥନ)ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ୧୫୧ତମ ଜୟନ୍ତୀ ପାଳନ ଅବସରରେ ପିପିଲି ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଙ୍କ ନେତୃତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ରାଷ୍ଟ୍ରୀୟ ଏକତା ଏବଂ ଅଖଣ୍ଡତା କୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ।ଏହି ଅବସରରେ ପିପିଲି ଜବାହାର ବିଦ୍ୟାପୀଠ ଠାରୁ ବଜାର ଦେଇ ମିଶନ ସ୍କୁଲ ପର୍ଯ୍ୟନ୍ତ ଏକ ପଦ ଯାତ୍ରା ହୋଇଥିଲା। ଏଥିରେ ପିପିଲି ଜବାହାର ବିଦ୍ୟାପୀଠ ଏବଂ ପିପିଲି ହାଇସ୍କୁଲ, ପିପିଲି କଲେଜ, ଏନସିସି କ୍ୟାଡର, ଇନିଫୋର୍ସ ଏକାଡେମୀ ଛାତ୍ର ଛାତ୍ରୀ, ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ରେ ପିପିଲି ଥାନା ଏସଆଇ ସୁରମା ସ୍ୱାଇଁ, ଏଏସଆଇ ସୁମନ୍ତ କୁମାର ସାହୁ ଙ୍କ ସମେତ ଥାନାର ସମସ୍ତ କର୍ମଚାରି ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଆଦର୍ଶ ସେବା ସଂଗଠନ ସେବାର ଅବିରତ ପ୍ରୟାସ

ଗଞ୍ଜାମ, ୧।୧୧ :(ମନ୍ଥନ)ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ପ୍ରବଳ ବର୍ଷା ଓ ଋଷିକୁଲ୍ୟା ନଦୀର ବନ୍ୟା ଯୋଗୁଁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଣି ପଞ୍ଚାୟତର ଅନେକ ଗ୍ରାମରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଚାଷୀମାନଙ୍କ ଫସଲ ନଷ୍ଟ ହେବା ସହ ଅନେକ ପରିବାର ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତାକୁ ନେଇ ଅସୁବିଧାରେ ପଡ଼ିଛନ୍ତି।ଏଭଳି ଦୁର୍ଦ୍ଦିନରେ ଅସହାୟ ଓ ବିପନ୍ନ ପରିବାରଙ୍କ ପାଖରେ ଠିଆ ହେବା ଉଦ୍ଦେଶ୍ୟରେ ଆଦର୍ଶ ସେବା ସଂଗଠନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନର ଏକ ମାନବିକ ପ୍ରୟାସ ଆରମ୍ଭ କରାଯାଇଛି।ପ୍ରଥମ ଦିନରେ ପ୍ରାୟ ୭୦୦ ଜଣଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇ ବିପନ୍ନ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା।ଦ୍ୱିତୀୟ ଦିନରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା କ୍ଷଣନିବାର ପୂର୍ବାହ୍ନରେ ଛୋଟବାସା ଛକ ନିକଟରେ ସଂଗଠନର ସଦସ୍ୟମାନେ ଦ୍ୱିତୀୟ ଦିନର ଖାଦ୍ୟ ବଣ୍ଟନ ପାଇଁ ରୋଷେଇ କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଏକ ହୃଦୟବିଦାରକ ଘଟଣା ଘଟିଥିଲା।ଏକ କୁକୁର ହରିଣଟିକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବା ଏବଂ ତାହାର ବେକ ପାଖରେ ଆଘାତ ଲାଗିଥିବା ସଦସ୍ୟମାନେ ଦେଖିଥିଲେ। ଏହା ଦେଖି ସମସ୍ତେ ତୁରନ୍ତ ଗୋଡ଼ିଯାଇ ହରିଣଟିକୁ ଉଦ୍ଧାର କରିଥିଲେ। ପରେ ଏହି ଘଟଣା ସମ୍ପର୍କରେ ପଶୁ ଚିକିତ୍ସକ ଙ୍କୁ ଡାକଇ ଚିକିତ୍ସା କରିବା ସହ ବନ ବିଭାଗକୁ ଖବର ଦିଆଯାଇ ହସ୍ତାନ୍ତର କରାଯାଇଥିଲା କ୍ଷଏହି ଉଦ୍ଧାର କାର୍ଯ୍ୟରେ ନିରାକାର ମହାରଣା, ମିଥୁନ ମହାପାତ୍ର, ସୁଧୀରା ଗୌଡ଼, ଶଙ୍କର ବେହେରା, ପ୍ରଦୀପ ବେହେରା, ଅନାଥ ସ୍ୱାଇଁ, ପିଣ୍ଟୁ ମହାପାତ୍ର, ନୀଳାଞ୍ଚଳ ସେଠୀ ଓ ଚୈତନ୍ୟ ରେଡ୍ଡୀ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ।

ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ

ଅନୁଗୋଳ ,୧।୧୧ :(ମନ୍ଥନ)ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମିକ ମୁକ୍ତ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ରାଜ୍ୟବ୍ୟାପୀ ଚାଲିଥିବା ୪୪ ଦିନିଆ ଅଭିଯାନର ଏକ ଅଂଶ ଭାବେ ଏହି ସଚେତନତା



ରଥର ଆରମ୍ଭ କରାଯାଇଛି। ଏହି ରଥ ଅନୁଗୋଳ ଶ୍ରମ ବିଭାଗ ଅନ୍ତର୍ଗତ ପ୍ରତ୍ୟେକଟି ଗ୍ରାମପଞ୍ଚାୟତ ପରିକ୍ରମା କରିବ। ଏହା ଶିଶୁ ଶ୍ରମିକ ପ୍ରଥାର ନିବାରଣ ଓ ଉଚ୍ଛେଦ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ସହ 'ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬' ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ କୁବେର ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଇତିଶ୍ରୀ ଗାଗରାଇ,ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ ପ୍ରିୟମ୍ବଦା ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀଶଙ୍କର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ସନମ ସ୍ମିତା ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ




ନୟାଗଡ଼,୧।୧୧ :(ମନ୍ଥନ)ଆଜି ଦେଶବ୍ୟାପୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ତଥା 'ରାଷ୍ଟ୍ରୀୟ ଏକତା ଦିବସ' ପାଳନ ଅବସରରେ ନୟାଗଡ଼ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ ଘଟିକା ସମୟରେ ପିଟିଏସ୍ ପଡ଼ିଆଠାରୁ ରିଜର୍ଭ ପୋଲିସ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ରୋଜିନା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ, ପିଟିଏସ୍ ଅଧକ୍ଷ ଶ୍ରୀ ଭବେଶ କୁମାର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀମତୀ ସୁଜାତା କୁମାରୀ ସାହୁ, ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ପୋଲିସ ବିଭାଗର ସମସ୍ତ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଏବଂ କ୍ରୀଡ଼ାବିତ୍ ମାନେ ଏଥିରେ ସାମିଲ ହୋଇଥିଲେ। ରିଜର୍ଭ ପୋଲିସ ପଡ଼ିଆଠାରେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲ୍ଲାପାଳଙ୍କ ଦ୍ୱାରା ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଓ କ୍ରୀଡ଼ାବିତ୍‌ମାନଙ୍କୁ ଏକତାର ଶପଥ ପାଠ କରାଯାଇଥିଲା।ଉପସ୍ଥିତ ଅତିଥିମାନେ ସ୍ୱାଧୀନତା ସମୟରେ ଖଣ୍ଡବିଖଣ୍ଡିତ ରାଜରାଜୁଡ଼ା ଶାସନକୁ ଭାରତ ସହ ମିଶ୍ରଣ କରି ଏକ ବିଶାଳ ଭାରତ ଗଠନ କରିବାରେ ଏବଂ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବାରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଏବଂ ଭୂମିକା ଉପରେ ଆଲୋକପାତ କରିଥିଲେ।

ବଡମୂଳ ଗ୍ରାମରେ ରକ୍ତଦାନ ଶିବିର ଅନୁଷ୍ଠିତ


ଛେଣ୍ଡିପଦା,୧।୧୧ :(ମନ୍ଥନ) ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ଜରପଡା ଥାନା ଅନ୍ତର୍ଗତ କତଡା ଗ୍ରାମ ପଞ୍ଚାୟତ ଅଧୀନ ବଡମୂଳ ଗ୍ରାମ ଠାରେ ପବିତ୍ର ଗଜ ଲକ୍ଷ୍ମୀ ପୂଜା ପାଳନ ଅବସରରେ ଏକ ଦିନିକିଆ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଲ୍ଡେନ ଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ କତଡା ପଞ୍ଚାୟତ ସରପଞ୍ଚ ଶ୍ରୀମତୀ କଳ୍ପନା ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ନେତା ରଣଜିତ ପ୍ରଧାନ, ସିଲୁ ସାହୁ, କେଶବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ତେବେ ପ୍ରତିକୂଳ ପାଣି ପାଗ ସତ୍ତ୍ୱେ ଏହି ଶିବିରରେ



ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନୁଗୋଳ ଜିଲ୍ଲା ରେଡ କ୍ରସ ରକ୍ତ ଭଣ୍ଡାର ସମସ୍ତ ପଦାଧିକାରୀ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଗୋଲ୍ଡେନ ଷ୍ଟାର କ୍ଲବ ସଭାପତି ଗୁରୁଦେବ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ସୁଶାନ୍ତ ସାହୁ, ସୀତାରାମ ସାହୁ, ଦୁର୍ଗା ପ୍ରାସାଦ ସାହୁ, ତପନ ରାଉଳ, ନନ୍ଦନ ବାରିକ, ମଦନ ବାରିକ, ପ୍ରିୟବ୍ରତ ସାହୁ, ସିଦ୍ଧାନ୍ତ ଦେହୁରୀ, ଗଜେନ୍ଦ୍ର ରାଉଳ, ଗଙ୍ଗା ରାଉଳ, ସ୍ୱପ୍ନେଶ୍ୱର୍ ସାହୁ, ସିଲୁ ସାହୁ, ଶିବୁନ ସାହୁ, ସିକୁନ ସାହୁ, ରିଙ୍କୁ ସାହୁ, ଏକାଦୁଶିଆ ସାହୁ, ପ୍ରିତିରାଜ ସାହୁ, ସୁବାସ ମୁଦୁଲି, ଗୟାଚାନ୍ଦ ସାହୁ, ସୁଧନ୍ୟା ସାହୁ ପ୍ରମୁଖ ଯୋଗ ଦେଇ ସକ୍ରିୟ ସହଯୋଗ କରିଥିଲେ ।

ଜେରେଙ୍ଗ ଦେହୁରୀ ସାହି: ଅନ୍ନପୂର୍ଣ୍ଣା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗଜ ଲକ୍ଷ୍ମୀ ପୂଜା ପାଳିତ


ଛେଣ୍ଡିପଦା,୧।୧୧ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜେରେଙ୍ଗ ଦେହୁରୀ ସାହି ଗ୍ରାମ ସ୍ଥିତ ଅନ୍ନପୂର୍ଣ୍ଣା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପବିତ୍ର ଗଜ ଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଧନ ଦାତ୍ରି ମା ଗଜ ଲକ୍ଷ୍ମୀ ଙ୍କ ମୃଣ୍ମୟୀ ପ୍ରତିମା କୁ ଏକ ସୁସଜ୍ଜିତ ପୂଜା ମଣ୍ଡପ ଠାରେ ଯଥାବିଧି ପୂଜାନୀତି ପୂର୍ବକ ପୌରାଣିକ ରୀତିନୀତି ଅନୁଯାୟୀ କଳସ ଯାତ୍ରା,ହୋମ ଯଜ୍ଞ, ପୁରାଣ ପାଠ, ନାମ ସଂକୀର୍ତ୍ତନ, ସାମୂହିକ ଅନ୍ନ ପ୍ରସାଦ ସେବନ ଆଦି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ



କରାଯାଇଥିଲା । ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଉତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ କୁମାର ଗଡ଼ନାୟକ, ସମ୍ମାନିତ ଜିଲ୍ଲା ପରିଷଦ ସଦସ୍ୟା ଭାନୁପ୍ରୀୟା ପ୍ରଧାନ, ଜରପଡା ମଣ୍ଡଳ ବିଜେପି ସଭାପତି ଜିବନାନନ୍ଦ ସାହୁ, ଯୁବ ନେତା ସୁଜିତ କୁମାର ସାହୁ, ସୁଦର୍ଶନ ବେହେରା, ସୁଜିତ କୁମାର ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଆଖ ପାଖ ଅଞ୍ଚଳର ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।ପୂଜା କମିଟି ସଭାପତି ଯୁଗଳ କିଶୋର ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ । ଏଥିସହ ମା ଗଜ ଲକ୍ଷ୍ମୀ ଙ୍କ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଥିଲା ।

କତଡା ଶ୍ରୀ ଲକ୍ଷ୍ମୀ ନାରାୟଣ ପୂଜା କମିଟି ପକ୍ଷରୁ ଗଜ ଲକ୍ଷ୍ମୀ ପୂଜା ପାଳିତ

ଛେଣ୍ଡିପଦା,୧।୧୧ :(ମନ୍ଥନ) ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କତଡା ଗ୍ରାମ ସ୍ଥିତ ଶ୍ରୀ ଲକ୍ଷ୍ମୀ ନାରାୟଣ ପୂଜା କମିଟି ପକ୍ଷରୁ ପବିତ୍ର ଗଜ ଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି । ଏହି ଅବସରରେ ଗଜ ଲକ୍ଷ୍ମୀ ପୂଜା ପାଳନ କରାଯିବାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଧୁମ ଧାମରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ ଯୋଗ ଦେଇ ମା ଲକ୍ଷ୍ମୀ ଠାକୁରାଣୀଙ୍କ ମୃଣ୍ମୟୀ ପ୍ରତିମା କୁ ଯଥାବିଧି ପୂଜା ନୀତି କରିବା ସହ ଜଗତ ବାସୀଙ୍କ ମଙ୍ଗଳ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବ୍ରଜ କିଶୋର ପ୍ରଧାନ , ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧକ୍ଷା ସୁମିତ୍ରା ସାହୁ,ଜିଲ୍ଲା ପରିଷଦ ସଦସ୍ୟା ଭାନୁପ୍ରୀୟା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ , ଅନୁଗୋଳ ଜିଲ୍ଲା ଓକିଲ ସଂଘ ସଭାପତି ଦିଲ୍ଲିପ କୁମାର ସାହୁ, ଯୁବ ଶିକ୍ଷା ଉଦ୍‌ଯୋଗୀ ପ୍ରିୟବ୍ରତ ସାହୁ, ସରପଞ୍ଚ କଲ୍ପନା ପ୍ରଧାନଙ୍କ ସମେତ ବହୁ



ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଉତ୍ସବ ପରୀପ୍ରେକ୍ଷୀରେ ହୋମ ଯଜ୍ଞ, ପୁରାଣ ପାଠ, ସାମୁହିକ ଅନ୍ନ ପ୍ରସାଦ ସେବନ ଆଦି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ଅହୋରାତ୍ର ନାମ ସଂକୀର୍ତ୍ତନ, ଭଜନ ଜଣାଣ, ମହିଳା ସଂକୀର୍ତ୍ତନ, ଦଣ୍ଡ ନାଚ, ମେଲୋଡି, କୁନି କୁନି ପିଲା ଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ଆଦି ସାଂସ୍କୃତିକ ଅୟୋଜନ କରାଯାଇଥିଲା। ପୂଜା କମିଟି ସଭାପତି ରଣଜିତ୍ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସଦସ୍ୟ ଶିବରାମ ପ୍ରଧାନ, ଇନ୍ଦ୍ରମଣି ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ସକ୍ରିୟ ସହଯୋଗ କରିଥିଲେ ।

ସ୍ୱର୍ଗତ ବୈଷ୍ଣବ ଚରଣ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

ମାହାଙ୍ଗା, ୧।୧୧ :(ମନ୍ଥନ)ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ନାହାଙ୍ଗ ଠାରେ ସ୍ୱର୍ଗତ ବୈଷ୍ଣବ ଚରଣ ମହାନ୍ତିଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ବୈଷ୍ଣବ ଚରଣ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଦିବଂଗତ ଆତ୍ମାର ସଦ୍‌ଗତି ପ୍ରାପ୍ତି ନିମନ୍ତେ ଦୁଇମିନିଟ୍ ପ୍ରାର୍ଥନା କରିଥିଲେ। ଜ୍ୟୋତିରଂଜନ ମହାନ୍ତି ଜଗନ୍ନାଥାଷ୍ଟକ ପାଠ କରିଥିଲେ। ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ଗୀତାର ପଂଚଦଶ ଅଧ୍ୟାୟ ପଠନ କରାଯାଇଥିଲା। ବେତାର କଣ୍ଠଶିଳ୍ପୀ ଅଜୟ ଜେନା ଭଜନ ପରିବେଷଣ କରିଥିଲେ। ଏହି ଉତ୍ସବରେ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଜନାର୍ଦ୍ଦନ ରାଉତ,ସାହିତ୍ୟିକ ଗୌତମ ଚରଣ ଜେନା, ଡ. ଭାବଗ୍ରାହୀ ରାଉତ, କବି ଭକ୍ତ ଚରଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି, କବି ପ୍ରଫୁଲ୍ଲ କୁମାର ସିଂ, ଅବସରପ୍ରାପ୍ତ ଶିକ୍ଷକ ଚୌ ପ୍ରଫୁଲ୍ଲ କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ପ୍ରବାଚକ ଶରତ ଚନ୍ଦ୍ର ରଥ, ଚୌ.ପ୍ରଫୁଲ୍ଲ କୁମାର ଦାସ, ସମାଜସେବୀ କଲ୍ଲୋଳ ଚନ୍ଦ୍ର ମହାନ୍ତି, ବିଜୁଜନତାଦଳର ବ୍ଲକସଭାପତି ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, ହରିବନ୍ଧୁ ରାଉତ, ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସାମ୍ବାଦିକ ଶଶିଭୂଷଣ ଷଡ଼ଙ୍ଗୀ, ସମୃଦ୍ଧି ଚିତରଂଜନ ମହାନ୍ତି, ହୃଷିକେଶ ସ୍ୱାଇଁ, କୁରୁଜଙ୍ଗା ସରପଂଚ କମଳାକାନ୍ତ ଦାଶ, ଜ୍ୟୋତିପ୍ରକାଶ ସ୍ୱାଇଁ, ପୂର୍ବତନ ସରପଂଚ ଭାଗବତ ସେଠୀ, ଆଶୁକବି ବିଜୟ କୁଅଁର,ସ୍ତମ୍ଭକାର ବିବେକାନନ୍ଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବୈଷ୍ଣବ ଚରଣ ମହାନ୍ତିଙ୍କ ସଂପର୍କରେ ଆଲୋକପାତ କରିଥିଲେ। ସେ ଜଣେ ସୁ-ସଂଗଠକ, ସମାଜସେବୀ, ସ୍ପଷ୍ଟବାଦୀ ଥିଲେ। ସେ ସରପଂଚ ଥିଲା ସମୟରେ ନାହାଙ୍ଗ ପଂଚାୟତ ପାଇଁ ଅନେକ କିଛି କାର୍ଯ୍ୟ କରିଛନ୍ତି। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ତାଙ୍କର ଉଦ୍ୟମ ସ୍ୱାଗତ ଯୋଗ୍ୟ ଥିଲା ବୋଲି ଅତିଥିମାନେ ମତ ଦେଇଥିଲେ।

ଆଞ୍ଚଳିକ ମନ୍ଥନ



ବନ୍ୟା ବିପନ୍ନ ଗାଁ ରେ ପାଲ ବାଣ୍ଟିଲେ ତହସିଲଦାର



କବିସୂର୍ଯ୍ୟନଗର,୧।୧୧ :(ମନ୍ଥନ) ବାତ୍ୟା ଅର୍ଣ୍ଣବ ପରେ ଗଞ୍ଜାମରେ ବନ୍ୟା ସ୍ଥିତି ବେହାଲ ହୋଇପଡିଛି। ଗଂଜାମ ଜିଲ୍ଲାରେ ଆସିକା, ଭଞ୍ଜନଗର, ସାନଖେମୁଣ୍ଡି, ସୋରଡ଼ା, ପୁରୁଷୋତ୍ତମପୁର, ଶେରଗଡ଼, ହିଞ୍ଜିଳି, କବିସୂର୍ଯ୍ୟନଗର ରେ ସ୍ଥିତି ଗମ୍ଭୀର ରହିଛି। ଯାହା ସୂଚନା ମିଳିଛି କବିସୂର୍ଯ୍ୟନଗର ବ୍ଲକ ର ଭେଟସିଙ୍ଗି ଗାଁ ବିଛିନ୍ନ ହୋଇପଡ଼ିଥିଲା।କବିସୂର୍ଯ୍ୟନଗର ବ୍ଲକ, ତହସିଲ ଓ ପୋଲିସ ମିଳିତ ସହଯୋଗରେ ବନ୍ୟା ପୂର୍ବରୁ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରିତ କରିଥିବା ବେଳେ ଅଗ୍ନିଶମ ବାହିନୀ ଡ଼ଙ୍ଗାରେ ତହସିଲଦାର ରବୀନ ଚର୍ଚ୍ଚିଲ ମିଶ୍ର, ଅତିରିକ୍ତ ତହସିଲଦାର ମନ୍ମଥ ବେହେରା, ଅତିରିକ୍ତ ବିଡ଼ିଓ ନାରାୟଣ ବେହେରା, ଥାନା ଅଧିକାରୀ ସଂଜିତ କୁମାର ବେହେରା ଓ ସମସ୍ତ ଷ୍ଟାପ ପ୍ରମୁଖ ଗାଁ ରେ ପହଁଚି ଶୁଖିଲା ଖାଦ୍ୟ, ମହମବତୀ ବଣ୍ଟନ କରିଥିବା ଜଣାଯାଇଛି। ବନ୍ୟା ବିପନ୍ନ ଥିବା ଲୋକଙ୍କ ପ୍ରତି ନଜର ରଖିବା ସହ ପାଣି, ଖାଦ୍ୟ ମଧ ବଣ୍ଟନ କରାଯାଇଛି। ପାଣି କମିବା ପରେ ଆଜି ପୁରା ପ୍ରଶାସନ ପକ୍ଷରୁ ଗାଁ ରେ ବ୍ଲିଚିଙ୍ଗ ପକାଇ ପାନୀୟ ଜଳକୁ ବିଶୋଧନ କରାଯାଇଛି। ରାସ୍ତା, ନାଳ ସଫେଇ କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପଶୁ ଡାକ୍ତର ଙ୍କ ଦ୍ୱାରା ଗାଈ ଗୋରୁ ଛେଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଦେଖିବାକୁ ମିଳିଛି। ସେହିପରି ରାଜସ୍ୱ ନିରକ୍ଷକଙ୍କ ତଦନ୍ତ ପରେ କ୍ଷତିଗ୍ରସ୍ତ ପରିବାରଙ୍କୁ ତହସିଲଦାରଙ୍କ ଉପସ୍ଥିତରେ ଜରି ପାଲ ବଣ୍ଟନ କରାଯାଇଛି।ସବୁଠୁ ବଡ଼ କଥା ହେଲା ବନ୍ୟା ସମୟରେ ଜିଲ୍ଲାପରିଷଦଙ୍କ ସ୍ୱାମୀଙ୍କ ସମେତ ୫ ଜଣ ଲୋକ ଭୟରେ ଗଛରେ ଆଶ୍ରୟ ନେଇଥିବା ବେଳେ ଖବର ପାଇ ଅତିରିକ୍ତ ତହସିଲଦାର ମନ୍ମଥ ବେହେରା ସମିତି ସଭ୍ୟ ସୂର୍ଯ୍ୟ ନାରାୟଣ ଭୂୟାଁ, ସରପଞ୍ଚ ଆର. ରାଧାକୃଷ୍ଣ ରେଡୀ ଅଗ୍ନିଶମ ବାହିନୀଙ୍କ ସହାୟତାରେ ବିପନ୍ନ ଦୁଇ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି।ଯାହା ସୂଚନା ରହିଛି ୮୦ ପରିବାର ଥିବା ଭେଟସିଙ୍ଗି ଗାଁ ପ୍ରତି କବିସୂର୍ଯ୍ୟନଗର ବ୍ଲକ ଓ ତହସିଲ ଅଧିକାରୀ ମାନେ,ପଞ୍ଚାୟତ ଅଧିକାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିବା ଜଣାଯାଇଛି।

ଜାତୀୟ ଏକତା ଦିବସ ଅବସରରେ ମିନି ମାରାଥନ୍ ଆୟୋଜିତ



କୁଚିଣ୍ଡା,୧।୧୧ :(ମନ୍ଥନ) ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ 'ନିଶାମୁକ୍ତ ଯୁବ ବିକଶିତ ଭାରତ ୧୦୦ ସପ୍ତାହ ଅଭିଯାନ' ଅନ୍ତର୍ଗତ ମେରା ଯୁବା ଭାରତ ସମ୍ବଲପୁର ଏବଂ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଙ୍କ ମିଳିତ ସହଯୋଗରେ କୁଚିଣ୍ଡାଠାରେ ଏକ ମିନି ମାରାଥନ୍ ଆୟୋଜିତ ହୋଇଥିଲା।ଏହି ଅବସରରେ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରଦୀପ କୁମାର ଦାଶ,ସ୍ପର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆର ସାଇଡ୍ ଇନ୍‌ଚାର୍ଜ ଅଭୟଦେବ ତିୱାରୀ,ଆଇଆଇସି କୁଚିଣ୍ଡା ରାଧାକାନ୍ତ ବାରିକ,ସାଂସଦଙ୍କ ପ୍ରତିନିଧି ରୁଦ୍ର ପ୍ରତାପ ଦେଓ,ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁବୋଧ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ ।ଏହା ସହ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୁଚିଣ୍ଡାର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ପ୍ରଣବ କୁମାର ଦ୍ୱିବେଦୀ, ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା, ଆଶା କଲେଜ ଅଫ୍ ନର୍ସିଂର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ, ବ୍ଲକ୍ କାର୍ଯ୍ୟାଳୟର କର୍ମଚାରୀ ଏବଂ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇଥିଲେ। ଏହି ମାରାଥନ୍‌ରେ ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀ ଉତ୍ସାହର ସହିତ ଭାଗ ନେଇଥିଲେ।କାର୍ଯ୍ୟକ୍ରମରେ ଅତିଥିମାନେ ଜାତୀୟ ଏକତା, ଅଖଣ୍ଡତା, ଦେଶପ୍ରେମ ଓ ସାମାଜିକ ସଦ୍‌ଭାବନାର ଗୁରୁତ୍ୱ ଉପରେ ନିଜ ନିଜର ମତାମତ ରଖିଥିଲେ। ଏକ ସୁଦୃଢ଼ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଯୁବପିଢ଼ିଙ୍କ ଏକତା ଓ ସକ୍ରିୟ ଭୂମିକା ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ।ଏହା ସହିତ 'ନିଶାମୁକ୍ତ ଯୁବ – ବିକଶିତ ଭାରତ' ଅଭିଯାନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣାଇବା, ନିୟମିତ ବ୍ୟାୟାମ ଓ କ୍ରୀଡ଼ାରେ ଅଂଶଗ୍ରହଣ କରିବା ସହିତ ଦେଶର ବିକାଶରେ ଯୋଗଦାନ କରିବାକୁ ଆହ୍ୱାନ ଦିଆଯାଇଥିଲା।ଏହି ମିନି ମାରାଥନ୍ କେବଳ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ନୁହେଁ, ବରଂ ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟ ଏକତା, ଶୃଙ୍ଖଳା, ସୁସ୍ଥତା ଓ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରସାର କରିବାର ଏକ ଉଲ୍ଲେଖନୀୟ ପ୍ରୟାସ ଥିଲା।କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ମେରା ଯୁବା ଭାରତ, ସମ୍ବଲପୁରର ଏନ୍‌ୱାଇଭି ସ୍ୱେଚ୍ଛାସେବିକା ସୌମିତ୍ରୀ ପ୍ରୁସେଠ, ମନ୍ଦାକିନୀ ମେହେର, ବିଜେପି ଯୁବମୋର୍ଚ୍ଚା ହେମାନନ୍ଦ ସାହୁ ଏବଂ ଲୋରିନା ପଟେଲ ବିଶେଷ ଭାବେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ କୁ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ପରିଚାଳନା କରିଥିବାବେଳେ,ପ୍ରଣବ କୁମାର ଦ୍ୱିବେଦୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

କାନାରା ବ୍ୟାଙ୍କ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତ କରଣ ସଂତୃପ୍ତି ଶିବିର

ଅସ୍ତରଙ୍ଗ,୧।୧୧ :(ମନ୍ଥନ)ଅସ୍ତରଙ୍ଗ ଶାଖା କାନାରା ବ୍ୟାଙ୍କ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତ କରଣ ସଂତୃପ୍ତ ଅଭିଯାନ ଶିବିର ନୂଆଗଡ ଠାରେ ଆୟୋଜିତ ହୋଇଥିଲା। ଭାରତ ସରକାରଙ୍କ ସଂଗଠନ ପରିସର ଦ୍ୱାରା ଶୃଙ୍ଖଳାବଦ୍ଧ ଯୋଜନା କାର୍ଯ୍ୟକାରିତା ନେଇ ଆୟୋଜିତ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାୟ ଦୁଇ ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ନେଇ ଭାରତ ସରକାରଙ୍କ ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାର କାର୍ଯ୍ୟକାରିତା ଓ ଉପାଦେୟତାକୁ ନେଇ ଭୁବନେଶ୍ୱର ଆଞ୍ଚଳିକ ମଣ୍ଡଳ ପ୍ରବନ୍ଧକ କେ. ସୁରେଶ ରେଡି ଉପସ୍ଥିତ ମହିଳା ମାନଙ୍କୁ ଅବଗତ କରାଇଥିଲେ। ଯୋଜନା ସମୂହ ମଣିଷର ଭବିଷ୍ୟତ ଜୀବନ ଶୈଳୀକୁ ଆର୍ଥିକ ମାନଦଣ୍ଡ ଉପରେ କେତେ ପ୍ରଭାବିତ କରି ସୁଦୃଢ଼ କରିପାରିବ ତା ଉପରେ ସବିଶେଷ ତଥ୍ୟ



ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଭାରତ ସରକାରଙ୍କ ଏହି ଲୋକାଭିମୁଖୀ ଯୋଜନା ସମୂହ କାର୍ଯ୍ୟକାରିତା ହୋଇପାରିଲେ ଆର୍ଥିକ ମାନଦଣ୍ଡର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍ତ୍ରୀ ଶକ୍ତି ମାଧ୍ୟମରେ ଏସଏଚଜି ମହିଳା ମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ଚିନ୍ହଟ କରି ଅର୍ଥ ବ୍ୟବସ୍ଥା କରାଯିବ ବୋଲି ଅସ୍ତରଙ୍ଗ ଶାଖା ପରିଚାଳକ ମହିମା ପ୍ରସାଦ ସାହୁ କହିଥିଲେ। ଅସ୍ତରଙ୍ଗ ବ୍ଲକ ମିଶନ ଶକ୍ତି ଅଧିକାରିଣୀ ଟିକିନା ବେହେରା କହିଥିଲେ ଯୋଜନା ଗୁଡିକ ସୁଚାରୁରୂପେ ବିନିଯୋଗ ହୋଇପାରିଲେ ମହିଳା ମାନେ ଆର୍ଥିକ କ୍ଷେତ୍ରରେ ସଶକ୍ତ ହୋଇ ପାରିବେ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ୟାଙ୍କ ଅଧିକାରୀ ଶୁଭ୍ରାଂଶୁ ପାତ୍ର, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାଟିରେ ମିଶିଲାଣି ଶିକ୍ଷା ବ୍ୟବସ୍ଥା

ଖଣ୍ଡପଡ଼ା,୧।୧୧ :(ମନ୍ଥନ) ରାଜ୍ୟରେ ଗତ ୨୦୧୯ ମସିହାରେ ଏକ ଅଭାବନୀୟ ନିଷ୍ପତ୍ତି କ୍ରମେ ଅନେକପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସଂପୂର୍ଣ୍ଣ ବନ୍ଦ କରିଦିଆଗଲା। ବିଦ୍ୟାଳୟ ଗୁଡିକ ଆଦିବାସୀ ଅଧ୍ୟୁଷିତ ତଥା ଆର୍ଥିକ ଅନଗ୍ରସର ଅଞ୍ଚଳରେ ଅବସ୍ଥିତ ଥିବାରୁ ସେଠାକାର ପିଲାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯିବାଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତ ଅଧୀନ ସାରଣ୍ଡା ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିକୁ ଇତି ମଧ୍ୟରେ ୭ ବର୍ଷ ବିତିଥିବା ବେଳେ ଏ ଦିଗରେ ପୁନର୍ବିଚାର କରିବାକୁ ଦାବି ହୋଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଭାବନୀୟ ନିଷ୍ପତ୍ତି କ୍ରମେ ସରକାରୀ ବିଦ୍ୟାଳୟ ଗୁଡିକ ମିଶ୍ରଣ ଏବଂ ବନ୍ଦ କରିବା ପ୍ରକ୍ରିୟା ଗ୍ରହଣ କରାଯାଇଥିଲା। ଜନ ଅସନ୍ତୋଷ ସତ୍ତ୍ୱେ ସେତେବେଳେ ଖଣ୍ଡପଡ଼ା ବ୍ଲକର ମୋଟ ୧୭ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବନ୍ଦ କରିଦିଆଯାଇଥିଲା। ଫଳରେ ଆଦିବାସୀ ଅଧ୍ୟୁଷିତ ସିଙ୍ଘାପଡ଼ା ପଞ୍ଚାୟତ ଅଧୀନ



ସାରଣ୍ଡା ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲିଥିଲା। ଏ ନେଇ ଅଞ୍ଚଳ ବାସିନ୍ଦା ତଥା ଜନପ୍ରତିନିଧି ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନଥିଲା। ସ୍ଥିତି ଏଭଳି ଯେ ଗ୍ରାମର କୋମଳମତି ଶିଶୁ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଦେଇ ପ୍ରାୟ ୪ କିମି ଦୂର ନୂଆପଲ୍ଲୀ ଗ୍ରାମକୁ ପାଠ ପଢିବାକୁ ଯାଉଛନ୍ତି। ଇତିମଧ୍ୟରେ ଅନେକ ଛାତ୍ରଛାତ୍ରୀ ପାଠପଢା ଛାଡିଦେଇଥିବା ବେଳେ କିଛି ଆଶ୍ରମ ବିଦ୍ୟାଳୟରେ ପଢୁଥିବା ଗ୍ରାମବାସୀଙ୍କ ସୂତ୍ରରୁ ସୂଚନା ମିଳିଛି। ଅଭିଭାବକ ତଥା ବୁଦ୍ଧିଜୀବୀଙ୍କ କହିବା କଥା ସରକାରୀ ସ୍କୁଲରେ ପିଲା କମିବାର କାରଣକୁ ସରକାର ତର୍ଜମା ନକରି ସ୍କୁଲ ବନ୍ଦକୁ ପ୍ରୋତ୍ସାହନ ଦେବା ଦୁର୍ଭାଗ୍ୟଜନକ ନିଷ୍ପତ୍ତି ହୋଇଥିବା ବେଳେ ସାରଣ୍ଡା ପ୍ରାଥମିକ ବିଦ୍ୟାଳୟରେ ସବୁଦିନ ପାଇଁ ତାଲା ଝୁଲିଥିଲା। ସିଙ୍ଘାପଡ଼ା ପଞ୍ଚାୟତ ଠାରୁ ପ୍ରାୟ ୭ କିମି ଦୂର ସାପୁଆ ସଂରକ୍ଷିତ ଜଙ୍ଗଲ ନିକଟରେ ଲୋକଙ୍କ ପାଇଁ ବିକଳ୍ପ ନଥିବା ବେଳେ ବିଦ୍ୟାଳୟ ବନ୍ଦ ଭଳି ଏକ ବିବାଦୀୟ ନିଷ୍ପତ୍ତି ନେଇଥିଲା ଶିକ୍ଷା ବିଭାଗ। ପରିଣାମସ୍ୱରୂପ ଗ୍ରାମରେ କୋମଳମତି ଶିଶୁଙ୍କ ଶିକ୍ଷା ଭଳି ମୌଳିକ ବ୍ୟବସ୍ଥା ମାଟିରେ ମିଶିଛି। ଏ ସମ୍ପର୍କରେ ସିଙ୍ଘାପଡ଼ା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ନନ୍ଦ ସେତେବେଳେ ପଞ୍ଚାୟତ ସମିତି ବୈଠକ ସହିତ ଅନେକ ସ୍ଥାନରେ ପ୍ରତିବାଦ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ବିଦ୍ୟାଳୟ ବନ୍ଦ ଘଟଣାକୁ ପ୍ରାୟ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବା ବେଳେ ଏବେ ତାହା ଭୁତକୋଠିରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଥିବା ଉକ୍ତ ବିଦ୍ୟାଳୟକୁ ଖୋଲିବାକୁ ଦାବି ହୋଇଛି।

ବୁଗୁଡ଼ା ବ୍ଲକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ ସଂଖ୍ୟା ୮କୁ ବୃଦ୍ଧି

ବୁଗୁଡ଼ା,୧।୧୧ :(ମନ୍ଥନ) ସ୍ଥାନୀୟ ବ୍ଲକ ପ୍ରଶାସନ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା କରିବା ପାଇଁ ସଜାଗ ହୋଇରହିଛି। ବାତ୍ୟା ବେଳେ ଲୋକଙ୍କ ସୁରକ୍ଷା, ଜରୁରୀକାଳୀନ ସେବା ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବିଡିଓ ଦୃତିକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ପୂର୍ବରୁ ବୁଗୁଡ଼ା ବ୍ଲକର କରସିଙ୍ଗି ଓ କରଚୁଲି ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣି, ନୂଆଁପଲ୍ଲୀ,ଶୁଳିଆପଲ୍ଲୀ, ସମଲେଇ, ପୋକଶୁଙ୍ଗା, ବେଢାଖାଲି ଆଦି ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କରଚୁଲି, ସମଲେଇ ଓ ଖୋଳଖାଲି ଆଦି ସ୍ଥାନରେ ୩ଟି ଆଶ୍ରୟସ୍ଥଳୀରେ ୧୨୭ ଜଣଙ୍କ ରହଣି ବ୍ୟବସ୍ଥା କରାଯାଇଥିଲା ବେଳେ ଏବେ ପୁଣି ଗୌଡିଆବୋରଦା, ମୋଟାବାଡ଼ି, ତାଳସର, କାନସାରଳା, ନୂଆଁପଲ୍ଲୀ ଆଦି ସ୍ଥାନରେ ଆଉ ୫ଟି ଆଶ୍ରୟସ୍ଥଳୀରେ ୩୬୩ ଜଣଙ୍କ ରହଣି ବ୍ୟବସ୍ଥା କରାଯାଇଛି।

ଶୋକସନ୍ତପ୍ତ ପରିବାର ପାଖରେ ପହଞ୍ଚିଲା ବହୁମୁଖୀ ଯୁବ ସମନ୍ୱିତ ଚାରିଟେବୁଲ ଟ୍ରଷ୍ଟ

ଅସ୍ତରଙ୍ଗ,୧।୧୧ :(ମନ୍ଥନ) ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଶରିପୁର ପଞ୍ଚାୟତର ଜେନାପୁରୁ (ମୁଦୁଗଲ) ଗ୍ରାମ ନିବାସୀ ପ୍ରଶାନ୍ତ ମୁଦୁଲିଙ୍କ ଧର୍ମପତ୍ନୀ ଲୋଭାମତି ମୁଦୁଲିଙ୍କର ପ୍ରବଳ ବର୍ଷା ଯୋଗୁଁ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦୁଃଖଦ ମୃତ୍ୟୁ ଘଟିଥିଲା । ଏହି ଅକାଳ ମୃତ୍ୟୁ ସମଗ୍ର ଅଞ୍ଚଳକୁ ଶୋକାକୁଳ କରିଦେଇଛି। ଏଭଳି ହୃଦୟବିଦାରକ ଘଟଣାରେ ବହୁମୁଖୀ ଯୁବ ସମନ୍ୱିତ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୋକସନ୍ତପ୍ତ ପରିବାରଙ୍କ ବାସଭବନରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।ଏହି ସେବା କାର୍ଯ୍ୟରେ ଚାରିଟେବୁଲ ଟ୍ରଷ୍ଟ ର ପୁରୀ ଜିଲ୍ଲା ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ,ଅତୁଲ୍ୟ ଜେନା, ଶୁଭାଶିଷ ମିଶ୍ର, ଓମ ପ୍ରକାଶ ବସ୍ତିଆ, ବବୁଲ ନାୟକ, ରମାକାନ୍ତ ସ୍ୱାଇଁ, ହରିହର ରଥ,ରମେଶ ମହାନ୍ତି ପ୍ରମୁଖ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଟ୍ରଷ୍ଟ ର ମୁଳ ଲକ୍ଷ୍ୟ ହେଲା ଅସହାୟ ଓ ଦୁଃଖୀ ଲୋକଙ୍କ ଦୁଃଖ ସମୟରେ ସେମାନଙ୍କ ପାଖରେ ଠିଆ ହେବା ଓ ସାହାଯ୍ୟ ସହଯୋଗ ର ହାତ ବଢ଼ାଇବା ପାଇଁ ଦୃଢ଼ ସଙ୍କଳ୍ପ ବଧ ବୋଲି ସମ୍ପାଦକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗଡିଆସାହି ପଞ୍ଚାୟତରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ


ଖଣ୍ଡପଡ଼ା,୧।୧୧ :(ମନ୍ଥନ)ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତ ଅଧୀନ କଲ୍ୟାଣ ମଣ୍ଡପରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗତ ପ୍ରାୟ ଅଢେଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବା ବେଳେ ଏବେ ମଧ ଲୋକେ ମୌଳିକ ସୁବିଧା ନିମନ୍ତେ ପ୍ରଶାସନ ପାଖକୁ ଦୌଡୁଥିବା ବେଳେ ଏଣିକି ବିକଳ୍ପ ରାଜନୈତିକ ବ୍ୟବସ୍ଥା ଦରକାର ବୋଲି ଏହି ବୈଠକରେ ମତପ୍ରକାଶ ପାଇଥିଲା। ଆଜି ସନ୍ଧ୍ୟାରେ ଶ୍ରୀ ପଟ୍ଟନାୟକ ଗଡିଆସାହି ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ମାତୃମଣ୍ଡଳୀ ପାରମ୍ପରିକ ଭାବେ ପାଛୋଟି ନେଇଥିଲେ। ଅନ୍ୟପକ୍ଷରେଗଡିଆସାହି ସହିତ ଶ୍ରୀ ପଟ୍ଟନାୟକଙ୍କର ଥିବା ଆବେଗଭରା ସମ୍ପର୍କ ବାବଦରେ ମଧ ମତବ୍ୟକ୍ତ କରିଥିଲେ। ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମୀ ସମ୍ମିଳନୀ ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ବରିଷ୍ଠ ସଂଗଠକ ଜିତେନ୍ଦ୍ର କୁମାର ରଣସିଂହ, ଶିବଶଙ୍କର ସାହୁ, ବିପିନ ବାରିକ, କୃପାସିନ୍ଧୁ ବରାଡ଼ ପ୍ରମୁଖ ସାମିଲ ଥିଲେ। ବୈଠକରେ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ସାମିଲ ହେବା ସହିତ ଆସନ୍ତା ନିର୍ବାଚନରେ ପରିବାର ଭଳି ଏକାଠି ହୋଇ ଲଢିବା ନିମନ୍ତେ ସଂକଳ୍ପ ନେଇଥିବା ସୂଚନା ମିଳିଛି।

ଆମ୍ବଗଡ଼, ପଦରବାଲି ଚୋରି ଘଟଣା, ୩ ଲୁଟେରା ଗିରଫ

କୁକୁଡାଖଣ୍ଡି, ୧।୧୧ :(ମନ୍ଥନ) ସଦର ଥାନା ପୋଲିସକୁ ମିଳିଛି ବଡ଼ ସଫଳତା ଓ ଗତ ୨୯ ଓ ୩୦ ତାରିଖ ବିଳମ୍ବିତ ରାତିରେ ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ଏବଂ ପଦରବାଲି ଅଞ୍ଚଳରେ ଥ?ିବା ଦୁଇଟି ବ୍ୟବସାୟିକ ପ୍ରତିଷ୍ଠାନରୁ ହୋଇଥିବା ଚୋରି ମାମଲାର ପୋଲିସ ପର୍ଦ୍ଦାଫାଶ କରିଛି ଓ ଏହି ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ହୋଇଥିବା ନଗଦ ଟଙ୍କା, ବାଇକ୍ ଏବଂ ଚୋରିରେ ବ୍ୟବହୃତ ଲୁହାରୋଡ୍ ଜବତ କରିଛି ଓ ଘଟଣାରୁ ପ୍ରକାଶ ଯେ, ଦୁର୍ବୃତ୍ତମାନେ ଉଭୟ ଦୋକାନର ସଟର ଭାଙ୍ଗି ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଏ ନେଇ ସଦର ଥାନାରେ କେସ୍ନଂ ୬୪୯/୨୦୨୬ ଏବଂ ୫୦/ ୨୦୨୬ ଅନୁଯାୟୀ ମାମଲା ରୁଜୁ ହୋଇ ଥିଲା ଓ ତେବେ ପଦରବାଲି ଅଞ୍ଚଳରେ ଚୋରି କରି ଫେରାର ହେଉଥିବା ସମୟରେ ଏଏସଆଇ ସୁମନ ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ଏକଟିମ୍ ପାଟ୍ରୋଲିଂ କରିବା ସମୟରେ ତିନି ଜଣଙ୍କୁ କାବୁ କରିଥିଲା ଓ ପରେ ଜେରା ବେଳେ ଉଭୟ ଚୋରି ଘଟଣାରେ ସଂପୃକ୍ତି ଥିବା ସ୍ୱୀକାର କରିଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଶାନ୍ତିନଗରର ରୋଶନ ନାୟକ (୨୧), ଲକ୍ଷ୍ମୀ ବିହାର ୪ର୍ଥ ଲେନର ଗଣେଶ କୁମାର ସାହୁ (୧୯)ଏବଂ ଜଗବନ୍ଧୁ ହୁଡ଼ା ସାହି ଆପାର୍ଟମେଣ୍ଟର ରିଙ୍କୁ ସାହୁ (୧୯) । ଆଜି ଅଭିଯୁକ୍ତମାନଙ୍କୁ ଗିରଫ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି । ସେମାନଙ୍କ ନିକଟରୁ ଚୋରି ନଗଦ ୬,୭୦୦ ଟଙ୍କା, ଅପରାଧରେ ବ୍ୟବହୃତ ଏକ ମୋଟରସାଇକେଲ, ଏବଂ ସଟର ଭାଙ୍ଗିବା ପାଇଁ ବ୍ୟବହୃତ ଏକ ଲୁହା ରୋଡ୍ ଜବତ କରିଛି ।

ମଣ୍ଡଳ ସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ


ଡେଲାଙ୍ଗ,୧।୧୧ :(ମନ୍ଥନ) ଡେଲାଙ୍ଗରେ ମଣ୍ଡଳ ସ୍ତରୀୟ ସୁରଭି ପ୍ରତିଯୋଗିତା ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଆଶ୍ରୀତ ପଟ୍ଟନାୟକ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରିଥିଲେ। ପୂର୍ବାହ୍ନ ରେ ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷା ରମାଦେବୀ ରାଉତରାୟ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ଏବିଇଓ ଲକ୍ଷ୍ମଣ ପ୍ରଧାନ,ବିଜୟ କୁମାର ସେଠୀ, ପ୍ରାକ୍ତନ ବିଇଓ ସଚିଦାନନ୍ଦ ପ୍ରଧାନ,ପ୍ରାକ୍ତନ ସରପଞ୍ଚ ଦୁର୍ଗା ଚରଣ ରାଉତରାୟ , ସିଆରସିସି ଲୋକନାଥ ପ୍ରଧାନ,ମହତାବ ଉଚ୍ଚ ବିଦ୍ୟାଳୟର ଆଲୁମିନ ଅଧ୍ୟକ୍ଷ ଭାସ୍କର ସ୍ୱାଇଁ, ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ବଳବନ୍ତରାୟ , ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାସ, ପବିତ୍ର ଜେନା ପ୍ରମୁଖ ଯୋଗଦେଇ ସୁରଭି ହିଁ ଛାତ୍ର ଛାତ୍ରୀଙ୍କ ସୃଜନଶୀଳ ପ୍ରକାଶର ଏକ ମାଧ୍ୟମ ବୋଲି କହି ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ସନ୍ଧ୍ୟାର ସଭାପତି ମଣ୍ଡଳ ଶିକ୍ଷା ଅଧିକାରୀ ଅତିଥି ଭାବେ ବିଧାୟକ



ଆଶ୍ରୀତ୍ ପଟ୍ଟନାୟକ, ଆମ୍ବା ଅଧ୍ୟକ୍ଷ ଲଡୁ କିଶୋର ରାୟ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ,ଏବିଇଓ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କ ଚିତ୍ତାକର୍ଷକ ନୃତ୍ୟ ଗୀତରେ ଅଭିଭୂତ ହୋଇ ସୁରଭି ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କ ପ୍ରଚ୍ଛନ୍ନ ପ୍ରତିଭା ପ୍ରକାଶରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୁରୁଜନଙ୍କ ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରି ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ର ମହାନତାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।ସମୃଦ୍ଧ ଭାଷା ଓ ସମୃଦ୍ଧ ଓଡିଶା ଉପରେ ୪ର୍ଥରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୦୮ ଜଣ ଛାତ୍ରଛାତ୍ରୀ ବିତର୍କ, ସୃଜନଶୀଳ ଲିଖନ,ବକ୍ତୃତା, ଚିତ୍ରକଳା, କୁଇଜ୍, ରଚନା, ଗୀତ ଆଦି ୨୭ ଟି ବିଭାଗର ୧ମ,୨ୟ ଓ ୩ୟ ସ୍ଥାନ ହାସଲ କରିଥିବା ମୋଟ ୯୯ ଜଣ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା । ସିଆରସିସି ତପନ ମଲ୍ଲିକ ଅତିଥି ପରିଚୟ ଦେଇଥିଲେ। ଦୁର୍ଯ ?ଧନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଚିନ୍ମୟ ନାୟକ,ମନୋରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ନାୟକ,ସିଆରସିସି ଦୟାନନ୍ଧ ମାର୍ଥା,ସୁଦୀପ୍ତ ପରିଡ଼ା, କ୍ଷେତ୍ରବାସୀ ଆଲୁଙ୍କଙ୍କ ସହ ୧୬ ଟିସାଧନ କେନ୍ଦ୍ରର ସିଆରସିସି ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ କୁ ମହତାବ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।ସବୁ ସିଆରସିସି ଓ ସହଯୋଗୀ ଶିକ୍ଷକ ମାନଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

ଧୂଷୁରୀ ଥାନା ଅନ୍ତର୍ଗତ ରଇପୁର ଗାଁରେ ବନ୍ଧୁକ ମୁନରେ ଡକାୟତି,ସୁନାଗହଣା ସହ ୭୦ ହଜାର ଟଙ୍କା ଲୁଟ୍

ଧାମନଗର,୧।୧୧ :(ମନ୍ଥନ) ଧାମନଗର ବ୍ଲକ ଧୂଷୁରୀ ଥାନା ଅଧିନସ୍ଥ ରଇପୁର ଗ୍ରାମ ପଞ୍ଚାୟତର କଣ୍ଟିକା ଗାଁରେ ଏକ ସଶସ୍ତ୍ର ଡକାୟତି ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ପରିବାର ସଦସ୍ୟଙ୍କୁ ଭୟଭୀତ କରି ଦୁର୍ବୃତ୍ତମାନେ ସୁନାଗହଣା ସହ ନଗଦ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଫେରାର ହେବା ସମୟରେ ଗ୍ରାମବାସୀ ଘେରିଯିବାରୁ ଦୁର୍ବୃତ୍ତମାନେ ଫାଙ୍କା ଗୁଳିଚାଳନା କରି ଖସି ପଳାଇଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, କଣ୍ଟିକା ଗାଁର ପିତବାସ ରାଉତଙ୍କ ଘରେ ଗତକାଲି ରାତି ପ୍ରାୟ ୧୦ଟା ୧୫ ମିନିଟ୍ ସମୟରେ ଏହି ଘଟଣା ଘଟିଥିଲା। ପିତବାସ ପରିସ୍ରା କରିବା ପାଇଁ ଘର ବାହାରକୁ ଯାଇଥିବା ସମୟରେ ଡକାୟତମାନେ ତାଙ୍କୁ ଆକ୍ରମଣ କରି ଘର ଭିତରକୁ ପଶିଥିଲେ। ପିତବାସଙ୍କ ବଡ଼ଭାଇଙ୍କ ସୁଧର୍କର୍ମ ଅବସରରେ ଘରେ ପରିବାର ସଦସ୍ୟଙ୍କ ସମେତ ବିବାହିତ ଝିଅ, ବୋହୂ ଓ ଛୋଟ ପିଲାମାନେ ଉପସ୍ଥିତ ଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ସମସ୍ତଙ୍କୁ ଭୟଭୀତ କରିବା ସହ ସେମାନଙ୍କ ପିନ୍ଧିଥିବା ସୁନା ଅଳଙ୍କାର ଲୁଟି ନେଇଥିଲେ। ଏହାପରେ ଆଲମିରା ଭାଙ୍ଗି ସେଥିରେ ଥିବା ସୁନାଗହଣା ଓ ନଗଦ ଟଙ୍କା ମଧ ନେଇଯାଇଥିଲେ।ଡକାୟତମାନେ ଘରେ ପଶିବା ସମୟରେ ପିତବାସଙ୍କ ବୋହୂ ଭଦ୍ରକରେ ରହୁଥିବା ତାଙ୍କ ପୁଅଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ପୁଅଙ୍କଠାରୁ ସୂଚନା ପାଇ ଧୂଷୁରୀ ପୁଲିସ ପ୍ରାୟ ୨୦ ମିନିଟ୍ ମଧ୍ୟରେ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲା। ଡକାୟତମାନେ କେଉଁ ଦିଗରେ ଫେରାର ହୋଇଥାଇପାରନ୍ତି,ସେନେଇ ଅନୁମାନ କରି ତିହିଡ଼ି ପୁଲିସକୁ ମଧ ସୂଚନା ଦିଆଯାଇଥିଲା। ପରେ ତିହିଡ଼ି ପୁଲିସ ମଧ ଘଟଣାସ୍ଥଳରେ ପହଞ୍ଚିଥିଲା।ଉଭୟ ଥାନାର ପୁଲିସ ରାତିସାରା ଘଟଣାସ୍ଥଳରେ ରହି ତଦନ୍ତ ଚଳାଇଥିଲେ। ସକାଳେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ଛାନ୍‌ଭିନ୍ କରାଯାଇଥିଲା। ତେବେ ତଦନ୍ତ ଜାରି ରହିଥିବାବେଳେ ଡକାୟତମାନଙ୍କ ସମ୍ପର୍କରେ ଏଯାଏଁ କୌଣସି ସ୍ପଷ୍ଟ ସୂଚନା ମିଳିନଥିବା ଜଣାପଡିଛି।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

କୋଟିଆ ବିବାଦ

କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜ (୨୧ଟି ଗାଁ ଓ ସାତଟି ପଡ଼ାଗାଁ)କୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଭିତରେ ଯେଉଁ ବିବାଦ ଦୀର୍ଘ କାଳ ଧରି ଲାଗିରହିଛି । ଏଠାରେ ତାହାର ପୃଷ୍ଠଭୂମି ଓ ବିବାଦୀୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବା । ୧୯୩୬ ମସିହା ମାର୍ଚ୍ଚ ୩ ତାରିଖରେ ଭାରତ ସରକାରଙ୍କ ଆଇନ ୧୯୩୫ ଅଧୀନରେ ଓଡ଼ିଶା ପ୍ରଦେଶ ଗଠନର ଆଦେଶ ନିର୍ଗମନ ହେଲା । ସେହି ଆଦେଶନାମାର ସଂଲଗ୍ନ ଦ୍ୱିତୀୟ ସୂଚୀରେ ଓଡ଼ିଶାର ସୀମା ନିର୍ଦ୍ଧାରଣ କରାଯାଇ ଉଲ୍ଲେଖ ରହିଲା ଯେ ଅବିଭାଜ୍ୟ ଜୟପୁର ଜମିଦାରିର ସମସ୍ତ ଅଂଶ ଓ ଏହାର ସୀମା ଓଡ଼ିଶାର ସୀମା ହେବ ଏବଂ ଏହି ସୀମା ପଟାଙ୍ଗି ତାଲୁକର ସୀମାକୁ ସ୍ପର୍ଶ କରି ସେହି ତାଲୁକର ଯେଉଁ ଗ୍ରାମଗୁଡ଼ିକ ଜୟପୁର ଅବିଭାଜ୍ୟ ଜମିଦାରୀର ଅଂଶ ଓ ଜମିଦାରିର ଅଂଶ ନ ଥିଲେ ବି ସମସ୍ତ ପଟାଙ୍ଗି ତାଲୁକ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହେବ । କୋଟିଆ ସମେତ ଏହି ଏକୋଇଶଟି ବିବାଦୀୟ ଗ୍ରାମ ପଟାଙ୍ଗି ତାଲୁକରେ ଥାଇ ଓଡ଼ିଶା ପ୍ରଦେଶର ଅଂଶ ହେଲା । ପରବର୍ତ୍ତୀ ସମୟରେ ତତ୍ ?କାଳୀନ ଓଡ଼ିଶା ସରକାର ବିହାର ସରକାରଙ୍କୁ ଏହି ଦକ୍ଷିଣ ସୀମାନ୍ତର କାଡେଷ୍ଟ୍ରାଲ ସର୍ଭେ ? କରିବାକୁ ଅନୁରୋଧ କରିବାରୁ ସର୍ଭେ ? ଆରମ୍ଭ ହୋଇଥିଲେ । କିନ୍ତୁ ଏହି ଏକୋଇଶଟି ଗାଁର ଭୌଗୋଳିକ ଅବସ୍ଥିତି ହେତୁ ସରଜମିନ ସର୍ଭେ ? କରିବାରେ ଅସୁବିଧା ହେଲା । ତେଣୁ ମାନଚିତ୍ରରେ ସୀମା ଦେଖା ନ ହୋଇଥିଲେ ବି ବିଭିନ୍ନ ସୀମାରେ ପଥରର ସ୍ତୂପ ଚିହ୍ନ ସ୍ୱରୂପ ରଖିଥିଲେ ଯାହା ଏବେ ବି ରହିଛି । ୧୯୪୨ ମସିହାରେ ମାଡ୍ରାସ ପ୍ରଦେଶ ସରକାର (ଆନ୍ଧ୍ରପ୍ରଦେଶ ହୋଇ ନ ଥାଏ) ତାଙ୍କର ସହକାରୀ ସର୍ଭେ ? ଅଧିକାରୀ ଏଚ.ଏସ. ଗିଲ୍ ?ବିଙ୍କୁ ଏହି ଗ୍ରାମପୁଞ୍ଜର ସୀମା ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ସେ ମହାଶୟ ଏହାର ସୀମା ନିର୍ଦ୍ଧାରଣ କରି ଦେଖାଇଲେ ଯେ ଏହି ଗ୍ରାମଗୁଡ଼ିକ ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଗତ । ସେତେବେଳର କୋରାପୁଟର ବ୍ରିଟିସ କଲେକ୍ ?ଟର ବା ଓଡ଼ିଶା ସରକାର ଏହାକୁ ଆପତ୍ତି କଲେନାହିଁ । ୧୯୫୫ ମସିହାରେ ମାନ୍ଦ୍ରାଜ ସରକାରଙ୍କ କେତେକ ଅଧିକାରୀ ଏହି ଗାଁମାନଙ୍କରୁ ହଳ କର ଖଜଣା ଆଦାୟ ପାଇଁ ଚେଷ୍ଟା କରିବାରୁ ଓଡ଼ିଶା ତରଫରୁ ପ୍ରତିବାଦ କରାଯାଇଥିଲା ।

୧୯୬୮ ମସିହାରେ ଆନ୍ଧ୍ର ପୁଲିସର ଗୋଟିଏ ଦଳ ଆସି କୋଟିଆ ପାଖରେ ଏକ ପୁଲିସ ଫାଣ୍ଡି ବସାଇବା ପାଇଁ ଉଦ୍ୟମ କରିବାରୁ ତତ୍ ?କାଳୀନ କୋରାପୁଟ ଜିଲ୍ଲା ପୁଲିସ ଅଧୀକ୍ଷକ ତାଙ୍କର ପ୍ରତିପକ୍ଷ ବିଶାଖାପାଟଣା ଜିଲ୍ଲା (ବିଜୟନଗରମ୍ ଜିଲ୍ଲା ହୋଇ ନ ଥିଲା) ପୁଲିସ ଅଧୀକ୍ଷକଙ୍କୁ ଏପରି ପ୍ରୟାସରୁ ଓହରି ଯିବା ପାଇଁ ଅନୁରୋଧ କରିଥିଲେ ବି ଆନ୍ଧ୍ର ସରକାରଙ୍କ ତରଫରୁ ସେଠାରେ ଗୋଟିଏ ପୁଲିସ ଫାଣ୍ଡି ତମ୍ବୁ ପକାଇ ସ୍ଥାପନ କରାଗଲା । ଓଡ଼ିଶା ସରକାର ଏହି ଗ୍ରାମପୁଞ୍ଜକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଆନ୍ଧ୍ର ସରକାରଙ୍କୁ ପ୍ରତିପକ୍ଷ କରି ଏକ ସିଭିଲ ମାମଲା ଆଗତ କଲେ । ଦୀର୍ଘ କାଳ ପରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ମାମଲା ବିଚାର ପରିସରଭୁକ୍ତ ନୁହେଁ ବୋଲି ତାହାକୁ ଖାରଜ କଲେ । ଓଡ଼ିଶା ସରକାର ପୁଣି ଥରେ ସର୍ବୋଚ୍ଚ ନ୍ୟାୟାଳୟରେ ଏହି ଗ୍ରାମପୁଞ୍ଜକୁ ନେଇ ସାନି ମାମଲା ଆଗତ କଲେ । ସର୍ବୋଚ୍ଚ ନ୍ୟାୟାଳୟ ୨୦୦୬ ମସିହାରେ ଉଭୟ ରାଜ୍ୟର ସୀମା ବିବାଦ କେବଳ ସଂସଦରେ ଆଲୋଚନା କରି ସମାଧାନ ହୋଇପାରିବ ବୋଲି ଉଲ୍ଲେଖ କରି ନିର୍ଦ୍ଦେଶ ଦେଲେ ଯେ ଏହି ଗ୍ରାମପୁଞ୍ଜରେ ପ୍ରଶାସନିକ ସ୍ଥିତାବସ୍ଥାର ପରିବର୍ତ୍ତନ ହେବ ନାହିଁ।ଏହି ପୃଷ୍ଠଭୂମିରେ କେତେକ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ । ୧୯୭୧ ମସିହାରୁ ଏହି ୨୧ଟି ଗାଁରେ କ୍ରମାଗତ ଭାବେ ଉଭୟ ଓଡ଼ିଶା ଓ ଆନ୍ଧ୍ର ସରକାରଙ୍କ ତରଫରୁ ଜନଗଣନା କାର୍ଯ୍ୟକ୍ରମ ଚାଲି ଆସୁଛି । ସେହିପରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ବିଧାନସଭା ଓ ଲୋକସଭା ନିର୍ବାଚନ ଉଭୟ ରାଜ୍ୟ ଏହି ବିବାଦୀୟ ଗ୍ରାମଗୁଡ଼ିକରେ କରାଇ ଆସୁଛନ୍ତି । ଉଭୟ ରାଜ୍ୟର ଭୋଟର ପରିଚୟ ପତ୍ର ସେମାନଙ୍କ ପାଖରେ ଅଛି । ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଏମାନେ ଉଭୟ ରାଜ୍ୟ ସରକାରଙ୍କ ତରଫରୁ ସୁବିଧା ପାଇ ଆସୁଛନ୍ତି।ଏଠାରେ କେତେକ ତଥ୍ୟ ରଖୁଅଛି । ଏହି ବିବାଦୀୟ ଗ୍ରାମପୁଞ୍ଜକୁ ଆନ୍ଧ୍ରପ୍ରଦେଶ ସେଇ ରାଜ୍ୟର ପାଞ୍ଚଟି ଗ୍ରାମ ପଞ୍ଚାୟତରେ ଅନ୍ତର୍ଭୁକ୍ତ କରିଥିବାବେଳେ ଓଡ଼ିଶା ଗୋଟିଏ ଗ୍ରାମ ପଞ୍ଚାୟତରେ (କୋଟିଆ) ରଖିଅଛି । ଗତ ୨୦୨୨ ମସିହାରେ ଓଡ଼ିଶାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୫୧୯୭ ଭୋଟର୍ ? ତେରଟି ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟ ଦେଇଥିଲେ ଏବଂ ଏହି ବୁଥ୍ ?ଗୁଡ଼ିକ ଏହି ବିବାଦୀୟ ଗ୍ରାମଗୁଡ଼ିକରେ ଥିଲା । ଏଥର ଆନ୍ଧ୍ରପ୍ରଦେଶ କରୁଥିବା ପଞ୍ଚାୟତ ନିର୍ବାଚନରେ ଆନ୍ଧ୍ରର ଏହି ପାଞ୍ଚଟି ଗ୍ରାମ ପଞ୍ଚାୟତରୁ ତିନିଟି ପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟ ଏହି ୨୧ଟି ଗାଁ ଭିତରେ ଥିବାବେଳେ ବାକି ଦୁଇଟି ଆନ୍ଧ୍ରର ଦୁଇଟି ଗାଁ ଅଛି । ଫଳରେ କୋଟିଆ ଗ୍ରାମପୁଞ୍ଜରୁ ତିନି ଜଣ ଆନ୍ଧ୍ରପ୍ରଦେଶରେ ସରପଞ୍ଚ ହୋଇଥିବା ବେଳେ ଓଡ଼ିଶାରେ ସେମାନଙ୍କ ଭିତରୁ ଜଣେ ମାତ୍ର ସରପଞ୍ଚ ହେଉଛନ୍ତି । ଆନ୍ଧ୍ର ଆଡ଼କୁ ଆକର୍ଷଣର ଏହା ଏକ କାରଣ । ଏଇ ବିବାଦୀୟ ଗ୍ରାମର ସମସ୍ତ ଅଧିବାସୀ ଦୁଇଟି ଗୋଷ୍ଠୀର ଯଥା କନ୍ଧ ଓ ଦୋରା (କୋଣ୍ଡାଦୋରା, ନୋକାଦୋରା) । ଏମାନେ ସମସ୍ତେ ଆନ୍ଧ୍ର ସରକାରଙ୍କ ଦ୍ୱାରା ଅନୁସୂଚିତ ଜନଜାତି ଭାବେ ବିଜ୍ଞପିତ ଥିଲାବେଳେ ଓଡ଼ିଶାରେ କେବଳ କନ୍ଧ ଜନଜାତି ଭାବେ ବିଜ୍ଞାପିତ । ଦୋରାମାନେ ଏଯାଏ ରାଷ୍ଟ୍ରପତିଙ୍କ ଦ୍ୱାରା ଜନଜାତି ଭାବେ ବିଜ୍ଞପିତ ହୋଇ ନାହାନ୍ତି । ଏଣେ, ବିବାଦୀୟ ଗ୍ରାମମାନଙ୍କର ଜନସଂଖ୍ୟାର ୨୦% ଦୋରା ସଂପ୍ରଦାୟ ଆନ୍ଧ୍ର ସରକାରଠାରୁ ଜନଜାତିର ସମସ୍ତ ସୁବିଧା ପାଉଥିବା ବେଳେ ଓଡ଼ିଶା ସରକାରଙ୍କ ଠାରୁ ସେ ସୁବିଧାରୁ ବଞ୍ଚିତ । ଏହି ଗ୍ରାମର ଅଧିବାସୀମାନଙ୍କର ନିଜର ଆଦିମ ମାତୃଭାଷା ଥିବାବେ ଳେ ସେମାନେ ଓଡ଼ିଆ ଓ ?ତେଲୁଗୁ ବୁଝିପାରନ୍ତି ଏବଂ କଥା ବି ହୁଅନ୍ତି । କିନ୍ତୁ ପରବର୍ତ୍ତୀ ପିଢ଼ିର ଲୋକ ଆଉ ଓଡ଼ିଆ କହିବେ ବା ବୁଝିବେ କି ନାହିଁ ସେ ନେଇ ସନ୍ଦେହ ହୁଏ । କାରଣ ଆନ୍ଧ୍ର ସରକାରଙ୍କ ଦ୍ୱାରା ଏହି ଗାଁର ଅଧିବାସୀମାନଙ୍କ ପୁଅଝିଅ ଆନ୍ଧ୍ର ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ତେଲୁଗୁ ମାଧ୍ୟମ ସ୍କୁଲଗୁଡ଼ିକରେ ଜନଜାତି ଛାତ୍ରଛାତ୍ରୀ ଭାବେ ନାଁ ଲେଖାଇଲେ ଆନ୍ଧ୍ର ସରକାରଙ୍କର ଆମାଓ୍ୱଡି ଯୋଜନାରେ ଶିକ୍ଷାର୍ଥୀର ମା'ଙ୍କ ନାଁରେ ୧୫,୦୦୦ ଟଙ୍କାର ସ୍ଥାୟୀ ଜମା ପନ୍ଦର ବର୍ଷ ରଖି ଦିଆଯାଉଛି । ଏଥିପାଇଁ ସେଇ ଗାଁମାନଙ୍କରେ ଆନ୍ଧ୍ର ପରିଚାଳିତ ତେଲୁଗୁ ମାଧ୍ୟମ ସ୍କୁଲରେ ସମସ୍ତେ ପଢ଼ିବା ପାଇଁ ନାଁ ଲେଖାଉଛନ୍ତି । ଓଡ଼ିଶା ସରକାରଙ୍କର ଓଡ଼ିଆ ମାଧ୍ୟମ ସ୍କୁଲ ପ୍ରାୟ ଖାଲି ପଡୁଛି; ଅଳ୍ପ କେତେକ ସ୍କୁଲରେ ଶିକ୍ଷକମାନେ ରହୁଛନ୍ତି । ଆନ୍ଧ୍ର ପରିଚାଳିତ ସ୍କୁଲଗୁଡ଼ିକରେ ଶିକ୍ଷକମାନେ ସେଇ ଗାଁରେ ରହିବା ସୁନିଶ୍ଚିତ କରାଯାଉଛି । ଏହା ଫଳରେ ଏଇ ଗାଁର ଏହି ପିଢ଼ିର ପିଲାମାନେ ତେଲୁଗୁ ମାଧ୍ୟମରେ ପାଠ ପଢ଼ି ମାତୃଭାଷା ରୂପେ କେବଳ ତେଲୁଗୁ ଭାଷାକୁ ଆଦରି ନେଇଛନ୍ତି । ଓଡ଼ିଆ ଆଉ କହିପାରୁ ନାହାନ୍ତି । ତେବେ କୋଟିଆରେ ଓଡ଼ିଶା ସରକାରଙ୍କର ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ଚାଲୁଥିବା ପ୍ରାଥମିକ ସ୍ତରରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଆବାସିକ ବିଦ୍ୟାଳୟରେ ଓଡ଼ିଆ ମାଧ୍ୟମରେ ଶିକ୍ଷା ଦିଆଯାଉଛି, ଯେଉଁଥିରେ ଏଇ ବିବାଦୀୟ ଗ୍ରାମପୁଞ୍ଜର କେତେକ ଛାତ୍ରଛାତ୍ରୀ ପଢୁଛନ୍ତି । ଅନ୍ୟ ଏକ ବିବାଦୀୟ ଗାଁ ତଳ ଗଞ୍ଜେଇପଦରରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଆବାସିକ ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଛି ଏବଂ ଓଡ଼ିଆ ବି ଏକ ବିଷୟ ଭାବେ ଶିକ୍ଷା ଦିଆଯାଉଛି । ଏଇ ସ୍କୁଲରେ ବି କୋଟିଆର ବିବାଦୀୟ ଗାଁମାନଙ୍କରୁ ପୁଅଝିଅ ଆସି ପଢୁଛନ୍ତି, କାରଣ ଏଠାରେ ମାଗଣାରେ ସବୁ ସୁବିଧା ଦିଆଯାଉଛି । ଓଡ଼ିଶାର ସରକାରଙ୍କ ତରଫରୁ ଏହି ଗ୍ରାମପୁଞ୍ଜରେ ଯେଉଁ ଭିତ୍ତିଭୂମିର ଉନ୍ନତି ହୋଇଛି, ଆନ୍ଧ୍ର ସେ ଦିଗରେ ବହୁତ ପଛରେ । ସବୁ ଗାଁକୁ ପକ୍କା ରାସ୍ତା ଓ ପୋଲ ନିର୍ମାଣ ହୋଇଛି । ଅଧିକାଂଶ ଗାଁକୁ ବିଜୁଳି ଲାଇନ ଓଡ଼ିଶା ତରଫରୁ ଥିଲାବେଳେ ଆନ୍ଧ୍ର ବି ଅନେକ ଗାଁରେ ବିଜୁଳି ଯୋଗାଉଛି । ସେହିପରି ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଓଡ଼ିଶା ସରକାରଙ୍କ ତରଫରୁ ଯଥେଷ୍ଟ ଉନ୍ନତି କରାଯାଇଛି । ଆନ୍ଧ୍ର ତରଫରୁ ସେ ବ୍ୟବସ୍ଥା ନଗଣ୍ୟ । ତେବେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରେ ପରିବାରମାନଙ୍କୁ ଯେଉଁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି ସେ କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ସରକାର ବହୁତ ଆଗରେ । ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା ଆଦିରେ ଓଡ଼ିଶା ସରକାର ଯେଉଁ ଆର୍ଥିକ ସାହାଯ୍ୟ ଦିଅନ୍ତି, ତା' ତୁଳନାରେ ଆନ୍ଧ୍ର ସରକାର ଦେଉଥିବା ଭତ୍ତା ଦୁଇ ଓ ତିନି ଗୁଣ । ତା' ଛଡ଼ା ଆନ୍ଧ୍ର ସରକାର ପ୍ରତ୍ୟେକ ଗ୍ରାମର ସୁବିଧା ଅସୁବିଧା ବୁଝିବା ପାଇଁ ଜଣେ ଯୋଗାଯୋଗକାରୀ ଏଜେଣ୍ଟ ନିଯୁକ୍ତି କରିଛନ୍ତି । ସେ ବ୍ୟବସ୍ଥା ଓଡ଼ିଶା ସରକାରଙ୍କ ତରଫରୁ ହୋଇନାହିଁ ।

ଦଳମୁକ୍ତ ଗଣତନ୍ତ୍ର : ମଦମୁକ୍ତ ପଞ୍ଚାୟତ !

ଦୀନବନ୍ଧୁ ଷଡ଼ଙ୍ଗୀ

ଗାଁ ଆମର, ପଞ୍ଚାୟତ ଆମର, ନିଷ୍ପତ୍ତି ମଧ୍ୟ ଆମର ! ଆସନ୍ତୁ, ଆଗାମୀ ପଞ୍ଚାୟତ ନିର୍ବାଚନରେ ଏକ ବାସ୍ତବ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ ପକାଇବା ।ଗଣତନ୍ତ୍ରର ପ୍ରକୃତ ଅର୍ଥ ହେଉଛି — ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କର ଶାସନ । କିନ୍ତୁ ଆଜି ଆମେ ନିଜକୁ ପଚାରିବା ଉଚିତ ଯେ ଆମ ଗାଁର ପଞ୍ଚାୟତ ବାସ୍ତବରେ ଗ୍ରାମବାସୀଙ୍କ ଇଚ୍ଛା ଅନୁସାରେ ଚାଲୁଛି ନା ରାଜନୈତିକ ଦଳ ଓ ନେତାମାନଙ୍କ ଇଚ୍ଛା ଅନୁସାରେ ?

ପ୍ରତ୍ୟେକ ପଞ୍ଚାୟତ ନିର୍ବାଚନ ଆମକୁ ଏକ ନୂଆ ସୁଯୋଗ ଦିଏ । ଆମ ଗାଁର ବିକାଶ ପାଇଁ ଜଣେ ଯୋଗ୍ୟ, ସଚ୍ଚୋଟ, ସକ୍ରିୟ ଓ ଲୋକଙ୍କ ପ୍ରତି ଉତ୍ତରଦାୟୀ ପ୍ରତିନିଧି ବାଛିବାର ସୁଯୋଗ । କିନ୍ତୁ ଆମେ ଏହି ସୁଯୋଗକୁ କିପରି ବ୍ୟବହାର କରୁଛେ ?

୧. ଦଳୀୟ ରାଜନୀତିର ଆଖଡ଼ା ନୁହେଁ, ଗ୍ରାମର ବିକାଶ ହେଉ ପ୍ରାଥମିକତା !

ପଞ୍ଚାୟତ ନିର୍ବାଚନରେ ଦଳୀୟ ଚିହ୍ନ ଓ ଦଳୀୟ ନାମ ବା ଦଳୀୟ ବ୍ୟାନର ବ୍ୟବହାର କରିବାକୁ ବାରଣ ଥିଲେ ମଧ୍ୟ ପ୍ରଚ୍ଛଦପଟରେ ଦଳମାନେ ହିଁ ଖେଳ କରିଥାନ୍ତି । ପ୍ରାର୍ଥୀଙ୍କ ଯୋଗ୍ୟତା, ସଚ୍ଚୋଟତା ଓ ସେବା ମନୋଭାବ ଅପେକ୍ଷା ରାଜନୈତିକ ଦଳର ପରିଚୟକୁ ଅଧିକ ଗୁରୁତ୍ୱ ଦିଆଯାଏ । ଦଳୀୟ ସମର୍ଥନରେ ନିର୍ବାଚିତ ହେବା ପରେ ପ୍ରତ୍ୟେକ ପ୍ରତିନିଧି ଗ୍ରାମବାସୀଙ୍କ ଆଶା ଓ ଆବଶ୍ୟକତା ଅପେକ୍ଷା ଦଳୀୟ ନିର୍ଦ୍ଦେଶ ଓ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ହିଁ ପ୍ରାଧାନ୍ୟ ଦେଇଥାନ୍ତି । ଏପରି ସ୍ଥିତିରେ ଗ୍ରାମର ରାସ୍ତା, ପାନୀୟ ଜଳ, ନାଳନର୍ଦ୍ଦମା, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ପଛରେ ପଡ଼ିଯାଏ । ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଆସେ. କେଉଁଠି ଦୁର୍ନୀତି ହେଲେ ତା ବିରୁଦ୍ଧରେ ସ୍ୱର ଉଠାଇବାକୁ ଲୋକମାନେ ଭୟ କରନ୍ତି । କାରଣ ଦଳୀୟ ପ୍ରାର୍ଥୀ ପଛରେ ଛିଡ଼ା ହୋଇଥାନ୍ତି ତା ଦଳର ବଡ଼ ନେତା ଓ ଦଳୀୟ ଗୁଣ୍ଡା । ଅପର ପକ୍ଷରେ ପଞ୍ଚାୟତ ପକ୍ଷରୁ ସ୍ଥିରୀକୃତ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ ଏସବୁର ଭୟ ନ ଥାଏ ।

୨. ଦଳୀୟ ପ୍ରାର୍ଥୀ ଜିତିଲେ ଅଧିକ କମିଶନ ଖାଏ !

କାରଣ ତା ଉପରେ ଦଳୀୟ କାର୍ଯ୍ୟକ୍ରମ କରିବାର ବୋଝ ଥିବା ସହ ଉପରେ ଥିବା ବଡ଼ ନେତାଙ୍କୁ ପୋଷିବାକୁ ହୁଏ । ଏହା ସହିତ ଜିତିଥିବା ନିର୍ବାଚନରେ ଖର୍ଚ୍ଚ କରିଥିବା ଅର୍ଥ ଅସୁଲ କରିବା ସହ ପୂର୍ବରୁ ହାରିଥିବା ନିର୍ବାଚନରେ କରିଥିବା ଖର୍ଚ୍ଚକୁ ମଧ୍ୟ ଭରଣା କରେ । ଆଗକୁ ରଖିଥିବା ବ୍ୟକ୍ତିଗତ ରାଜନୈତିକ ଆକାଂକ୍ଷା ପାଇଁ ମଧ୍ୟ ଅର୍ଥ ସଂଗ୍ରହ କରିବାରେ ଲାଗି ପଡ଼େ ? । ଏସବୁ ଚାପ ଭିତରେ ପଞ୍ଚାୟତ ଆଡ୍ଡା ହୋଇଯାଏ । ଗଣତନ୍ତ୍ରର ପ୍ରଥମ ପାହାଚରେ ଦୁର୍ନୀତିର ଶିଉଳି ଲାଗି ଖସଡ଼ା ହୋଇଯାଏ ।

ଅପର ପକ୍ଷରେ ସ୍ୱାଧୀନ ପ୍ରାର୍ଥୀ ଉପରେ ଏସବୁ ଚାପ ନ ଥାଏ । ନା ତାକୁ ଦଳୀୟ କାର୍ଯ୍ୟକ୍ରମ କରିବାର ଅଛି ନା କାହାକୁ ଖୁସି କରିବାର ଅଛି । କେବଳ ନିଜ ପଞ୍ଚାୟତର ବିକାଶ ଉପରେ ଧ୍ୟାନ ଦେବାର ଅଛି ।

ଆମେ ମନେ ରଖିବା ଉଚିତ ଯେ ନିର୍ବାଚନରେ ଜିତିବା ପରେ ପ୍ରତିନିଧି କୌଣସି ଦଳର ନେତା ନୁହେଁ ବରଂ ସେ ସମଗ୍ର ପଞ୍ଚାୟତର ଜନପ୍ରତିନିଧି ଭାବିବା ଉଚିତ । କିନ୍ତୁ ପ୍ରାର୍ଥୀ ଯଦି ପ୍ରଥମରୁ ଦଳୀୟ ହୁଏ ତେବେ ଏହା କେମିତି ସମ୍ଭବ ?

ତେଣୁ ଆସନ୍ତୁ, ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ପରିଚୟ ଅପେକ୍ଷା ପ୍ରାର୍ଥୀଙ୍କ ଚରିତ୍ର, ଯୋଗ୍ୟତା, ସଚ୍ଚୋଟତା, ସେବା ମନୋଭାବ ଓ କାର୍ଯ୍ୟଦକ୍ଷତାକୁ ପ୍ରାଧାନ୍ୟ ଦେବା । ଯେଉଁଠି ସମ୍ଭବ ଅଛି ସେଠାରେ ଜଣେ ଯୋଗ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କୁ ସାମୂହିକ ସମର୍ଥନ ଦେବା ।

୩. ନିର୍ବାଚନ ପୂର୍ବରୁ ଏକାଠି ହେବା — ଗାଁର ଭବିଷ୍ୟତ ପାଇଁ ସଂକଳ୍ପ ନେବା ।

ଆମ ଗାଁରେ ଅନେକ ଯୋଗ୍ୟ ଓ ଭଲ ଲୋକ ଅଛନ୍ତି । କେହି ସମାଜସେବା କରୁଛନ୍ତି, କେହି ଗରିବଙ୍କୁ ସାହାଯ୍ୟ କରୁଛନ୍ତି, କେହି ଗାଁର ସମସ୍ୟା ସମାଧାନ ପାଇଁ ଆଗେଇ ଆସୁଛନ୍ତି । କିନ୍ତୁ ନିର୍ବାଚନ ସମୟରେ ସେମାନେ ଅର୍ଥବଳ ଅଭାବରୁ ଦଳୀୟ ପ୍ରଭାବ ଓ ଗୋଷ୍ଠୀଗତ ରାଜନୀତିର ମୁକାବିଲା କରିପାରନ୍ତି ନାହିଁ ।

ଏହାର ସମାଧାନ ଆମ ନିଜ ହାତରେ ରହିଛି ।

ଆଗାମୀ ପଞ୍ଚାୟତ ନିର୍ବାଚନର ଯଥେଷ୍ଟ ପୂର୍ବରୁ ପ୍ରତ୍ୟେକ ଗାଁର ସଚେତନ ନାଗରିକ, ଯୁବକ, ବରିଷ୍ଠ ବ୍ୟକ୍ତି, ମହିଳା ଓ ବୁଦ୍ଧିଜୀବୀମାନେ ଏକାଠି ବସି ଆଲୋଚନା କରନ୍ତୁ ।

କିଛି ସରଳ ନିଷ୍ପତ୍ତି ନିଅନ୍ତୁ :

ପଞ୍ଚାୟତର ପ୍ରକୃତ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ।

ନିଜ ସ୍ୱାର୍ଥ ନୁହେଁ, ଗ୍ରାମର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚିହ୍ନଟ କରିବା ।

ସମସ୍ତଙ୍କ ସହମତିରେ ଜଣେ ଆଗ୍ରହୀ ପ୍ରାର୍ଥୀଙ୍କୁ ସମର୍ଥନ ଦେବା ।

ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ପାଇଁ ଏକ ସ୍ୱଚ୍ଛ ଓ ସାମୂହିକ ସହଯୋଗର ବ୍ୟବସ୍ଥା କରିବା ।

ନିର୍ବାଚିତ ହେବା ପରେ ପ୍ରତିନିଧିଙ୍କ କାର୍ଯ୍ୟର ନିୟମିତ ସମୀକ୍ଷା କରିବା ।

ଏହିପରି ଭାବରେ ଆମେ ଧନବଳ ଓ ଦଳୀୟ ପ୍ରଭାବର ପ୍ରତିଯୋଗିତାକୁ ହ୍ରାସ କରି ଯୋଗ୍ୟ ଓ ସଚ୍ଚୋଟ ପ୍ରାର୍ଥୀଙ୍କୁ ଆଗକୁ ଆଣିପାରିବା ।

୪. ମଦମୁକ୍ତ ପଞ୍ଚାୟତ — ସୁସ୍ଥ ପରିବାର, ସୁରକ୍ଷିତ ସମାଜ !

ପଞ୍ଚାୟତ ନିର୍ବାଚନ ସମୟରେ ମଦ ବଣ୍ଟନ, ଅର୍ଥର ପ୍ରଲୋଭନ ଓ ଅନ୍ୟାନ୍ୟ ଅନୈତିକ ଉପାୟ ମାଧ୍ୟମରେ ଭୋଟରଙ୍କୁ ପ୍ରଭାବିତ କରାଯାଏ । ଏହା ଗଣତନ୍ତ୍ରର ମର୍ଯ୍ୟାଦାକୁ କ୍ଷୁଣ୍ଣ କରେ ଏବଂ ଗ୍ରାମାଞ୍ଚଳରେ ନୂଆ ନୂଆ ମଦୁଆ ଯୁବଗୋଷ୍ଠୀ ତିଆରି କରେ । ନିର୍ବାଚନ ସରିବା ପରେ ଦଳ ବା ନେତା ଆଉ ମାଗଣା ମଦ ଦିଅନ୍ତି ନାହିଁ । ଅତଏବ ଯେଉଁ ନୂଆ ଯୁବକଟି ମଦ ନିଶାରେ ପଡ଼ିଲା ସେ ପରବର୍ତ୍ତୀ ପର୍ଯ୍ୟାୟରେ ମଦ ପିଇବା ପାଇଁ ଅନୈତିକ ରାସ୍ତାରେ ଚାଲିଯାଏ । ମଦର ପ୍ରଭାବରେ ପରିବାରର ଅର୍ଥନୀତି ନଷ୍ଟ ହୁଏ, ଘରୋଇ କଳହ ବଢ଼େ, ଯୁବପିଢ଼ିର ଭବିଷ୍ୟତ ବିପନ୍ନ ହୁଏ ଏବଂ ସମାଜରେ ଅଶାନ୍ତି ସୃଷ୍ଟି ହୁଏ ।

ଏଣୁ ଆମର ଆହ୍ୱାନ — ସାମୟିକ ମାଗଣା ମଦର ଲୋଭରେ ନିଜର ବହୁମୂଲ୍ୟ ଭୋଟକୁ ବିକ୍ରି କରନ୍ତୁ ନାହିଁ ।

ଯେଉଁ ପ୍ରାର୍ଥୀ ଟଙ୍କା କିମ୍ବା ମଦ ଦେଇ ଭୋଟ କିଣିବାକୁ ଚେଷ୍ଟା କରନ୍ତି, ସେ ନିର୍ବାଚିତ ହେବା ପରେ ଲୋକଙ୍କ ସେବା କରିବେ କି ନିଜ ଖର୍ଚ୍ଚ ଉଠାଇବାକୁ ଚେଷ୍ଟା କରିବେ — ଏହା ଆମେ ନିଶ୍ଚୟ ଭାବିବା ଉଚିତ ।

ମଦମୁକ୍ତ ପଞ୍ଚାୟତ ଗଠନ ପାଇଁ ଗ୍ରାମବାସୀମାନେ ଏକାଠି ହୋଇ ସଚେତନତା ସୃଷ୍ଟି କରନ୍ତୁ, ମଦ ବିରୋଧୀ ଅଭିଯାନ ଚଳାନ୍ତୁ ଏବଂ ନିର୍ବାଚନ ସମୟରେ ମାଗଣା ମଦ ବଣ୍ଟନ ଓ ନିର୍ବାଚନୀ ପ୍ରଲୋଭନକୁ ପ୍ରତିରୋଧ କରନ୍ତୁ ।

୫. ସ୍ୱାଧୀନ ପ୍ରାର୍ଥୀ ହେଲେ ହିଁ ସବୁ କିଛି ଠିକ୍ ହୋଇଯିବ କି ?

ଏଠାରେ ଗୋଟିଏ କଥା ସ୍ପଷ୍ଟ କରିବା ଆବଶ୍ୟକ ଯେ କେବଳ ସ୍ୱାଧୀନ ପ୍ରାର୍ଥୀ ହେଲେ ଜଣେ ବ୍ୟକ୍ତି ସଚ୍ଚୋଟ ହୋଇଯାଆନ୍ତି ନାହିଁ, ଯେପରି ସବୁ ଦଳୀୟ ପ୍ରାର୍ଥୀ ଅଯୋଗ୍ୟ ନୁହନ୍ତି । ଆମର ଲକ୍ଷ୍ୟ ହେଉଛି ଦଳୀୟ ସ୍ୱାର୍ଥ ଉପରେ ପଞ୍ଚାୟତର ସ୍ୱାର୍ଥକୁ ସ୍ଥାନ ଦେବା ।

ସ୍ୱାଧୀନ ପ୍ରାର୍ଥୀଙ୍କୁ ମଧ୍ୟ ତାଙ୍କର ଯୋଗ୍ୟତା, ସଚ୍ଚୋଟତା, ସାମାଜିକ ବ୍ୟବହାର, ଆର୍ଥିକ ସ୍ୱଚ୍ଛତା ଓ ସେବା ମନୋଭାବ ଆଧାରରେ ବାଛିବା ଦରକାର ।

ପ୍ରାର୍ଥୀ ନିର୍ବାଚନ ପୂର୍ବରୁ ଗ୍ରାମବାସୀଙ୍କ ସମ୍ମୁଖରେ ନିଜର ବିକାଶ ଯୋଜନା ଉପସ୍ଥାପନ କରନ୍ତୁ । ନିର୍ବାଚିତ ହେବା ପରେ ପ୍ରତି ଛଅ ମାସରେ ଗ୍ରାମବାସୀଙ୍କୁ ନିଜ କାର୍ଯ୍ୟର ହିସାବ ଦିଅନ୍ତୁ । ପଞ୍ଚାୟତର ଆୟବ୍ୟୟ, ଉନ୍ନୟନ କାର୍ଯ୍ୟ ଓ ଯୋଜନାରେ ସ୍ୱଚ୍ଛତା ରକ୍ଷା କରନ୍ତୁ ।

ଏହା ହେଉଛି ପ୍ରକୃତ ଗଣତନ୍ତ୍ର — ଯେଉଁଠି ଜନପ୍ରତିନିଧି ଲୋକଙ୍କ ମାଲିକ ନୁହନ୍ତି, ବରଂ ଲୋକଙ୍କ ସେବକ ।

୬. ଆଜିଠାରୁ ପ୍ରସ୍ତୁତି ଆରମ୍ଭ କରନ୍ତୁ — ନିର୍ବାଚନ ସମୟକୁ ଅପେକ୍ଷା କରନ୍ତୁ ନାହିଁ !

ପଞ୍ଚାୟତର ପରିବର୍ତ୍ତନ ଗୋଟିଏ ଦିନରେ ଆସିବ ନାହିଁ । ଏଥିପାଇଁ ଆବଶ୍ୟକ ସାମୂହିକ ଚିନ୍ତାଧାରା, ଦୃଢ଼ ସଂକଳ୍ପ ଓ ଆଗୁଆ ପ୍ରସ୍ତୁତି ।

ପ୍ରତ୍ୟେକ ଗ୍ରାମରେ ଏକ 'ସଚେତନ ନାଗରିକ ମଞ୍ଚ' ଗଠନ କରାଯାଇପାରେ । ଏହି ମଞ୍ଚରେ କୌଣସି ଦଳୀୟ ପତାକା ନୁହେଁ, ବରଂ ଗ୍ରାମର ସାମୂହିକ ହିତକୁ ପ୍ରାଧାନ୍ୟ ଦିଆଯାଉ ।

ଏହି ମଞ୍ଚର କାର୍ଯ୍ୟ ହେବ:

କ) ଗାଁର ପ୍ରମୁଖ ସମସ୍ୟାଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ।

ଖ) ସମସ୍ତ ଯୋଗ୍ୟ ପ୍ରାର୍ଥୀଙ୍କ ବିଷୟରେ ନିରପେକ୍ଷ ଆଲୋଚନା କରିବା ।

ଗ) ଏକମତରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ସମର୍ଥନ ଦେବା ।

ଘ) ନିର୍ବାଚନୀ ପ୍ରଚାର ପାଇଁ ଛୋଟ ଛୋଟ ସ୍ୱେଚ୍ଛାକୃତ ଅବଦାନରେ ଏକ ପାଣ୍ଠି ଗଠନ କରିବା ଏବଂ ସମସ୍ତ ଖର୍ଚ୍ଚର ହିସାବ ରଖିବା ।

ଙ) ଜାତି, ଧର୍ମ, ଦଳ, ଗୋଷ୍ଠୀ ଓ ବ୍ୟକ୍ତିଗତ ଶତ୍ରୁତାରୁ ଊର୍ଦ୍ଧ୍ୱରେ ରହି ଗ୍ରାମର ଏକତା ବଜାୟ ରଖିବା ।

ଚ) ନିର୍ବାଚିତ ପ୍ରତିନିଧିଙ୍କୁ ନିୟମିତ ଭାବେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ କରିବା ।

ଏପରି ଉଦ୍ୟମ ଦ୍ୱାରା ଆମେ ନିର୍ବାଚନକୁ କେବଳ କ୍ଷମତା ହାସଲର ମାଧ୍ୟମ ନ କରି ଗ୍ରାମର ଭବିଷ୍ୟତ ନିର୍ମାଣର ଏକ ଗଣତାନ୍ତ୍ରିକ ଅଭିଯାନରେ ପରିଣତ କରିପାରିବା ।

ଆସନ୍ତୁ, ଏକ ସ୍ୱତନ୍ତ୍ର ଗ୍ରାମୀଣ ଗଣତନ୍ତ୍ର ଗଢ଼ିବା ଯେଉଁଠି ଗଣତନ୍ତ୍ରର ନିକଟତମ ପ୍ରତିନିଧି ଆମ ପାଖରେ ଏବଂ ଆମ ସହିତ ଥିବେ ।

ପାଞ୍ଚ ବର୍ଷରେ ଥରେ ଭୋଟ ଦେଇଦେଲେ ଆମର କର୍ତ୍ତବ୍ୟ ଶେଷ ହୋଇଯାଏ ନାହିଁ କି ଗଣତନ୍ତ୍ର ସଫଳ ହୁଏ ନାହିଁ । ଆମେ ଯଦି ନିଜ ପଞ୍ଚାୟତର ଭାଗ୍ୟ ବଦଳାଇବାକୁ ଚାହୁଁଛୁ, ତେବେ ଆମକୁ ଆଜିଠାରୁ ସଚେତନ ହେବାକୁ ପଡ଼ିବ ।

ଅନ୍ୟମାନେ ଆମ ଗାଁର ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ଅପେକ୍ଷା କରିବା ନାହିଁ । ଆମେ ନିଜେ ହିଁ ଆମ ଗାଁର ଭବିଷ୍ୟତ ଗଢ଼ିବା ।

ଆମର ଭୋଟ ବିକ୍ରି ପାଇଁ ନୁହେଁ, ପରିବର୍ତ୍ତନ ପାଇଁ । ଆମର ପଞ୍ଚାୟତ କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ, ଏହା ସମଗ୍ର ଗ୍ରାମବାସୀଙ୍କର । ଆମର ଜନପ୍ରତିନିଧି କାହାର ଅନୁଗତ ନୁହେଁ, ସେ ହେବେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ।

ଆଜି ଆମେ ଏକାଠି ହେଲେ, ଆସନ୍ତାକାଲି ଆମ ଗାଁ ପରିସ୍ଥିତି ବଦଳିବ, ଆମ ପଞ୍ଚାୟତ ସୁଦୃଢ଼ ହେବ । ଆମେ ସଚେତନ ହେଲେ, ଆମ ଗଣତନ୍ତ୍ର ବଞ୍ଚିବ ।

ଆସନ୍ତୁ, ଏ ପଞ୍ଚାୟତ ନିର୍ବାଚନରେ ଏକ ନୂଆ ସଂକଳ୍ପ ନେବା ।

ଦଳମୁକ୍ତ ଚିନ୍ତାଧାରା — ଦୁର୍ନୀତିମୁକ୍ତ ପଞ୍ଚାୟତ !

ମଦମୁକ୍ତ ସମାଜ — ସଚେତନ ଭୋଟର !

ଯୋଗ୍ୟ ପ୍ରାର୍ଥୀ — ସ୍ୱଚ୍ଛ ଶାସନ !

ଗାଁର ଏକତା — ଗାଁର ବିକାଶ !

ଆମ ପଞ୍ଚାୟତ, ଆମ ଅଧିକାର, ଆମ ଦାୟିତ୍ୱ !

ଆସନ୍ତୁ, ନିର୍ବାଚନ ପୂର୍ବରୁ ଏକାଠି ହେବା । ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚିହ୍ନଟ କରିବା । ତାଙ୍କୁ ସମର୍ଥନ ଦେବା ଏବଂ ନିଜ ଗାଁରେ ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠା କରିବା ।

ଜୟ ଗ୍ରାମ ସ୍ୱରାଜ ! ଜୟ ଗଣତନ୍ତ୍ର ! ??

ପୂର୍ବ-ନୌସୈନିକ
ଭୁବନେଶ୍ୱର, ମୋ ସମ୍ପର୍କ: ୯୧୨୪୩୬୧୫୬୬

ବରିଷ୍ଠ ସମାଜସେବୀକା ପ୍ରେମମୟୀ ମିଶ୍ରଙ୍କ ସ୍ମୃତିରେ.....

ଅରବିନ୍ଦ ତ୍ରିପାଠୀ

କିଛି ବ୍ୟକ୍ତିତ୍ୱ ନିଜର କର୍ମ, ନିଷ୍ଠା ତଥା ନିଆରା ସମାଜସେବା ମାଧ୍ୟମରେ ଜନମାନସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି । ନୀରବ ଭାବେ କାହାକୁ ସାହାଯ୍ୟ ଓ ସହଯୋଗର ହସ୍ତ ବଢ଼ାଇବା, ଓଡ଼ିଶାର କଳା, ସଂସ୍କୃତି ପରମ୍ପରା ଐତିହ୍ୟକୁ ସର୍ବପ୍ରଥମେ ନିଜ ଘରେ ଲାଗୁ କରାଇବା ସହିତ, ଭଗବାନଙ୍କ ଉପରେ ବିଶ୍ୱାସ ରଖି ନିଜ ସନ୍ତାନ ମାନଙ୍କ ପ୍ରତି ଆବଶ୍ୟକ ଯତ୍ନ ନେବା, ଯୌଥ ପରିବାର ମଧ୍ୟରେ ଏକତା ବଜାୟ ରଖିବା ପ୍ରମୁଖ ନିଜ ଶେଷ ଜୀବନ ପର୍ଯ୍ୟନ୍ତ ଜାରି ରଖି ଆସିଥିଲେ ।

ଏହିପରି ଜଣେ ବରିଷ୍ଠ ମହିଳା, ସମାଜସେବୀକା ଥିଲେ ସ୍ୱର୍ଗତା ପ୍ରେମମୟୀ ମିଶ୍ର । ୧୯୨୭ ମସିହା ଅକ୍ଟୋବର ମାସ ୮ତାରିଖରେ ନାରାୟଣ ଚନ୍ଦ୍ର ମିଶ୍ରଙ୍କ ଗୃହ ଭାକରସାହି ଠାରେ ଭୂମିଷ୍ଠ ହୋଇଥିଲେ । ଚାଟଶାଳୀ ପର୍ଯ୍ୟନ୍ତ ଶିକ୍ଷା ପାଇଥିଲେ ମଧ୍ୟ ନିଜର ଦୃଢ଼ ମନୋବଳ, ଦକ୍ଷତା, ନୀତି, ଧିଶକ୍ତି ଦ୍ୱାରା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସମୟକ୍ରମେ ବିଶ୍ୱନାଥପୁର ଗ୍ରାମର ନୀତିନିଷ୍ଠ ଯୁବକ ତଥା ଭାରତ ସରକାରଙ୍କ ରେଳବିଭାଗରେ କାର୍ଯ୍ୟ କରୁଥିବା ସଚ୍ଚିଦାନନ୍ଦ ମିଶ୍ରଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୁଏ । ଦୁଇପୁତ୍ର ଓ ପା□ କନ୍ୟା ସନ୍ତାନଙ୍କର ମାତା ପିତା ହେବା ସୌଭାଗ୍ୟ ଲାଭ କରିବା ସହିତ ଯୌଥ ପରିବାରର ସମସ୍ତ ଦାୟିତ୍ୱ ନିଜ ହସ୍ତକୁ ନିଅନ୍ତି । ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା, ନୈତିକତା, ମାନବୀୟ ମୂଲ୍ୟବୋଧ, ପୁଜ୍ୟପୂଜା ପ୍ରମୁଖ ଦେବାରେ କେବେହେଲେ ଅବହେଳା କରିନାହାଁନ୍ତି । ବିଶେଷ ଭାବରେ ଜ୍ୟେଷ୍ଠ ପୁତ୍ର ଦେବୀ ପ୍ରସାଦ ଓ ବୋହୂ ସରିତା ଉଭୟ ସରକାରୀ କର୍ମକ୍ଷେତ୍ରରେ ରହି ମଧ୍ୟ ସମାଜ ପାଇଁ ଯାହା କ□ବ୍ୟ ଆବଶ୍ୟକ ତାହା ଶତ ପ୍ରତିଶତ ଅନୁପାଳନ କରି ଆସିଛନ୍ତି । ଯାହାକି ଆଜିର ସମାଜ ପାଇଁ ଏକ ସୁବା□ । ନିଜ ସ୍ୱାମୀ ସଚ୍ଚିଦାନନ୍ଦ ସରକାରୀ କାର୍ଯ୍ୟରେ ବାହାରେ ଅବସ୍ଥାପିତ ହୋଇଥିବା ବେଳେ ପରିବାରର ଦାୟିତ୍ୱ ପ୍ରେମମୟୀ ନିଅନ୍ତି । ନିଜ ଗ୍ରାମ ବିଶ୍ୱନାଥପୁରର ଭଲ ମନ୍ଦ ଖବର ବୁଝିବା ସହିତ ଆବଶ୍ୟକ ସମୟରେ ଯଥା ଅସହାୟ ଓ ଅଭାବୀ ବ୍ୟକ୍ତିବିଶେଷଙ୍କୁ ଯଥା ସାହାଯ୍ୟ ଓ ସହଯୋଗ କରନ୍ତି । ନିଜେ ଉ□ମ ସ୍ୱାଦିଷ୍ଟ ଭୋଜନ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ସେହିପରି ଭାବରେ ଭୋଜନ ଖୁଆଇଥାନ୍ତି । ଗାଈକୁ ଗୋମାତା ଭାବେ ପୂଜା କରିବା ସହିତ ତାଙ୍କର ଉପଯୁକ୍ତ ଯତ୍ନ ମଧ୍ୟ ବହୁ ସମୟ ପର୍ଯ୍ୟନ୍ତ ନେଉଥିଲେ । ଜଣେ ଭଗବତ ବିଶ୍ୱାସୀ ସହିତ ନିଜ ଗ୍ରାମର ଅନେକ ବ୍ୟକ୍ତି ବିଶେଷଙ୍କୁ ସାହାଯ୍ୟ କରୁଥିବା ଦେଖାଯାଏ । ସର୍ବଦା ନୀତିନିଷ୍ଠା, କ□ବ୍ୟପରାୟଣତା, ସତ୍ୟତା, ସଂସ୍କୃତି, ସଂସ୍କାରକୁ ଗୁରୁତ୍ୱ ଦେଇ ଆସୁଥିଲେ । ଶାସ୍ତ୍ରରେ ଅଛି "ମ□ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ହେଁ ମରଇ" । ଏହା ଧ୍ରୁବ ସତ୍ୟ । ଜଣେ ସରଳ, ମିଷ୍ଟଭାଷୀ, ଅମାୟିକ, ସମାଜସେବୀକା ଭାବେ ସଦା ସ୍ମରଣ ରହିବେ । ଶେଷରେ ଆମ ସମସ୍ତଙ୍କ ଠାରୁ ଅଶ୍ରୁଳ ବିଦାୟ, ଚଳିତ ଅକ୍ଟୋବର ମାସ ୭ତାରିଖ ଦିନ ନେଇଥିଲେ । ଦ୍ୱାଦଶାହ ଅବସରରେ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମୁଖପାତ୍ର, ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର,
ମୋ-୯୯୩୭୬୮୯୬୮୩

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚିରନ୍ତନୀ ପତ୍ରିକା ଏକଦିବସୀୟ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ

ଯାଜପୁର,୧।୧୧(ନି.ପ୍ର.): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚିରନ୍ତନୀ ସାହିତ୍ୟ ପତ୍ରିକାର ମିଳିତ ଏକଦିବସୀୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଚିରନ୍ତନୀ ପତ୍ରିକାର ସଭାପତି ନାରାୟଣ ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବକୁ ଯାଜପୁର ଜିଲ୍ଲା ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା ଯୋଗଦେଇ ମଞ୍ଚ ଉଦ୍ ?ଘାଟନ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ବରିଷ୍ଠ କବି ଓ ପ୍ରଶାସକ ପ୍ରଦୀପ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଗୀତିକବି ନନ୍ଦକିଶୋର ସିଂ, ଯୋଗଦେଇ ଯାଜପୁର ଓ ମା'ବିରଜା ମାଟିର ଗୌରବ ସମଗ୍ର ଭାରତବର୍ଷରେ ବିରଳ ବୋଲି ବର୍ଣ୍ଣନା କରିବା ସହିତ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚିରନ୍ତନୀ ପତ୍ରିକାର ଉତ୍ତରୋତ୍ତର କାମନା କରିଥିଲେ । ସମ୍ମାନୀତ ଅତିଥିଭାବେ ବରିଷ୍ଠ ରାଜନେତା



ଓ ସମାଜସେବୀ ଗୌତମ ରାୟ ଯୋଗଦେଇ ଯାଜପୁର ମାଟିରେ ସାହିତ୍ୟିକ ମାନଙ୍କର ଭୂମିକା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିଥିଲେ । ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସହ ସଚିବ ସଂଜୟ କୁମାର ଛୁଆଳ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ଦୟାନିଧି ନାୟକ ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦିକା ସଞ୍ଜୁକ୍ତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ମଞ୍ଚରେ ଶାରଦୀୟ ଚିରନ୍ତନୀ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦ୍ୱିତୀୟ ଅଧିବେଶନ ଡଃ ରାଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଯାଜପୁର ମାଟିର ସାରସ୍ୱତ ସାଧକ ଡଃ ସୂର୍ଯ୍ୟମଣୀ ଖୁଣ୍ଟିଆ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଡଃ ରୁଦ୍ରନାରାୟଣ ପୃଷ୍ଟି, କବି ଡଃ ଶ୍ରୀହରି ଧଳ, କବି ବିଦ୍ୟୁତଲତା ଦାସ ଏବଂ ସଂଯୁକ୍ତା ମହାପାତ୍ର, ଗାଳ୍ପିକ ନିତ୍ୟାନନ୍ଦ ପଣ୍ଡା ଆଲୋଚକଭାବେ ଯୋଗଦାନ କରି ଓଡ଼ିଶା ଭାଷା ସାହିତ୍ୟ ବୃଦ୍ଧି ଦିଗରେ ଯାଜପୁରର ଶିର୍ଷକ ବିଷୟରେ ଆଲୋକପାତ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ କବିତା ମଞ୍ଚରେ ବରିଷ୍ଠ ସାହିତ୍ୟିକ ତଥା ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ କବି ଗୌତମ ଜେନା, ସୁବ୍ରତ ଦାସ, ପ୍ରଭାତ ମଲ୍ଲିକ, ବିଜୟ ମୋହନ ରାୟ, ଡଃ ଅଜୟ କୁମାର ଜେନା, ସନ୍ତୋଷ କୁମାର ନନ୍ଦ, ଯୋଗଦାନ କରି ଯାଜପୁର ଓ ଓଡିଆ କବିତା ଉପରେ ଆଲୋକପାତ କରିଥିଲେ । ଶେଷରେ କବି ପ୍ରଭାତି ରାଉତ ଓ ବିନ୍ଦୁରେଖା ମହାପାତ୍ରଙ୍କ ସଂଯୋଜନାରେ ଶତାଧିକ କବି କବିତା ପାଠ କରିଥିଲେ । ଏହାକୁ ସୁକାନ୍ତି ପଣ୍ଡା, ସରସ୍ୱତୀ ପଣ୍ଡା, ରଞ୍ଜିତା ଦାଶ, ଦିପ୍ତିମାଳା ସାମଲ, ବାଇଧର ମାଝି, ସୁବାସ ମହାପାତ୍ର, ଅକ୍ଷୟ ବାରିକ ପ୍ରଭୃତି ପରିଚାଳନାରେ ସହଯୋଗ କରିଥିଲେ ।

ଆଞ୍ଚଳିକ ମୁକ୍ତ
ସୋମବାର,୨ ନଭେମ୍ବର ୨୦୨୬, ଭୁବନେଶ୍ୱର Monday,2 November 2026, Bhubaneswar



ଭୋଟ ଚୋରି ବିବାଦ
ଅମିତ ଶାହଙ୍କ ଆହ୍ୱାନ, ଆଲୋଚନା ପାଇଁ ସଂସଦ ଆସ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଭାରତୀୟ ରାଜନୀତିରେ 'ଭୋଟ ଚୋରି' ପ୍ରସଙ୍ଗକୁ ନେଇ ବିଜେପି ଓ ବିରୋଧୀ ଦଳ ମଧ୍ୟରେ ଦୀର୍ଘଦିନ ଧରି ଆରୋପ-ପ୍ରତ୍ୟାରୋପ ଚାଲିଆସିଛି। ଏହି ବିବାଦରେ ମୁଖ୍ୟତଃ ରାହୁଲ ଗାନ୍ଧୀ, ଅମିତ ଶାହ ଓ ଅଖିଳେଶ ଯାଦବଙ୍କ ମତାମତ ଚର୍ଚ୍ଚାକୁ ଆସିଛି।ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ, ନିର୍ବାଚନ ଆୟୋଗର ସହଯୋଗରେ ବିଜେପି ଭୋଟ ଚୋରି କରୁଛି। କର୍ଣ୍ଣାଟକର ମହାଦେବପୁରା ବିଧାନସଭା କ୍ଷେତ୍ରର ଭୋଟର ତାଲିକାରେ ଏକ ଲକ୍ଷରୁ ଅଧିକ ସନ୍ଦେହଜନକ ଭୋଟର ଥିବା ଦାବି କରିଥିଲେ। ତାଙ୍କ ଅନୁସାରେ, ନକଲି ଭୋଟର, ଏକାଧିକ ସ୍ଥାନରେ ନାମ ପଞ୍ଜୀକରଣ ଏବଂ ଭୁଲ୍ ଠିକଣା ଭଳି ଅନିୟମିତତା ହୋଇଥିଲା। ଏହି ଅଭିଯୋଗର ପ୍ରମାଣ ତାଙ୍କ ପାଖରେ ଥିବା ଏବଂ ଏହାକୁ ସେ 'ଆଟମ୍ ବମ୍' ବୋଲି କହିଥିଲେ।ବିଜେପି ପକ୍ଷରୁ ଅମିତ ଶାହ ଓ ଅନ୍ୟ ନେତାମାନେ ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ। ଶାହଙ୍କ ମତରେ, ନିର୍ବାଚନରେ ପରାଜୟ ପରେ କଂଗ୍ରେସ ନିର୍ବାଚନ ଆୟୋଗକୁ ଦୋଷ ଦେଉଛି। ଡିସେମ୍ବର ୨୦୨୫ରେ ସଂସଦରେ ନିର୍ବାଚନ ସଂସ୍କାର ଉପରେ ଆଲୋଚନା ବେଳେ ସେ ରାହୁଲଙ୍କ ଅଭିଯୋଗର ଜବାବ ଦେଇଥିଲେ। ହରିୟାଣାର ଗୋଟିଏ ଘର ନମ୍ବରରେ ୫୦୧ ଜଣ ଭୋଟର ଥିବା ଅଭିଯୋଗକୁ ଖଣ୍ଡନ କରି ସେ କହିଥିଲେ ଯେ, ସେହି ଘରେ ଏକାଧିକ ପରିବାର ରହୁଥିଲେ। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଭୋଟର ତାଲିକାରେ ନକଲି ନାମ ଯୋଡ଼ାଯିବା ଓ ପ୍ରକୃତ ଭୋଟରଙ୍କ ନାମ କାଟିଦିଆଯିବା ନେଇ ଅଭିଯୋଗ କରିଥିଲେ। ଉତ୍ତରପ୍ରଦେଶର ଉପନିର୍ବାଚନରେ ଅନିୟମିତତା ହୋଇଥିବା କହି କିଛି ଜିଲ୍ଲାର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ନିର୍ବାଚନ ଆୟୋଗକୁ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରିବାକୁ କହିଥିଲେ।ନିର୍ବାଚନ ଆୟୋଗ ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଥିଲା। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ରାହୁଲଙ୍କୁ ତାଙ୍କ ଅଭିଯୋଗର ପ୍ରମାଣ ଦେବାକୁ କିମ୍ବା ମନ୍ତବ୍ୟ ପ୍ରତ୍ୟାହାର କରିବାକୁ କହିଥିଲେ। ଆୟୋଗ ଏହା ମଧ୍ୟ କହିଥିଲା ଯେ, ନିର୍ବାଚନ ସମ୍ପର୍କରେ ଅଭିଯୋଗ ଥିଲେ ନିୟମ ଅନୁସାରେ ଲିଖିତ ଭାବେ ଜଣାଇବା ଆବଶ୍ୟକ।ବର୍ତ୍ତମାନ ଅମିତ ଶାହ ପୁଣିଥରେ ରାହୁଲ ଗାନ୍ଧୀ ଓ ଅଖିଳେଶ ଯାଦବଙ୍କୁ ଖୋଲା ଆହ୍ୱାନ ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ଭୋଟ ଚୋରି ଅଭିଯୋଗ ଉପରେ ଆଲୋଚନା କରାଯାଉ। ବିଜେପି ଏଥିପାଇଁ ପ୍ରସ୍ତୁତ ଅଛି।ଏହାରି ମଧ୍ୟରେ ସାଧାରଣ ଲୋକଙ୍କ ମନରେ ମଧ୍ୟ ଅନେକ ପ୍ରଶ୍ନ ଆସୁଛି। ଭୋଟର ତାଲିକାରେ ପ୍ରକୃତରେ ଅନିୟମିତତା ହୋଇଛି କି? ନକଲି ଭୋଟର ଓ ଏକାଧିକ ଭୋଟର ପଞ୍ଜୀକରଣର ଅଭିଯୋଗ କେତେ ଦୂର ସତ୍ୟ ନିର୍ବାଚନ ଆୟୋଗ ଏହି ଅଭିଯୋଗଗୁଡ଼ିକର କିପରି ତଦନ୍ତ କରିଛି । କିନ୍ତୁ ଏହାର ସତ୍ୟା ସତ୍ୟ ଉପରେ ସାଧାରଣ ଭୋଟର ଜାଣିବାର ସେପରି କିଛି ନିୟମ ନାହିଁ।ରାହୁଲଙ୍କ ଭୋଟ ଚୋରି ଅଭିଯୋଗ, ଶାହଙ୍କ ଚ୍ୟାଲେଞ୍ଜ, ଭାରତୀୟ ରାଜନୀତିରେ ଆଗାମୀ ଦିନରେ ପୁଣି ଏକ ବଡ଼ ବିବାଦୀୟ ପ୍ରସଙ୍ଗ ହୋଇପାରେ। ଏଥିରେ ସନ୍ଦେହ ନାହିଁ।

ନିଜ ଦଳରେ ବିଦ୍ରୋହ
ଉମର ଅବଦୁଲ୍ଲାଙ୍କ ଅଡୁଆ ବଢ଼ାଇଲେ ୨୪ ବିଧାୟକ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଜମ୍ମୁ-କଶ୍ମୀର ରାଜନୀତିରେ ହଳଚଳ। ନିଜ ଦଳ ଭିତରୁ ହିଁ ବିରୋଧର ସାମ୍ନା କରୁଛନ୍ତି ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା । ନିକଟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ନ୍ୟାସନାଲ କନଫରେନ୍ସ (ଏନ୍‌ସି)ର କିଛି ବିଧାୟକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି । ଶୁକ୍ରବାର ଶ୍ରୀନଗରରେ ଅସନ୍ତୁଷ୍ଟ ବିଧାୟକଙ୍କ ଏକ ବୈଠକ ବସିଥିଲା । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତାଙ୍କ ସମେତ କିଛି ମନ୍ତ୍ରୀଙ୍କୁ ପଦରୁ ହଟାଇବା ଏବଂ ମନ୍ତ୍ରିମଣ୍ଡଳର ପୁନର୍ଗଠନ କରିବାକୁ ଦାବି ଉଠିଥିବା ସୂଚନା ମିଳିଛି ।ରିପୋର୍ଟ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଶ୍ରୀନଗରରେ ହୋଇଥିବା ଏହି ବୈଠକରେ ୧୮ ଜଣ ବିଧାୟକ ଯୋଗ ଦେଇଥିଲେ । ଏଥିସହ ଆଉ ୬ ଜଣ ବିଧାୟକ ଭିଡିଓ କନଫରେନ୍ସିଂ ଜରିଆରେ ଯୋଡ଼ି ହୋଇ ଅସନ୍ତୁଷ୍ଟ ଗୋଷ୍ଠୀକୁ ସମର୍ଥନ ଜଣାଇଥିବା କୁହାଯାଉଛି । ଏହି ଗୋଷ୍ଠୀରେ କଶ୍ମୀର ଉପତ୍ୟକା ସହ ଜମ୍ମୁ ଅଞ୍ଚଳର ବିଧାୟକ ମଧ୍ୟ ରହିଛନ୍ତି । ଫଳରେ ଅସନ୍ତୁଷ୍ଟ ଗୋଷ୍ଠୀର ସଂଖ୍ୟା ୨୪ରେ ପହଞ୍ଚିଥିବା ରିପୋର୍ଟରେ ଦାବି କରାଯାଇଛି ।ବିଧାୟକ କୈସର ଜମଶେଦ ଲୋନଙ୍କ ବାସଭବନରେ ହୋଇଥିବା ଏହି ବୈଠକରେ ଅସନ୍ତୁଷ୍ଟ ବିଧାୟକମାନେ ଏକ ପ୍ରସ୍ତାବ ଉପରେ ଦସ୍ତଖତ କରିଥିବା ସୂଚନା ମିଳିଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ନାସିର ଅସଲମ ୱାନିଙ୍କୁ ପଦରୁ ହଟାଇବା ସହ



ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀଙ୍କୁ ବରଖାସ୍ତ କରିବାକୁ ଦାବି କରାଯାଇଛି। ଏହାବ୍ୟତୀତ ଦୁଇ ବର୍ଷ ପଦବୀରେ ପୂରଣ କରିଥିବା ମନ୍ତ୍ରୀଙ୍କୁ ହଟାଇ ମନ୍ତ୍ରିମଣ୍ଡଳର ସମ୍ପୂର୍ଣ୍ଣ ପୁନର୍ଗଠନ କରିବାକୁ ମଧ୍ୟ ଦାବି ରହିଛିବୈଠକରେ କିଛି ବରିଷ୍ଠ ବିଧାୟକ ଭାବବିହ୍ୱଳ ହୋଇପଡ଼ିଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି। ଦଳୀୟ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତାଙ୍କ ଆଚରଣକୁ ନେଇ ସେମାନେ ନିଜ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଜଣେ ଅସନ୍ତୁଷ୍ଟ ବିଧାୟକ କହିଛନ୍ତି, ସେମାନେ ଦଳ ବିରୋଧରେ ନାହାନ୍ତି। କିନ୍ତୁ ଦଳ ଓ ସରକାରରେ ପୂର୍ବଭଳି ସବୁକିଛି ଚାଲିପାରିବ ନାହିଁ। ମୁଖ୍ୟମନ୍ତ୍ରୀ ସେମାନଙ୍କ କଥା ଶୁଣିବା ଦରକାର।ଜମ୍ମୁ-କଶ୍ମୀର ବିଧାନସଭାରେ ମୋଟ ୯୦ଟି ଆସନ ରହିଛି। ଏଥିରୁ ନ୍ୟାସନାଲ କନଫରେନ୍ସର ୪୧ ଜଣ ବିଧାୟକ ଅଛନ୍ତି। କଂଗ୍ରେସର ୬ ଜଣ ବିଧାୟକଙ୍କ ସମର୍ଥନ ସହ ଅନ୍ୟ କିଛି ଛୋଟ ଦଳ ଓ ସ୍ୱାଧୀନ ବିଧାୟକଙ୍କ ସହଯୋଗରେ ଉମର ଅବଦୁଲ୍ଲା ସରକାର ଗଠନ କରିଛନ୍ତି । ତେବେ ଏହି ଅସନ୍ତୋଷ ଯଦି ଆଗକୁ ବଢେ, ତେବେ ସରକାର ଓ ଦଳର ଏକତା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇପାରେ । ତଥାପି ଅସନ୍ତୁଷ୍ଟ ବିଧାୟକମାନେ ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା କିମ୍ବା ଦଳ ଭାଙ୍ଗିବା ନେଇ କୌଣସି ଔପଚାରିକ ଘୋଷଣା କରିନାହାନ୍ତି । ଏପଟେ ଦଳ ଭିତରେ ଅସନ୍ତୋଷ ମଧ୍ୟରେ ଶ୍ରୀନଗରର ନ୍ୟାସନାଲ କନଫରେନ୍ସ ସାଂସଦ ଆଗା ସୟଦ ରୁହୁଲ୍ଲା ମେହଦୀ ମଧ୍ୟ ଦଳ ଛାଡ଼ିବାକୁ ଘୋଷଣା କରିଛନ୍ତି। ସେ ନଭେମ୍ବର ୩ ତାରିଖରେ ଦଳୀୟ ସଦସ୍ୟତା ସହ ଲୋକସଭା ଆସନରୁ ଇସ୍ତଫା ଦେବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦଳର ନିର୍ବାଚନୀ ପ୍ରତିଶ୍ରୁତି, ବିଶେଷକରି ଧାରା ୩୭୦ ପୁନଃସ୍ଥାପନ ପ୍ରସଙ୍ଗରେ ଦଳର ଆଭିମୁଖ୍ୟକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି । ଏବେ ଦଳ ଭିତରେ ବଢୁଥିବା ଅସନ୍ତୋଷକୁ ଉମର ଅବଦୁଲ୍ଲା କିପରି ସମ୍ଭାଳୁଛନ୍ତି ଏବଂ ବିଧାୟକଙ୍କ ଦାବି ଉପରେ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ରହିଛି ସମସ୍ତଙ୍କ ନଜର ।

ରୁଷକୁ ଚେକ୍ ଦେବାକୁ ୟୁକ୍ରେନକୁ ଆମେରିକାର ବଡ଼ ଅସ୍ତ୍ର ଉପହାର

ନୂଆଦିଲ୍ଲୀ,୧।୧୦(ଏଜେନ୍ସି):ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ପାଇଁ ଏକ ଆମେରିକା ଖୁସି ଖବର ଆଣିଛି। ରୁଷକୁ କଡ଼ା ଜବାବ ଦେବା ପାଇଁ ୟୁକ୍ରେନକୁ ୨.୧ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରି କରିବା ଚୁକ୍ତିକୁ ଆମେରିକା ଅନୁମୋଦନ କରିଛି । ଷ୍ଟେଟ ଡିପାର୍ଟମେଣ୍ଟର ରାଜନୈତିକ ଏବଂ ସାମରିକ ବ୍ୟାପାର ବ୍ୟୁରୋ ଦ୍ୱାରା ଏହା କରାଯାଇଛି । ଚୁକ୍ତି ଅନୁଯାୟୀ, ୟୁକ୍ରେନକୁ ୫୦୦ଟି ପାଟ୍ରିଅଟ୍ ଆଡଭାନ୍ସଡ୍ କ୍ୟାପାବିଲିଟି-୩ କ୍ଷେପଣାସ୍ତ୍ର ଏବଂ ସମ୍ପର୍କିତ ଉପକରଣ ଯୋଗାଇ ଦିଆଯିବ ।ଆମେରିକାର ବୈଦେଶିକ ବିଭାଗ ଅନୁଯାୟୀ, ଏହି ପ୍ରସ୍ତାବିତ ବିକ୍ରୟ ୟୁରୋପରେ ରାଜନୈତିକ ଏବଂ ଆର୍ଥିକ ସ୍ଥିରତା ପାଇଁ ଏକ ଶକ୍ତି ଭାବରେ ବିବେଚିତ ଅଂଶୀଦାର ଦେଶ ୟୁକ୍ରେନର ସୁରକ୍ଷାକୁ ସୁଦୃଢ଼ କରିବ। ଏହା ଆମେରିକାର ବୈଦେଶିକ ନୀତି ଏବଂ ଜାତୀୟ ସୁରକ୍ଷା ଉଦ୍ଦେଶ୍ୟକୁ ମଧ୍ୟ ସମର୍ଥନ କରିବ । ୟୁକ୍ରେନ ଏଥିପାଇଁ କାନାଡା, ଜର୍ମାନୀ ଏବଂ ନରୱେରୁ ଆର୍ଥିକ ସହାୟତା ସହିତ ନିଜର ଜାତୀୟ ପାଣ୍ଠିରୁ ଅର୍ଥ ପ୍ରଦାନ କରିବ। ୟୁକ୍ରେନକୁ ୟୁରୋପୀୟ ସଂଘର ସହାୟତା ଋଣ ମାଧ୍ୟମରେ ମଧ୍ୟ ପାଣ୍ଠି ଯୋଗାଇ ଦିଆଯିବ ।ଏହି ସାମରିକ ବିକ୍ରୟରେ କୌଣସି ଆମେରିକୀୟ ସରକାରୀ ପାଣ୍ଠି ବ୍ୟବହାର କରାଯିବ ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି । ଆମେରିକାର ଏହି ନିଷ୍ପତ୍ତିକୁ ସ୍ୱାଗତ କରି ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଜେଲେନସ୍କି ଅନୁମୋଦନକୁ ଏକ ଦୃଢ଼ ପଦକ୍ଷେପ ଭାବରେ ବର୍ଣ୍ଣନା କରି କହିଛନ୍ତି, ପାଟ୍ରିଅଟ୍ ଇଣ୍ଟରସେପ୍ଟର ମିସାଇଲର ଷ୍ଟକପାଇଲ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଶୀତ ଋତୁରେ ୟୁକ୍ରେନ ପାଇଁ ଏକ ଅତ୍ୟନ୍ତ ପ୍ରଭାବଶାଳୀ ପ୍ରତିରକ୍ଷା ପ୍ୟାକେଜ୍ ପ୍ରମାଣିତ ହୋଇପାରେ। ତେବେ ବର୍ତ୍ତମାନର ସର୍ତ୍ତାବଳୀ ଅନୁସାରେ ମିସାଇଲଗୁଡ଼ିକର ବିତରଣ ଆରମ୍ଭ ହେବା ପାଇଁ ଅନେକ ବର୍ଷ ଲାଗିପାରେ । ରୁଷ ସାମରିକ ବାହିନୀ ପ୍ରତିଦିନ ୟୁକ୍ରେନର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରୁଛି । ଏହା ଦ୍ୱାରା ମସ୍କୋକୁ ଏବେ କଡ଼ା ଜବାବ ଦିଆଯାଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଜାତିସଂଘ ସୁରକ୍ଷା ପରିଷଦକୁ ଭାରତର କଡ଼ା ସମାଲୋଚନା

ନୂଆଦିଲ୍ଲୀ,୧।୧୦(ଏଜେନ୍ସି):ଜାତିସଂଘ ସାଧାରଣ ସଭାରେ ମାନବାଧିକାର ପରିଷଦ ରିପୋର୍ଟ ଉପରେ ଆଲୋଚନା ସମୟରେ ଜାତିସଂଘରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ଭାବିକା ମଙ୍ଗଳାନନ୍ଦନ ଭାରତର ମତ ଉପସ୍ଥାପନ କରି ଜାତିସଂଘ ମାନବାଧିକାର ପରିଷଦ (ୟୁଏନଏଚଆରସି)ର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ଯଦି ଜାତିସଂଘ ସୁରକ୍ଷା ପରିଷଦ ସମସ୍ତ ଦେଶକୁ ସମାନ ଭାବରେ ବ୍ୟବହାର କରିବ ତେବେ ହିଁ ଏହାର ବିଶ୍ୱସନୀୟତା ଏବଂ ପ୍ରତିଷ୍ଠା ବଜାୟ ରହିପାରିବ। କୌଣସି ଦେଶକୁ ଅନ୍ତର୍ଭୁକ୍ତ ନକରି ତାଙ୍କ ବିରୋଧରେ ନର୍ଦ୍ଦିଷ୍ଟ ନିର୍ଦ୍ଦେଶ ଜାରି କରିବା ଦ୍ୱାରା ତୃଣମୂଳସ୍ତରରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ ନାହିଁ। ଏହା ନିଶ୍ଚିତ ଭାବରେ ପରିଷଦ ମଧ୍ୟରେ ମତଭେଦ ବୃଦ୍ଧି କରିବ।ମାନବାଧିକାର ସୁରକ୍ଷା ନାମରେ କୌଣସି ଦେଶକୁ ଟାର୍ଗେଟ କରିବା କିମ୍ବା ଦୋହରା ମାନଦଣ୍ଡ ଗ୍ରହଣ କରିବା ସଠିକ୍ ଉପାୟ ନୁହେଁ। ମାନବାଧିକାରକୁ ଆଗକୁ ବଢ଼ାଇବାର ସର୍ବୋତ୍ତମ ଉପାୟ ହେଉଛି ପାରସ୍ପରିକ ଆଲୋଚନା, କ୍ଷମତା ନିର୍ମାଣ ଏବଂ ପ୍ରକୃତ ସହଭାଗୀତା। ଏହା ବଦଳରେ ରାଜନୈତିକ ଲାଭ ପାଇଁ ମାନବାଧିକାରକୁ ବ୍ୟବହାର କରିବା ଏବଂ ମନୋନୀତ ଦେଶଗୁଡ଼ିକୁ ପ୍ରଶ୍ନ କରିବା ଠିକ୍ ନୁହେଁ। ଭାରତ ବିଶ୍ୱାସ କରେ ଯଦି ପରିଷଦ ଏକଜୁଟ ହୋଇ କାମ କରିବାକୁ ଚାହେଁ, ତେବେ ଏହାକୁ ଏପରି ଅଭିଯୋଗରୁ ଦୂରେଇ ରହିବାକୁ ପଡିବ ଯେ, ମାନବାଧିକାରକୁ ରାଜନୈତିକ ଉପକରଣ ଭାବରେ ବ୍ୟବହାର କରାଯାଉଛି।ଭାରତ ମାନବାଧିକାର ଆଲୋଚନା ପାଇଁ ୟୁନିଭର୍ସାଲ ପିରିୟଡିକ୍ ରିଭ୍ୟୁ(ୟୁପିଆର)କୁ ଏକ ଭଲ ପ୍ଲାଟଫର୍ମ ବୋଲି କହିଛି। ଏହି ସିଷ୍ଟମ ସମସ୍ତ ଜାତିସଂଘ ସଦସ୍ୟ ରାଷ୍ଟ୍ରର ମାନବାଧିକାର ରେକର୍ଡ ସମୀକ୍ଷା କରିଥାଏ। ଏହାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହା ପ୍ରତ୍ୟେକ ଦେଶ ପ୍ରତି ସମାନ ଭାବରେ ବ୍ୟବହାର କରିବା ସହ ଆଲୋଚନା ମାଧ୍ୟମରେ ଉନ୍ନତି ଉପରେ ଗୁରୁତ୍ୱ ଦେଇଥାଏ। ଚଳିତ ବର୍ଷ, ଭାରତ ସପ୍ତମ ଥର ପାଇଁ ମାନବାଧିକାର ପରିଷଦର ସଦସ୍ୟ ହୋଇଛି। ଭାରତ ଆତଙ୍କବାଦକୁ ମାନବାଧିକାର ପାଇଁ ଏକ ଗମ୍ଭୀର ବିପଦ ଭାବରେ ବର୍ଣ୍ଣନା କରି ପରିଷଦକୁ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବାକୁ ଏବଂ ଏହି ସମସ୍ୟାର ସମାଧାନ ଜାରି ରଖିବାକୁ ଆହ୍ୱାନ କରି ଜୀବନ ଅଧିକାର ପ୍ରତି ଆତଙ୍କବାଦର ବିପଦକୁ ଉଲ୍ଲେଖ କରିଛି।ଭାରତ କହିଛି, ମାନବାଧିକାରକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖିବା ପରିବର୍ତ୍ତେ, ସମସ୍ତ ଅଧିକାରକୁ ସମାନ ଗୁରୁତ୍ୱ ଦିଆଯିବା ଉଚିତ୍। ନାଗରିକ ଏବଂ ରାଜନୈତିକ ଅଧିକାର ପରି, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ସହିତ ବିକାଶର ଅଧିକାରକୁ ମଧ୍ୟ ପ୍ରାଥମିକତା ମିଳିବା ଉଚିତ୍। ଭାରତ କହିଛି ଯେ ଦାରିଦ୍ର୍ୟ, ବୃଦ୍ଧି ପାଉଥିବା ଋଣ ଏବଂ ବିକାଶଶୀଳ ଦେଶଗୁଡ଼ିକରେ ଆର୍ଥିକ ସମ୍ବଳ ଏବଂ ନୂତନ ପ୍ରଯୁକ୍ତିବିଦ୍ୟାର ସୀମିତ ପ୍ରବେଶ ଲୋକଙ୍କ ଅଧିକାର ପାଇଁ ପ୍ରମୁଖ ପ୍ରତିବନ୍ଧକ। ଏହି ସମସ୍ୟାଗୁଡ଼ିକୁ କେବଳ ଆନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ସମାଧାନ କରାଯାଇପାରିବ ଚାପ ଦ୍ୱାରା ନୁହେଁ। ପରିଷଦର କାର୍ଯ୍ୟରେ ସ୍ୱଚ୍ଛତା ଦାବି କରି ଭାରତ ଏହା ମଧ୍ୟ କହିଛି ଯେ, ମାନବାଧିକାର ପରିଷଦ ଏହାର ଉପଲବ୍ଧ ସମ୍ବଳ ମଧ୍ୟରେ କାର୍ଯ୍ୟ କରିବା ଉଚିତ୍।

ଟୁରିନ୍‌ରେ ପୋଲିସ-ବିକ୍ଷୋଭକାରୀ ମୁହାଁମୁହିଁ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି):ତୁରିନ୍‌ରେ କିଛି ବିକ୍ଷୋଭକାରୀ ଓ ପୁଲିସ୍ ମଧ୍ୟରେ ସଂଘର୍ଷ ଘଟିଥିଲା । ପୁଲିସ୍ ବ୍ୟାରିକେଡ୍ ନିକଟରେ ଆନ୍ଦୋଳନକାରୀଙ୍କୁ ଅଟକାଇବା ପାଇଁ ପାଣିମାଡ଼ କରିଥିଲା । ଅନ୍ୟପକ୍ଷରେ ରୋମ୍‌ରେ ପ୍ରଦର୍ଶନକାରୀମାନେ କୋଲୋସିୟମ୍ ନିକଟରେ ଶୋଭାଯାତ୍ରା କରିଥିଲେ। ସେଠାରେ ସପ୍ତାହାନ୍ତ ପର୍ଯ୍ୟନ୍ତ ରହିବା ପାଇଁ ତମ୍ବୁ ପକାଇବାକୁ କିଛି ଆନ୍ଦୋଳନକାରୀ ଘୋଷଣା କରିଥିଲେ। ତେବେ ଦିନର ଅଧିକାଂଶ ବିକ୍ଷୋଭ ଶାନ୍ତିପୂର୍ଣ୍ଣ ରହିଛି । ହିଂସା ରୋକିବା ପାଇଁ ଇଟାଲୀର ଗୃହ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ କିଛି ଲୋକଙ୍କୁ ସତର୍କତାମୂଳକ ଭାବେ ଗିରଫ କରାଯାଇଛି ।ଜେନୋଆରେ ବନ୍ଦର ଶ୍ରମିକମାନେ ଯୁଦ୍ଧ ପ୍ରଭାବିତ ଅଞ୍ଚଳକୁ ଅସ୍ତ୍ରଶସ୍ତ୍ର ପଠାଇବା ପାଇଁ ବନ୍ଦର ବ୍ୟବହାରକୁ ବିରୋଧ କରିଥିଲେ । ପ୍ରାୟ ୧୫ ହଜାର ଶ୍ରମିକ, ଛାତ୍ର ଓ ଅନ୍ୟ ପ୍ରଦର୍ଶନକାରୀ ବନ୍ଦର ଅଞ୍ଚଳରେ ଏକାଠି ହୋଇଥିବା ଦେଖିବାକୁ ମିଳିଥିଲା । ସାମ୍ପ୍ରତିକ ସମୟରେ ୟୁରୋପର ଅନେକ ଦେଶରେ ଦରଦାମ ବୃଦ୍ଧି, ବାସଗୃହ ସମସ୍ୟା ଓ ସରକାରୀ ସେବାକୁ ନେଇ ବିକ୍ଷୋଭ ହୋଇଆସୁଛି । ଇଟାଲୀରେ ଏହି ଧର୍ମଘଟ ଓ ଜନଆନ୍ଦୋଳନ ସେହି ବ୍ୟାପକ ଅସନ୍ତୋଷର ଏକ ଅଂଶ ।ମେଲୋନି ସରକାରଙ୍କ ଆର୍ଥିକ ନୀତି, ସାମରିକ ବ୍ୟୟ ଓ ସାର୍ବଜନୀନ ସେବା ସମ୍ପର୍କିତ ନିଷ୍ପତ୍ତିକୁ ନେଇ ଏହି ଆନ୍ଦୋଳନ ବିରୋଧୀ ଦଳମାନେ କରୁଛନ୍ତି । ଆଗାମୀ ଦିନରେ ଏହି ଆନ୍ଦୋଳନକୁ କିପରି ସାମନା କରୁଛନ୍ତି ତାହା ସମୟ କହିବ।

ଉତ୍ତର ପ୍ରଦେଶ ଭୋଟର ତାଲିକାରୁ ୧.୨୭ କୋଟି ହିନ୍ଦୁଙ୍କ ନାମ ଗାଏବ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି):ଦେଶରେ ଏସ୍‌ଆଇଆରକୁ ନେଇ ବିବାଦ ଲାଗି ରହିଥିବା ବେଳେ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଏକ ଦାବି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ମୁଖ୍ୟମନ୍ତ୍ରୀଙ୍କ ଦାବି ଅନୁଯାୟୀ, ଉତ୍ତର ପ୍ରଦେଶର ଭୋଟର ତାଲିକାରେ ପ୍ରାୟ ୧.୨୭ କୋଟି ହିନ୍ଦୁଙ୍କ ନାଁ ନାହିଁ । ଯୋଗ୍ୟ ଭୋଟରଙ୍କ ନାମ ଯେପରି ତାଲିକାରେ ଅନ୍ତର୍ଭୁକ୍ତ ହେବ, ସେନେଇ ଯୋଗୀ ଆଦିତ୍ୟନାଥ ବିଜେପି କାର୍ଯ୍ୟକର୍ତ୍ତା ଏବଂ ବିଧାୟକ-ସାଂସଦଙ୍କୁ ନଜର ଦେବାକୁ କହିଛନ୍ତି ।ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁକ୍ରବାର ଦିନ ଆୟୋଜିତ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସେ ଏହି କଥା କହିଛନ୍ତି । ସେ କହିଛନ୍ତି ଯେ, ଭୋଟର ତାଲିକାରୁ ଏତେ ସଂଖ୍ୟକ ନାମ ବାଦ୍ ପଡ଼ିବା କାରଣରୁ ରାଜ୍ୟର ୨୮ଟି ସହରାଞ୍ଚଳ ପୌର ନିର୍ବାଚନ ମଣ୍ଡଳୀରେ ଦଳର ସ୍ଥିତି ଦୁର୍ବଳ ହେଉଛି। ରାଜ୍ୟର ମୋଟ ଜନସଂଖ୍ୟା ତୁଳନାରେ ଉତ୍ତର ପ୍ରଦେଶରେ ଭୋଟର ସଂଖ୍ୟା ୧୬ କୋଟିରୁ ଅଧିକ ହେବା କଥା । କିନ୍ତୁ ବର୍ତ୍ତମାନ ଏହା ପ୍ରାୟ ୧୩ କୋଟି ମଧ୍ୟରେ ସୀମିତ ରହିଛି। ସେ ଦାବି କରିଛନ୍ତି ଯେ, ପ୍ରାୟ ୬୬ ଲକ୍ଷ ଲୋକଙ୍କ ନାମ ଗ୍ରାମ ପଞ୍ଚାୟତ ଭୋଟର ତାଲିକାରେ ଥିଲେ ବି ବିଧାନସଭା ନିର୍ବାଚନ ମଣ୍ଡଳୀ ଭୋଟର ତାଲିକାରୁ ଗାଏବ ଅଛି। ସରକାରୀ ଯୋଜନାର ଲାଭ ପାଉଥିବା ପ୍ରାୟ ୫୫ ଲକ୍ଷ ହିତାଧିକାରୀଙ୍କ ନାମ ମଧ୍ୟ ଭୋଟର ତାଲିକାରେ ନାହିଁ। ଏହା ସହ ୧୮ ରୁ ୧୯ ବର୍ଷ ବୟସ ବର୍ଗର ପ୍ରାୟ ୪.୫ ଲକ୍ଷ ଯୁବକ-ଯୁବତୀଙ୍କ ନାମ ତାଲିକାରୁ ବାଦ୍ ପଡ଼ିଛି। ପୂର୍ବରୁ ହୋଇଥିବା ୫ଓଜ ଅଭିଯାନ ସମୟରେ ରାଜ୍ୟ ଭୋଟର ତାଲିକାରେ କେବଳ ୪ ଲକ୍ଷ ନୂଆ ଭୋଟର ଯୋଡ଼ିହେବା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକାଶ କରିଛନ୍ତି।

ଇଟାଲୀରେ ମେଲୋନି ସରକାର ବିରୋଧରେ ଆନ୍ଦୋଳନ ତେଜିଲା

ନୂଆଦିଲ୍ଲୀ,୧।୧୦(ଏଜେନ୍ସି):ଇଟାଲୀରେ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ସରକାର ବିରୋଧରେ ଜୋରଦାର ଜନବିକ୍ଷୋଭ ଦେଖିବାକୁ ମିଳିଛି । ମେଲୋନି ଇସ୍ତଫା ଦେବାପାଇଁ ବିରୋଧୀମାନେ ଚାପ ପ୍ରୟୋଗ କରୁଛନ୍ତି। ଦେଶର ୫୦ରୁ ଅଧିକ ସହରରେ ହଜାର ହଜାର ଶ୍ରମିକ, ଛାତ୍ରଛାତ୍ରୀ ଓ କୃଷକ ରାସ୍ତାକୁ ଓହ୍ଲାଇ ସରକାରଙ୍କ ନୀତି ବିରୋଧରେ ପ୍ରତିବାଦ କରୁଛନ୍ତି । ଦରଦାମ ବୃଦ୍ଧି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଦୁର୍ବଳ ସରକାରୀ ସେବା ଏବଂ ସାମରିକ ଖର୍ଚ୍ଚ ବୃଦ୍ଧିକୁ ନେଇ ଏହି ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି ।ଦେଶବ୍ୟାପୀ ୨୪ ଘଣ୍ଟିଆ ସାଧାରଣ ଧର୍ମଘଟ ବେଳେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଶ୍ରମିକ ସଂଗଠନ 'ୟୁନିଓନେ ସିଣ୍ଡାକାଲେ ଦି ବାସେ'ଏହି ଆନ୍ଦୋଳନର ନେତୃତ୍ୱ ନେଉଛି । ଆନ୍ଦୋଳନକାରୀଙ୍କ ମୁଖ୍ୟ ଦାବି ହେଉଛି ଦରଦାମ ନିୟନ୍ତ୍ରଣ ଓ ଶ୍ରମିକଙ୍କ ଦରମା ବୃଦ୍ଧି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଧିକ ସରକାରୀ ନିବେଶ । ଯୁବପିଢ଼ିଙ୍କ ପାଇଁ ରୋଜଗାର ଓ ଆବାସ ସୁବିଧା। ସାମରିକ ଖର୍ଚ୍ଚ ହ୍ରାସ ଓ ଯୁଦ୍ଧ ପ୍ରଭାବିତ ଅଞ୍ଚଳକୁ ଅସ୍ତ୍ର ପଠାଇବାରେ ବନ୍ଦରଗୁଡ଼ିକର ବ୍ୟବହାର ବନ୍ଦ କରିବା ଦାବି ରହିଛି ।ବିରୋଧୀ ଦଳମାନେ ଇଟାଲିର ୫୦ରୁ ଅଧିକ ସହରରେ ଏକକାଳୀନ ଆନ୍ଦୋଳନ କରୁଛନ୍ତି । ମିଲାନ, ରୋମ୍, ତୁରିନ୍, ନାପଲ୍ସ, ବୋଲୋନିଆ, ଜେନୋଆ ସମେତ ବିଭିନ୍ନ ସହରରେ ବିକ୍ଷୋଭ ହୋଇଛି । ଯୁବକଙ୍କଠାରୁ ଆରମ୍ଭ କରି ବୟସ୍କ ଶ୍ରମିକଙ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକ ଏଥିରେ ସାମିଲ ହୋଇଛନ୍ତି । ତୁରିନ୍ ସହରରେ କୃଷକମାନେ ରାସ୍ତାରେ ଗୋବର ଢାଳି ପ୍ରତିବାଦ କରିଥିଲେ । ନାପଲ୍ସରେ କିଛି ପ୍ରଦର୍ଶନକାରୀ ପ୍ରଧାନମନ୍ତ୍ରୀ ମେଲୋନିଙ୍କ ଫଟୋ ପୋଡ଼ିଥିବା ବେଳେ ମିଲାନରେ ସରକାର ବିରୋଧୀ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ଲୋକେ ଶୋଭାଯାତ୍ରା କରିଥିଲେ ।



ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କଲା ଆପ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି):ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ଆମ ଆଦମୀ ପାର୍ଟି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିଛି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କୁ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ ଧୁରି ଆସନରୁ ପ୍ରାର୍ଥୀ କରାଯାଇଥିବା ବେଳେ ଜେଲରେ ଥିବା ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ସଞ୍ଜୀବ ଅରୋରାଙ୍କୁ ଲୁଧିଆନାରୁ ପ୍ରାର୍ଥୀ କରାଯାଇଛି। ବର୍ତ୍ତମାନ ବିଧାୟକ ଥିବା ୪୦ ଜଣଙ୍କ ନାଁ ମଧ୍ୟ ଦଳର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ସ୍ଥାନ ପାଇଛି ।ମୁଖ୍ୟମନ୍ତ୍ରୀ ଭଗୱନ୍ତମାନଙ୍କୁ ପ୍ରାର୍ଥୀ କରାଯାଇଥିବା ଧୁରି ଆସନ ଆମ ଆଦମୀ ପାର୍ଟିର ଗଡ଼ ବୋଲି କୁହାଯାଏ। ୨୦୨୨ ନିର୍ବାଚନରେ ଶ୍ରୀ ମାନ ଏହି ଆସନରୁ ଏକ ବଡ଼ ବିଜୟ ହାସଲ କରିଥିଲେ। କଂଗ୍ରେସର ଦଲବୀର ସିଂହ ଗୋଲ୍ଡିଙ୍କୁ ସେ ୫୮ ହଜାର ଭୋଟରେ ହରାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ନିକଟରେ ହୋଇଥିବା ଧୁରୀ ପୌର ନିର୍ବାଚନରେ ଆପ୍ ମୋଟ ୨୧ ଆସନରୁ ୨୦ଟି ରେ ବିଜୟ ଲାଭ କରିଛି। ତେଣୁ ଏହି ନିର୍ବାଚନ ମଣ୍ଡଳୀ ଆପର ଏକ ମଜଭୁତ ଗଡ଼ ବୋଲି ବିଚାର କରାଯାଏ।ମିଳିଥିବା ସୂଚନା ଅନୁସାରେ ଭଗୱନ୍ତମାନ ନିଜେ ଧୁରି ଆସନରୁ ନିର୍ବାଚନ ଲଢ଼ିବାକୁ ଚାହିଁଥିଲେ। କାରଣ ସେ ୨୦୨୭ ନିର୍ବାଚନ ପାଇଁ ଘର ଘର ବୋଲି ପ୍ରଚାର କରିବାକୁ ନିଷ୍ପତ୍ତି ନେଇଥିଲେ। ସେପ୍ଟେମ୍ବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ମାନ ପଞ୍ଜାବର ପ୍ରତ୍ୟେକ ଘର ଯାଇ ପ୍ରଚାର ମଧ୍ୟ କରିଥିଲେ। ୨୦୨୨ ନିର୍ବାଚନରେ ଦଳ କରିଥିବା ସମସ୍ତ ଗ୍ୟାରେଣ୍ଟି ପୂରା କରିଛି। ମାଗଣା ବିଜୁଳି, ଉନ୍ନତ ସ୍କୁଲ ଏବଂ ଆମ ଆଦ୍‌ମୀ କ୍ଲିନିକ୍ସ ଖୋଲାଯାଇଛି। ପ୍ରତ୍ୟେକ ଲୋକ ମାସକୁ ୧୫ ହଜାର ଟଙ୍କା ସଞ୍ଚୟ କରିପାରୁଛନ୍ତି ବୋଲି ମାନ କହିଥିଲେ ।ତେବେ ଏଥର ପଞ୍ଜାବର ଧୁରି ଆସନରେ ନିର୍ବାଚନ ଫାଇଟ ଖୁବ ଜମିପାରେ। କୁହାଯାଇଛି ଯେ ଅକାଳୀ ଦଳର(ୱାରିସ ଦି ପଞ୍ଜାବ)ର ମୁଖ୍ୟ ଅମ୍ରିତପାଲ ସିଂହ ଧୁରି ଆସନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି। ଟ୍ରିବ୍ୟୁନର ରିପୋର୍ଟ ଅନୁସାରେ ସେ ତାଙ୍କ



ନିର୍ବାଚନ ମଣ୍ଡଳୀ ଖାଦୁର ସାହିବ ସହିତ ଧୁରିରୁ ନିର୍ବାଚନ ଲଢ଼ିବେ।ଆମ ଆଦମୀ ପାର୍ଟି ସଞ୍ଜୀବ ଅରୋରାଙ୍କୁ ଲୁଧିଆନା ୱେଷ୍ଟରୁ ପ୍ରାର୍ଥୀ କରିଛି। ଅରୋରା ୨୦୨୫ ଉପନିର୍ବାଚନରେ ଏହି ଆସନରୁ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ୨୦୨୨ ମସିହାରେ ଆପର ଗୁରପ୍ରୀତ ସିଂହ ଗୋଗୀ କଂଗ୍ରେସ ହାତରୁ ଏହି ଆସନ ଛଡାଇ ଆଣି ବିଜୟୀ ହୋଇଥିଲେ। ହେଲେ ୨୦୨୫ ଉପନିର୍ବାଚନରେ ଅରୋରା କଂଗ୍ରେସର ଭାରତ ଭୂଷଣ ଆଶୁଙ୍କୁ ୧୦,୬୩୭ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।ସୂଚନା ଥାଉକି ୨୦୨୬ ମେ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳ(ଇଡି) ଆର୍ଥିକ ହେରଫେର୍ ମାମଲାରେ ସଞ୍ଜୀବ ଅରୋରାଙ୍କୁ ଗିରଫ କରିଥିଲା। ଏହାପରେ ତାଙ୍କୁ ୭ ଦିନ ପାଇଁ ଇଡି କଷ୍ଟଡିରେ ପଠାଇ ଦେଇଥିଲେ।

ମହାରାଷ୍ଟ୍ର ପାଲଘରରେ ଛିଡ଼ିଲା ଲିଫ୍ଟ, ୭ ଆହତ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି)::ମହାରାଷ୍ଟ୍ର ପାଲଘରର ଏକ ଆବାସିକ ଭବନର ପଞ୍ଚମ ମହଲାରୁ ଲିଫ୍ଟ ଛିଡିପିଡିବାରୁ ୭ ଜଣ ଆହତ ହୋଇଛନ୍ତି। ଜନୈକ ନଗର ପାଳିକା ଅଧିକାରୀ କହିଛନ୍ତି ଯେ ଏହି ଲିଫ୍ଟର କ୍ଷମତା ୫ ଜଣ ଥିଲା। ତେବେ ସେଥିରେ ୭ ଜଣ ଯାତ୍ରା କରୁଥିଲେ। ଏହି ଘଟଣା ମଧ୍ୟାହ୍ନ ୨ଟା ବେଳେ ପାଟନକର ପାର୍କ ଅଞ୍ଚଳରେ ଥିବା ଧନଞ୍ଜୟ ଏଭେନ୍ୟୁ ବିଲ୍ଡିଂରେ ଘଟିଛି। ଏହି ଦୁର୍ଘଟଣାରେ ୪ ଜଣ ପୁରୁଷ ଓ ୩ ଜଣ ମହିଳା ଆହତ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ତେବେ ସ୍ଥାନୀୟ ଲୋକେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିବା କହିଛନ୍ତି। ହାଉସିଂ ସୋସାଇଟିର ଲୋକେ କହିଛନ୍ତି ଯେ ଏପରି ଦୁର୍ଘଟଣା ଆଶଙ୍କାରେ ସୋସାଇଟି ଲିଫ୍ଟ ସାଫ୍ଟ ତଳ ଅଂଶରେ ପୂର୍ବରୁ ସେଫ୍ଟି ସ୍ପ୍ରିଂ ଲଗାଇ ଦେଇଥିଲେ। ବିଲ୍ଡିଂ ବାସିନ୍ଦାଙ୍କ ଅନୁସାରେ ଧନଞ୍ଜୟ ଏନକ୍ଲେଭ ଗତ ୨ ବର୍ଷ ହେଲା ବାସପୋଯୋଗୀ ହୋଇଛି। ଲୋକେ ଅନେକ ପୂର୍ବରୁ ଘର କିଣିଥିଲେ ମଧ୍ୟ ସେମାନଙ୍କୁ ଦିଆଯାଇନଥିଲା।

ଶେଖ ହସିନା ସରକାରଙ୍କ ପତନ ଘଟାଇଥିବା ନାହିଦଙ୍କ ଟାର୍ଗେଟରେ ତାରିକ ରହମାନ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ବାଂଲାଦେଶର ନ୍ୟାସନାଲ ସିଟିଜେନ୍ସ ପାର୍ଟି(ଏନସିପି)ତାରିକ ରହମାନ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବାକୁ ଇଙ୍ଗିତ ଦେଇଛି। ଏନସିପି ସଂଯୋଜକ ନାହିଦ ଇସଲାମ ଗୃହମନ୍ତ୍ରୀ ସଲାହୁଦ୍ଦିନ ଅହମ୍ମଦ ଏବଂ ଶକ୍ତି ମନ୍ତ୍ରୀ ଇକବାଲ ହାସନ ମହମୁଦ ଟୁକୁଙ୍କ ଇସ୍ତଫା ଦାବି କରିଛନ୍ତି। ଏହି ମନ୍ତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ନାହିଦ କହିଛନ୍ତି ଯେ, ଯଦି ସେମାନେ ସେମାନଙ୍କ ପଦବୀରେ ରହିବେ ତେବେ ତାଙ୍କ ଦଳ ପ୍ରତିବାଦ କରିବ।ଶେଖ ହସିନାଙ୍କ ବିରୋଧରେ ୨୦୨୪ ମସିହାରେ ହୋଇଥିବା ପ୍ରତିବାଦରେ ନାହିଦ ଇସଲାମ ଜଣେ ପ୍ରମୁଖ ବ୍ୟକ୍ତି ଥିଲେ। ପରବର୍ତ୍ତୀ ସମୟରେ ଏହା ସରକାରଙ୍କ ପତନର କାରଣ ହୋଇଥିଲା। ନାହିଦ ବର୍ତ୍ତମାନର ବିଏନପି ସରକାରରେ ବିରୋଧୀ ଦଳର ପ୍ରମୁଖ ଚେହେରା ମଧ୍ୟରୁ ଜଣେ।ସଂସଦରେ ବିରୋଧୀ ଦଳର ମୁଖ୍ୟ ସଚେତକ ନାହିଦ ଇସଲାମ ଶୁକ୍ରବାର ଢାକାର ଶାହବାଗରେ ଏକ ବଡ଼ ଧରଣର ଦଳୀୟ ରାଲି କରିଥିଲେ। ଏନସିପି ଅନୁଯାୟୀ, ସରକାର ପ୍ରାୟୋଜିତ ହତ୍ୟା, ଲୁଟପାଟ, ଅରାଜକତା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଇନ୍ଧନ ମୂଲ୍ୟ ବୃଦ୍ଧି, ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ଦେଶରେ ସରକାରୀ ପ୍ରତିଷ୍ଠାନର ରାଜନୀତିକରଣ ବିରୋଧରେ ପ୍ରତିବାଦ କରିବା ପାଇଁ ଏହି ରାଲି ଡକାଯାଇଥିଲା।ଗୃହ ଏବଂ ଶକ୍ତି ମନ୍ତ୍ରୀମାନେ ନିଜ ନିଜ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଯଦି ସେମାନେ ଇସ୍ତଫା ନ ଦିଅନ୍ତି, ତେବେ ଆମେ ଦେଶବ୍ୟାପୀ ପ୍ରତିବାଦ କରିବୁ। ଆମେ ଦାବି ନେଇପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କୁ ଘେରିବୁ। ସେ ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନପି ସରକାରକୁ ସମାଲୋଚନା କରି କହିଛନ୍ତି ଯେ, ବୃଦ୍ଧି ପାଉଥିବା ମୂଲ୍ୟ ଏବଂ ଲୁଟପାଟ ଲୋକଙ୍କ ଜୀବନକୁ କଷ୍ଟକର କରିଦେଇଛି। ଦେଶରେ ବିଦ୍ୟୁତ୍ କିମ୍ବା ଗ୍ୟାସ୍ ନାହିଁ। ସମସ୍ତ ପ୍ରତିଷ୍ଠାନକୁ ରାଜନୀତିକରଣ କରାଯାଉଛି, ଏବଂ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ବର୍ତ୍ତମାନର ସରକାର ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଆମେ ଦେଶରେ ଏକ ନୂତନ ଏକଛତ୍ରବାଦୀ ଶାସକର ଉତ୍ଥାନ ଦେଖୁଛୁ, ଯାହାକୁ ବନ୍ଦ କରିବାକୁ ପଡିବ।ଏହି ବିଫଳତା ପାଇଁ ଗୃହମନ୍ତ୍ରୀ ସଲାହୁଦ୍ଦିନ ଅହମ୍ମଦ ସବୁଠାରୁ ଅଧିକ ଦାୟୀ। ଗୃହମନ୍ତ୍ରୀ ଭାବରେ ତାଙ୍କର ଦାୟିତ୍ୱ ପୂରଣ କରିବା ପରିବର୍ତ୍ତେ ସେ ସାମ୍ବିଧାନିକ ସଂଶୋଧନରେ ବ୍ୟସ୍ତ ଅଛନ୍ତି। ସେ ସମ୍ବିଧାନ ସହିତ ହେରଫେର କରୁଛନ୍ତି। ଦେଶରେ ବିଶୃଙ୍ଖଳା, ବଳପୂର୍ବକ ନିଖୋଜ ଏବଂ ହତ୍ୟାର ଦାୟିତ୍ୱ ନେଇ ସେ ଇସ୍ତଫା ଦେବା ଉଚିତ୍। ଶକ୍ତି ମନ୍ତ୍ରୀ ଇକବାଲ ହାସନ ମହମୁଦ ମଧ୍ୟ ତାଙ୍କ ବିଫଳତା ପାଇଁ ଇସ୍ତଫା ଦେବା ଉଚିତ୍।ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କର ଦେଶ ଚଳାଇବା ପାଇଁ କୌଣସି ଯୋଜନା ନାହିଁ। ତାରିକ ରହମାନ ଦେଶରେ ଦୁର୍ନୀତି, ଲୁଟପାଟ, ଚାନ୍ଦା ଆଦାୟ, ଆତଙ୍କବାଦ ଏବଂ ଦଖଲକୁ ପ୍ରୋତ୍ସାହିତ କରିବା ପାଇଁ ଲଣ୍ଡନରୁ ଏକ ଯୋଜନା ଆଣିଛନ୍ତି। ଆମେ ଜଣେ ଏକଛତ୍ରବାଦୀଙ୍କୁ କ୍ଷମତାରୁ ହଟାଇ ଦେଇଛୁ, ଏବଂ ଏବେ ଆମେ ଜଣେ ନୂତନ ଏକଛତ୍ରବାଦୀଙ୍କ ଉତ୍ଥାନ ଦେଖୁଛୁ।





ରିଲାଏନ୍ସର ଅର୍ଦ୍ଧବାର୍ଷିକ ଲାଭ ପ୍ରଥମ ଥର ପାଇଁ ୫୦ ହଜାର କୋଟି ଟଙ୍କା ଅତିକ୍ରମ

ମୁମ୍ବାଇ,୧୧ (ନି.ପ୍ର) : ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତା ସତ୍ତ୍ୱେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେପ୍ଟେମ୍ବର ତ୍ରୈମାସିକରେ ରେକର୍ଡ ପ୍ରଦର୍ଶନ କରିଛି। ଜିଓ ପ୍ଲାଟଫର୍ମସର ବର୍ଦ୍ଧିତ ଆୟ ଏବଂ ତୈଳ-ରସାୟନ (ଅଏଲ୍-କେମିକାଲ୍) ବ୍ୟବସାୟର ରେକର୍ଡ ପ୍ରଦର୍ଶନ କମ୍ପାନୀର ଆର୍ଥିକ ଫଳାଫଳକୁ ମଜଭୁତ କରିଛି। ରିଲାଏନ୍ସର ସମନ୍ୱିତ ନେଟ୍ ଲାଭ ବାର୍ଷିକ ଭିତ୍ତିରେ ୩୩.୮ ପ୍ରତିଶତ ବୃଦ୍ଧି ପାଇ ୨୯,୫୫୦ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଏପର୍ଯ୍ୟନ୍ତ କମ୍ପାନୀର ସର୍ବାଧିକ ତ୍ରୈମାସିକ ଲାଭ। କମ୍ପାନୀର ମୋଟ ରାଜସ୍ୱ ମଧ୍ୟ ୨୭.୮ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୩,୬୨,୨୬୮ କୋଟି ଟଙ୍କା ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ରିଲାଏନ୍ସର ମୋଟ ନେଟ୍ ଲାଭ ପ୍ରଥମ ଥର ପାଇଁ ୫୦ ହଜାର କୋଟି ଟଙ୍କା ଅତିକ୍ରମ କରିଛି।

ରିଲାଏନ୍ସର ଏହି ଉଲ୍ଲେଖନୀୟ ପ୍ରଦର୍ଶନରେ କମ୍ପାନୀର ତୈଳ ରୁ ରସାୟନ (ଅଏଲ୍-ଟୁ-କେମିକାଲ୍) ବ୍ୟବସାୟର ବଡ଼ ଭୂମିକା ରହିଛି। ଗତବର୍ଷର ସମାନ ତ୍ରୈମାସିକ ତୁଳନାରେ ଏହି ବ୍ୟବସାୟର ଇବିଆଇଟିଡିଏ ୬୭.୯ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୨୫,୨୦୩ କୋଟି ଟଙ୍କାରେ ପହଞ୍ଚିଛି। ଏହି ବ୍ୟବସାୟର ରାଜସ୍ୱ ମଧ୍ୟ ୪୪.୨ ପ୍ରତିଶତ ବୃଦ୍ଧି ପାଇ ୨,୩୧,୬୦୧ କୋଟି ଟଙ୍କା ହୋଇଛି। ପରିବହନ ଇନ୍ଧନର ବିଶୋଧନ ମାର୍ଜିନରେ ଦ୍ରୁତ ବୃଦ୍ଧି ଏବଂ ପଲିଷ୍ଟର ବ୍ୟବସାୟର ମାର୍ଜିନ୍ ତିନି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ଏହି ସଫଳତାର ପ୍ରମୁଖ କାରଣ ରହିଛି।

ଏହି ସମୟରେ ରିଲାଏନ୍ସ ଅଶୋଧିତ ତୈଳ ଯୋଗାଣ ସହ ଜଡ଼ିତ ଆହ୍ୱାନଗୁଡ଼ିକର ମଧ୍ୟ ସଫଳ ମୁକାବିଲା କରିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ରେ ଯୋଗାଣ ବାଧାପ୍ରାପ୍ତ ହେବା ସତ୍ତ୍ୱେ କମ୍ପାନୀ ଲାଟିନ୍ ଆମେରିକା, ଉତ୍ତର ଆମେରିକା ଏବଂ ଭୂମଧ୍ୟସାଗରୀୟ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରୁ ଅଶୋଧିତ ତୈଳ ଯୋଗାଣ ସୁନିଶ୍ଚିତ କରିବା ସହ ରେକର୍ଡ ପରିମାଣର ଅଶୋଧିତ ତୈଳ ବିଶୋଧନ କରିଛି। ଏହା ଦେଶର ଘରୋଇ ଇନ୍ଧନ ଚାହିଦା ପୂରଣ କରିବାରେ ସହାୟକ ହୋଇଛି।

ରିଲାଏନ୍ସର ଅନ୍ୟ ବ୍ୟବସାୟଗୁଡ଼ିକ ମଧ୍ୟ କମ୍ପାନୀର ଏହି ସଫଳତାରେ ଯୋଗଦାନ ଦେଇଛନ୍ତି। ଜିଓ ପ୍ଲାଟଫର୍ମସର ରାଜସ୍ୱ ଓ ଲାଭରେ ବୃଦ୍ଧି ଘଟିଥିବା ବେଳେ ରିଲାଏନ୍ସ ରିଟେଲ୍ ଏହି ତ୍ରୈମାସିକରେ ୩୦୩ଟି ନୂଆ ଷ୍ଟୋର୍ ଖୋଲିବା ସହ ଡିଜିଟାଲ୍ କମର୍ସର ସମ୍ପ୍ରସାରଣ କରିଛି। ଜିଓଷ୍ଟାରର ରାଜସ୍ୱରେ ମଧ୍ୟ ବୃଦ୍ଧି ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ, ଅଏଲ୍ ଆଣ୍ଡ ଗ୍ୟାସ୍ ବ୍ୟବସାୟର ରାଜସ୍ୱ ପ୍ରାୟ ସ୍ଥିର ରହିଥିବା ବେଳେ ସିବିଏମ ଉତ୍ପାଦନରେ ବୃଦ୍ଧି ଘଟିଛି। ଏହି ସବୁ କାରଣରୁ ରିଲାଏନ୍ସର ସମନ୍ୱିତ ଇବିଆଇଟିଡିଏ ୨୩.୯ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୬୨,୪୦୯ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହ କମ୍ପାନୀର ନ୍ୟୁ ଏନର୍ଜି ବା ନୂତନ ଶକ୍ତି କ୍ଷେତ୍ରର ପ୍ରକଳ୍ପଗୁଡ଼ିକରେ ନିବେଶ ଜାରି ରହିଛି।

ଆମାଜନରେ ବ୍ୟବସାୟଗୁଡ଼ିକ ପାଇଁ ଶେଷ ମୁହୂର୍ତ୍ତର ପାର୍ବଣ ରିହାତି ଉପଲବ୍ଧ

ଭୁବନେଶ୍ୱର, ୧।୧୧ (ନି.ପ୍ର) : ଦୀପାବଳି ପାଖେଇ ଆସୁଥିବାରୁ ବ୍ୟବସାୟଗୁଡ଼ିକ ଚଳିତ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ ଆମାଜନ ବିଜନେସ୍‌ରେ ବିଭିନ୍ନ ପ୍ରକାରର କ୍ରୟ ବର୍ଗରେ ଲାଷ୍ଟ-ମିନିଟ ଡିଲଗୁଡ଼ିକର ସର୍ବାଧିକ ଲାଭ ପାଇପାରିବେ। ଲାପଟପ, ଟେଲିଭିଜନ ଓ ଏଆର କଣ୍ଡିସନରଠାରୁ ଆରମ୍ଭ କରି ଅଫିସ ଫର୍ଣ୍ଣିଚର, ସପ୍ଲାଇ ଓ ଲାଇଟିଙ୍ଗ ପର୍ଯ୍ୟନ୍ତ, ବ୍ୟବସାୟ କରୁଥିବା ଗ୍ରାହକମାନେ ଉତ୍ପାଦ ମୂଲ୍ୟ ଉପରେ ୮୪% ପର୍ଯ୍ୟନ୍ତ ରିହାତି ପାଇବା ସହ ବଡ କ୍ରୟ ଉପରେ ଅତିରିକ୍ତ ରିହାତି ମଧ୍ୟ ପାଇପାରିବେ। ଭିନ୍ନ ଭିନ୍ନ ବ୍ୟବସାୟ ଆବଶ୍ୟକତା ଓ ବଜେଟ ସହ ମେଳ ଖାଇବା ପାଇଁ ରହିଥିବା ବିକଳ୍ପ ସହିତ ଗ୍ରାହକମାନେ ଫେଷ୍ଟିଭ ସେଲ ଶେଷ ହେବା ପୂର୍ବରୁ ଅଫିସ ଏସେନ୍ସିଆଲଗୁଡ଼ିକୁ କ୍ରୟ କରିପାରିବେ, ନିଜର କାର୍ଯ୍ୟକ୍ଷେତ୍ର ଅପଗ୍ରେଡ କରିବା ସହ ଉପକରଣ କ୍ରୟ କରିପାରିବେ। ବ୍ୟବସାୟୀମାନେ ନିଜର ପାର୍ବଣ କ୍ରୟ ପାଇଁ ଏକ ନିର୍ଦ୍ଦିଷ୍ଟ ରେଞ୍ଜ ବର୍ଗରେ ୯୯୯୯ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ କ୍ୟାଶବ୍ୟାକ ଏବଂ ତତ୍କାଳ ବ୍ୟାଙ୍କ ରିହାତି ପାଇବେ। ଆମାଜନ ବିଜନେସ୍ ଗ୍ରାହକମାନେ ଲାପଟପ, ଟେଲିଭିଜନ, ଏୟାର କଣ୍ଡିସନର, ଅଫିସ ଫର୍ଣ୍ଣିଚର, ଅଫିସ ସପ୍ଲାଇ ଆଦି ଉତ୍ପାଦଗୁଡ଼ିକରେ ଲାଷ୍ଟ-ମିନିଟ ଫେଷ୍ଟିଭ ଡିଲଗୁଡ଼ିକୁ ଅନ୍ୱେଷଣ କରିପାରିବେ। ଏହି ଗ୍ରାହକମାନେ ଏଚଡିଏଫସି ବ୍ୟାଙ୍କ କ୍ରେଡିଟ କାର୍ଡ ଓ ଇଏମଆଇ ଟ୍ରାଞ୍ଜାକ୍ସନ ଉପରେ ୧୦%ର ତତ୍କାଳ ରିହାତି ମଧ୍ୟ ପାଇପାରିବେ। ଆମାଜନ ବିଜନେସ୍ ଗ୍ରାହକଙ୍କ ପାଇଁ ଉପଲବ୍ଧ ଥିବା ଲାଷ୍ଟ ମିନିଟ୍ ଡିଲଗୁଡିକରେ ଗେମିଂ ଓ ବିଜନେସ୍ ଲାପଟପ ସମେତ ଲାପଟପଗୁଡ଼ିକ ଉପରେ ୩୩% ପର୍ଯ୍ୟନ୍ତ ରିହାତି, ଟେଲିଭିଜନ ଓ ଏୟାର କଣ୍ଡିସନର ଉପରେ ୪୯% ପର୍ଯ୍ୟନ୍ତ ରିହାତି, ଏର୍ଗୋନୋମିକ ଓ ଷ୍ଟଡି ଚେୟାର ସମେତ ଅଫିସ ଫର୍ଣ୍ଣିଚର ଉପରେ ୫୫% ପର୍ଯ୍ୟନ୍ତ ରିହାତି ସହିତ ମଲ୍ଟି-ୟୁନିଟ କ୍ରୟ ଉପରେ ଅତିରିକ୍ତ ରିହାତି ଆଦି ସାମିଲ ରହିଛି। ସେହିପରି ୱାଲ ଲାଇଟ ଓ ଟେବୁଲ ଲ୍ୟାମ୍ପ ସମେତ ଅଫିସ ଲାଇଟିଂ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଏବଂ ବଲ୍କ ଅର୍ଡର ଉପରେ ୪% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମିଳୁଛି। ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ ବ୍ୟବସାୟୀମାନେ ଏଚପି ସ୍ମାର୍ଟଚଏସ ଭିକ୍ଟସ ଗେମିଂ ଲାପଟପ, ଡେଲ ୧୫ ଲାପଟପ ଓ ଡେଲ୍ ଜି ସିରିଜ ଗେମିଂ ଲାପଟପ ଉପରେ ଆକର୍ଷଣୀୟ ରିହାତି ଏବଂ ଟିଭି ଓ ଏସି ଉପରେ ୪୯% ପର୍ଯ୍ୟନ୍ତ ରିହାତି ପାଇପାରିବେ।

ଟାଇକନ୍ ୨୦୨୬ରେ ସାଗର ବିଜନେସ୍ ପ୍ରଦର୍ଶନ କଲା ଅଭିନବ ନିର୍ମାଣ ସମାଧାନ

ଭୁବନେଶ୍ୱର, ୧।୧୧ (ନି.ପ୍ର) : ଟାଇ ଭୁବନେଶ୍ୱର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ 'ଟାଇକନ୍ ୨୦୨୬'ରେ ସାଗର ବିଜନେସ୍ ଭେଂଚର୍ସ ଲିମିଟେଡ ନିଜର ଆଧୁନିକ ନିର୍ମାଣ ସମାଧାନର ପ୍ରଦର୍ଶନ କରିଛି । ଏହି ସମ୍ମିଳନୀ ସମୟରେ, କମ୍ପାନୀ ଅତ୍ୟାଧୁନିକ ଅଫ୍-ସାଇଟ୍ ପଦ୍ଧତି, ଉଚ୍ଚ ସୁରକ୍ଷା ମାନଦଣ୍ଡ ଏବଂ ଡିଜିଟାଲ୍ ସଠିକତା ବ୍ୟବହାର କରି କିପରି ଆଧୁନିକ ଇସ୍ପାତ ଏବଂ ନିର୍ମାଣ ଇଞ୍ଜିନିୟରିଂକୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରାଯାଇପାରିବ, ତାହା ପ୍ରଦର୍ଶନ କରି ବେଶ୍ ଧ୍ୟାନ ଆକର୍ଷଣ କରିଥିଲା ।



କମ୍ପାନୀର ଭିଜନକୁ ନେଇ ନିଜର ମତ ବ୍ୟକ୍ତ କରି, ସାଗର ବିଜନେସ୍ ଭେଂଚର୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁନୀଲ କିଶୋରପୁରିଆ ଇସ୍ପାତର ସୃଜନଶୀଳ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉଲ୍ଲେଖ କରିଛନ୍ତି ଯେ ଇସ୍ପାତକୁ ଏକ ସଫ୍ଟୱେର୍ ପରି ସୁନ୍ଦର ଭାବରେ ଏବଂ ସଠିକତା ସହ ପରିଚାଳନା କରାଯାଇପାରିବ । ଜଟିଳ କାମଗୁଡ଼ିକୁ ଅଫ୍-ସାଇଟ କରାଇବା ଦ୍ୱାରା, ନିର୍ମାତାମାନେ ପ୍ରକୃତ ନିର୍ମାଣ ସ୍ଥଳରେ ଅଧିକ ସହଜ ଏବଂ ସୁରକ୍ଷିତ ପଦ୍ଧତି ପ୍ରବର୍ତ୍ତନ କରିପାରିବେ । ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ଭାରତରେ ବର୍ତ୍ତମାନ ଦ୍ରୁତ ଅର୍ଥନୈତିକ ଏବଂ ଭିତ୍ତିଭୂମିଗତ ଅଭିବୃଦ୍ଧିର ଆବଶ୍ୟକତା ରହିଛି, ଯାହାକୁ ତାଙ୍କ କମ୍ପାନୀ ଅଫ୍-ସାଇଟ୍ ନିର୍ମାଣ ସେବା ବ୍ୟବହାର କରି ସମାଧାନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ପ୍ରକଳ୍ପର ସମୁଦାୟ ସମୟସୀମାକୁ ପ୍ରାୟ ଶତକଡ଼ା ୫୦ ଭାଗ ହ୍ରାସ କରିଥାଏ ।

ଏହାର ବୈଷୟିକ ଦକ୍ଷତା ପ୍ରମାଣ କରିବା ପାଇଁ, କମ୍ପାନୀ ଓଡ଼ିଶାସାରା ପାରମ୍ପାରିକ ନିର୍ମାଣ ପଦ୍ଧତିକୁ ପୁନଃରୂପ ଦେବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି । ପ୍ରକୃତ ନିର୍ମାଣ ସ୍ଥଳଠାରୁ ଦୂରରେ ଭାରୀ ଫ୍ୟାବ୍ରିକେସନ୍ ଏବଂ ପ୍ରକ୍ରିୟାକରଣ କରିବା ଦ୍ୱାରା ଅପ୍ରତ୍ୟାଶିତ ବିଳମ୍ବକୁ ସର୍ବନିମ୍ନ କରାଯାଇପାରିବ, ହାତର ଶ୍ରମ ଉପରେ ଅଧିକ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୟସୂଚୀକୁ ଅଧା ପର୍ଯ୍ୟନ୍ତ ହ୍ରାସ କରାଯାଇପାରିବ । ସେମାନଙ୍କର ପ୍ରଦର୍ଶନୀ ଷ୍ଟଲରେ, ସାଗର ବିଜନେସ୍ ଭେଂଚର୍ସ ଲିମିଟେଡ୍ ବିଭିନ୍ନ ପ୍ରକାରର ଡାଉନ୍-ଷ୍ଟ୍ରିମ୍ ଇସ୍ପାତ ପ୍ରୟୋଗଗୁଡ଼ିକୁ ପ୍ରଦର୍ଶିତ କରିଥିଲା । ଏହି ସମାଧାନଗୁଡ଼ିକ ବିଶେଷ ଭାବରେ ସାମଗ୍ରିକ ସ୍ଥଳ ପରିଚାଳନାକୁ ସରଳ କରିବା, ଗଠନମୂଳକ ସୁରକ୍ଷା ବୃଦ୍ଧି କରିବା ଏବଂ ଏହି ଅଞ୍ଚଳରେ ଶ୍ରମିକ ଉପଲବ୍ଧତା ସମ୍ବନ୍ଧୀୟ ଉଦୀୟମାନ ଚ୍ୟାଲେଞ୍ଜଗୁଡ଼ିକୁ ପ୍ରଭାବଶାଳୀ ଭାବରେ ସମାଧାନ କରିବା ପାଇଁ ଇଞ୍ଜିନିୟରିଂ କରାଯାଇଛି ।

ଖିମଜୀ ଜୁଏଲର୍ସ ପକ୍ଷରୁ 'ଧନ୍‌ତେରସ୍ ଧନ୍‌ବର୍ଷା' ଉନ୍ମୋଚିତ

ଭୁବନେଶ୍ୱର, ୧।୧୧ (ନି.ପ୍ର) : ୧୯୩୬ ମସିହାରୁ ଓଡ଼ିଶାର ସବୁଠାରୁ ବିଶ୍ୱସନୀୟ ଜୁଏଲର ଖିମଜୀ ଜୁଏଲର୍ସ ପକ୍ଷରୁ ଧନ୍‌ତେରସ୍ ପାଇଁ ଏହାର ପାର୍ବଣ ଅଭିଯାନ 'ଧନ୍‌ତେରସ୍ ଧନ୍‌ବର୍ଷା'ର ଶୁଭାରମ୍ଭ କରାଯାଇଛି। ନାମ ଅନୁସାରେ ସମୃଦ୍ଧିର ଏକ ବର୍ଷା ଭଳି ଏହି ଅଭିଯାନ ସୁନା, ହୀରା, ରୁପା, ପ୍ଲାଟିନମ୍, ଫ୍ୟାସନ୍ ଗହଣା, ହାତଘଂଟା ଓ କଳାକୃତି ଗୁଡ଼ିକରେ ସ୍ୱତନ୍ତ୍ର ଅଫରଗୁଡ଼ିକୁ ଆଣିଛି ଯାହା ପରିବାରଗୁଡ଼ିକୁ ବର୍ଷର ସବୁଠାରୁ ଶୁଭ କ୍ରୟ ସମୟକୁ ଏପରି ଗହଣା ସହିତ ପାଳନ କରିବାକୁ ନିମନ୍ତ୍ରଣ କରୁଛି ଯାହାକୁ ସେମାନେ ପିଢ଼ି ପିଢ଼ି ଧରି ସାଇତି ରଖିବେ। ମୁଖ୍ୟ ଅଫରଗୁଡ଼ିକ ଏହି ଋତୁର ସବୁଠାରୁ ଆଦୃତ କ୍ରୟକୁ ନେଇ ଗଢ଼ାଯାଇଛି। ଗ୍ରାହକମାନେ ସୁନା ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ ୪୦% ରିହାତି ଓ ହୀରା ଉପରେ ଫ୍ଲାଟ ୨୦% ରିହାତିର ଆନନ୍ଦ ନେଇପାରିବେ। ରୁପା ଗହଣା ଓ ପ୍ଲାଟିନମ୍ ଗହଣା ପ୍ରତ୍ୟେକ ଗଢ଼ା ମଜୁରି ଉପରେ ଫ୍ଲାଟ ୨୫% ରିହାତି ପାଇପାରିବେ। ପାର୍ବଣ ଉପହାର ଓ ନିତ୍ୟବ୍ୟବହାର୍ଯ୍ୟ ଶୈଳୀ ପାଇଁ ଏହି ଅଭିଯାନ ଫ୍ୟାସନ୍ ଗହଣା ଉପରେ ଫ୍ଲାଟ ୩୦% ରିହାତି, ରୁପା ଏମଆରପି ଉପରେ ଫ୍ଲାଟ ୨୦% ରିହାତି ମଧ୍ୟ ପ୍ରଦାନ କରୁଛି। ହାତଘଂଟା ଉପରେ ଫ୍ଲାଟ ୧୫% ରିହାତି ଓ କଳାକୃତିଗୁଡ଼ିକ ଉପରେ ଫ୍ଲାଟ ୧୦% ରିହାତି ରହିଛି। ଗ୍ରାହକମାନେ ପ୍ରତ୍ୟେକ ଧନତେରସ କ୍ରୟକୁ ଆହୁରି ଅଧିକ ଲାଭଦାୟକ କରିବା ପାଇଁ ଷ୍ଟୋରରେ ଆହୁରି ଅନେକ ସ୍ୱତନ୍ତ୍ର ଅଫର ପାଇପାରିବେ। ଯେଉଁ ଗ୍ରାହକମାନେ ମୂଲ୍ୟବାନ ଧାତୁ ସହିତ ଧନ୍‌ତେରସ୍‌କୁ ସ୍ୱାଗତ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଖିମଜୀ ଜୁଏଲର୍ସ ୫ ଗ୍ରାମ୍, ୧୦ ଗ୍ରାମ୍, ୫୦ ଗ୍ରାମ୍ ଓ ୧୦୦ ଗ୍ରାମ୍ ୯୯୯ ବିଶୁଦ୍ଧତାର ସୁନା ଓ ରୁପା ମୁଦ୍ରା ପ୍ରଦାନ କରୁଛି ଯାହା ବ୍ରାଣ୍ଡର ବାଏବ୍ୟାକ୍ ଗ୍ୟାରେଂଟି ଦ୍ୱାରା ସମର୍ଥିତ। ନିଜର ସଂଗ୍ରହକୁ ସତେଜ କରିବାକୁ ଚାହୁଁଥିବା ପରିବାରଗୁଡ଼ିକ ଯେକୌଣସି ଜୁଏଲରଙ୍କଠାରୁ କିଣାଯାଇଥିବା ପୁରୁଣା ସୁନାକୁ ସମ୍ପୂର୍ଣ୍ଣ ୧୦୦% ମୂଲ୍ୟରେ ମଧ୍ୟ ବଦଳାଇ ପାରିବେ।



ଧନ୍‌ତେରସ୍ ସମୃଦ୍ଧି, ନୂତନ ଆରମ୍ଭ ଓ ପରିବାରଗୁଡ଼ିକୁ ଏକାଠି ବାନ୍ଧି ରଖୁଥିବା ସମ୍ପର୍କଗୁଡ଼ିକୁ ପାଳନ କରୁଛି ବୋଲି ଖିମଜି ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମିତେଶ ଖିମଜି କହିଛନ୍ତି। ସେ କହିଛନ୍ତି, ୯୦ ବର୍ଷ ଧରି ଆମ ଗ୍ରାହକମାନେ ଆମ ଉପରେ ରଖିଥିବା ବିଶ୍ୱାସ ଆମର ସବୁଠାରୁ ବଡ଼ ଶକ୍ତି ହୋଇରହିଛି। 'ଧନ୍‌ତେରସ୍ ଧନ୍‌ବର୍ଷା' ସହିତ ଆମେ ଆମ ଶୋରୁମକୁ ଆସୁଥିବା ପ୍ରତ୍ୟେକ ପରିବାର ପାଇଁ ପାର୍ବଣ ଋତୁକୁ ଆହୁରି ଅଧିକ ଲାଭଦାୟକ କରିବାକୁ ଚାହୁଁଛୁ ଏବଂ ଆମେ ସେମାନଙ୍କର ଉତ୍ସବ ଓ ସେମାନେ ସୃଷ୍ଟି କରୁଥିବା ସ୍ମୃତିଗୁଡ଼ିକର ଅଂଶବିଶେଷ ହେବାକୁ ଅପେକ୍ଷା କରିଛୁ। ଏହି ଅଫରଗୁଡ଼ିକ ଅକ୍ଟୋବର ୩୦ (ଶୁକ୍ରବାର)ରୁ ଓଡ଼ିଶାର ସମସ୍ତ ଖିମଜି ଜୁଏଲର୍ସ ଶୋ'ରୁମରେ ଉପଲବ୍ଧ। ୧୯୩୬ ମସିହାରେ ସ୍ଥାପିତ ଖିମଜି ଜୁଏଲର୍ସ,ରାଜ୍ୟସାରା ୧୨ଟି ଶୋରୁମ ସହିତ ଓଡ଼ିଶାର ସବୁଠାରୁ ବିଶ୍ୱସନୀୟ ଜୁଏଲର। ବିଶୁଦ୍ଧତା, ସ୍ୱଚ୍ଛତା ଓ କାରୁକାର୍ଯ୍ୟ ଉପରେ ନିର୍ମିତ ଏହି ବ୍ରାଣ୍ଡ ଘଣ୍ଟା, କଳାକୃତି ଓ ଉପହାର ସହିତ ସୁନା, ହୀରା, ପ୍ଲାଟିନମ୍, ରୁପା ଏବଂ ଫ୍ୟାଶନ୍ ଗହଣା ପ୍ରଦାନ କରୁଛି ଏବଂ ୯୦ ବର୍ଷ ଧରି ଓଡ଼ିଶାର ପରିବାରଗୁଡ଼ିକର ଉତ୍ସବଗୁଡ଼ିକର ଅଂଶବିଶେଷ ହୋଇଆସିଛି।

ଶିଶୁମାନଙ୍କ ପାଇଁ ମୌଳିକ ଭେଣ୍ଟିଲେସନ୍ କର୍ମଶାଳା- ଆଇଏପି ଓଡ଼ିପେଡିକନ୍‌ର ପ୍ରାକ୍-ସମ୍ମିଳନୀ କର୍ମଶାଳା

ଭୁବନେଶ୍ୱର, ୧।୧୧ (ନି.ପ୍ର) : ଇଣ୍ଡିଆନ୍ ଏକାଡେମୀ ଅଫ ପେଡିଆଟ୍ରିକ୍ସ (ଆଇଏପି) ଓଡ଼ିଶା-ଆଇଏପି ଓଡ଼ିପେଡିକନ୍ ୨୦୨୬ର ୪୬ତମ ବାର୍ଷିକ ସମ୍ମିଳନୀର ପ୍ରାକ୍-ସମ୍ମିଳନୀ କର୍ମଶାଳା ଅଂଶ ଭାବରେ ଶିଶୁମାନଙ୍କ ପାଇଁ ଏକ ମୌଳିକ ଭେଣ୍ଟିଲେସନ୍ କର୍ମଶାଳା ଭୁବନେଶ୍ୱରସ୍ଥିତ ଅଙ୍କୁରା ହସ୍ପିଟାଲ ଫର୍ ଓମେନ୍ ଆଣ୍ଡ ଚିଲ୍ଡ୍ରେନ ଠାରେ ୨୦୨୬ ଅକ୍ଟୋବର ୩୦ ତାରିଖରେ ସଫଳତାର ସହିତ ଆୟୋଜିତ ହୋଇଥିଲା। ଆଇଏପି ଭୁବନେଶ୍ୱର ସିଟି ଶାଖା ପକ୍ଷରୁ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ, ଖୋର୍ଦ୍ଧା ଜିଲ୍ଲା ଶାଖା ଏବଂ ଅଙ୍କୁରା ହସ୍ପିଟାଲ ଫର୍ ଓମେନ୍ ଆଣ୍ଡ ଚିଲ୍ଡ୍ରେନ, ଭୁବନେଶ୍ୱର ସହଯୋଗୀତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ପେଡିଆଟ୍ରିକ୍ ରେସ୍ପିରେଟୋରୀ ସପୋର୍ଟ (ଶିଶୁମାନଙ୍କର ଶ୍ୱାସ ପ୍ରଶ୍ୱାସ ଭିତ୍ତିକ ସମର୍ଥନ) ଏବଂ ମେକାନିକାଲ ଭେଣ୍ଟିଲେସନ (ଯାନ୍ତ୍ରିକ ଶ୍ୱାସକ୍ରିୟା)ରେ ଶିଶୁରୋଗ ବିଶେଷଜ୍ଞମାନଙ୍କର ଜ୍ଞାନ ଓ ପ୍ରାକ୍ଟିକାଲ ଦକ୍ଷତାକୁ ସୁଦୃଢ଼ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା। ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମରେ ରେସ୍ପିରେଟୋରୀ ଫିଜିଓଲୋଜି, ମେକାନିକାଲ ଭେଣ୍ଟିଲେସନ୍ ପଦ୍ଧତି, ଭେଣ୍ଟିଲେଟର ଗ୍ରାଫିକ୍ସ, ନନ୍-ଇନଭାସିଭ ଭେଣ୍ଟିଲେସନ (ଏନଆଇଭି), ହାଇ-ଫ୍ଲୋ ନାଜାଲ କାନୁଲା (ଏଚଏଫଏନସି), ଭେଣ୍ଟିଲେଟର ସେଟିଂସ୍, ସମସ୍ୟା ସମାଧାନ, ଏଆରଡିଏସ୍ ପରିଚାଳନା ଏବଂ ଇନ୍‌ହେଲ୍ଡ ନାଇଟ୍ରିକ ଅକ୍ସାଇଡ (ଆଇଏନଓ) ଭଳି ମୁଖ୍ୟ ବିଷୟଗୁଡିକ ଉପରେ ପାରସ୍ପରିକ ଆଲୋଚନାଭିତ୍ତିକ ଅଧିବେଶନ ଏବଂ ବ୍ୟାବହାରିକ ପ୍ରଶିକ୍ଷଣ ସ୍ଥାନ ପାଇଥିଲା। ପେଡିଆଟ୍ରିକ୍ କ୍ରିଟିକାଲ କେୟାର୍ (ଗୁରୁତର ଶିଶୁ ରୋଗ) ଚିକିତ୍ସା କ୍ଷେତ୍ରରେ ବିଶିଷ୍ଟ ଅଧ୍ୟାପକ ଏବଂ ବିଶେଷଜ୍ଞମାନେ ପାରସ୍ପରିକ ଆଲୋଚନା ଏବଂ ବ୍ୟବହାରିକ ପ୍ରଦର୍ଶନ ଜରିଆରେ ସେମାନଙ୍କର ଜ୍ଞାନ ଓ ଚିକିତ୍ସା ଅନୁଭୂତି ସହଭାଗୀତା କରିଥିଲେ। କର୍ମଶାଳାରେ ଶିଶୁ ରୋଗ ବିଶେଷଜ୍ଞମାନେ ଅତ୍ୟନ୍ତ ଆଗ୍ରହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ଏଥିରେ ତାତ୍ତ୍ୱିକ ଜ୍ଞାନକୁ ବ୍ୟାବହାରିକ ଚିକିତ୍ସା ଦକ୍ଷତାରେ ରୂପାନ୍ତରିତ କରିବା ଉପରେ ଜୋର୍ ଦିଆଯାଇଥିଲା। ନିରନ୍ତର ଶିକ୍ଷଣ, ବୃତ୍ତିଗତ ସହଯୋଗୀତା ଏବଂ ବ୍ୟାବହାରିକ ଦକ୍ଷତା ବିକାଶ ଜରିଆରେ ପ୍ରମାଣ ଭିତ୍ତିକ ରେସ୍ପିରେଟୋରୀ କେୟାର୍ (ପ୍ରମାଣ ଆଧାରିତ ଶ୍ୱାସ ପ୍ରଶ୍ୱାସ ଯତ୍ନ)କୁ ସୁଦୃଢ଼ କରିବା ଏବଂ ଗୁରୁତର ଅସୁସ୍ଥ ଶିଶୁମାନଙ୍କ ଚିକିତ୍ସା ଫଳାଫଳରେ ଉନ୍ନତି ଆଣିବା ନିମନ୍ତେ ଏକ ନୂତନ ପ୍ରତିବଦ୍ଧତା ସହିତ କର୍ମଶାଳା ପରିସମାପ୍ତ ହୋଇଥିଲା। କର୍ମଶାଳାର ଆୟୋଜକମାନେ ସମସ୍ତ ଅଧ୍ୟାପକ, ପ୍ରତିନିଧି, ଅତିଥିବୃନ୍ଦ, ଶିଳ୍ପ ସହଭାଗୀ ଏବଂ ସମୁଦାୟ ଅଙ୍କୁରା ହସ୍ପିଟାଲ ଟିମ୍‌କୁ ଏହି କର୍ମଶାଳାକୁ ପୂର୍ଣ୍ଣତଃ ସଫଳ କରିବା କ୍ଷେତ୍ରରେ ସେମାନଙ୍କର ବହୁମୂଲ୍ୟ ଅବଦାନ ଓ ସମର୍ଥନ ନିମନ୍ତେ ଆ'ରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଡା. ଶୁଭ୍ରାଂଶୁ ଶେଖର ଧଳ, ସିନିୟର କନ୍‌ସଲଟାଣ୍ଟ ପେଡିଆଟ୍ରିକ ଇଣ୍ଟେନସିଭିଷ୍ଟ, ଡା. ବିଚିତ୍ରାନନ୍ଦ ରାଉତ, ମେଡିକାଲ ଡାଇରେକ୍ଟର ଏବଂ ସିନିୟର କନ୍‌ସଲଟାଣ୍ଟ ନିଓନାଟୋଲୋଜିଷ୍ଟଙ୍କୁ କର୍ମଶାଳା ସଫଳତାର ସହିତ ପରିଚାଳନା ନିମନ୍ତେ ସେମାନଙ୍କର ମୂଲ୍ୟବାନ ମାର୍ଗଦର୍ଶନ, ଅବଦାନ ଏବଂ ସମର୍ଥନ ସକାଶେ ବିଶେଷ ପ୍ରଶଂସା କରାଯାଇଥିଲା।



ସିଡିଏ ସେକ୍ଟର ୬ରେ ଖୋଲିଲା ଲଣ୍ଡ୍ରି ୱାଲା

କଟକ,୦୧।୧୧ (ନି.ପ୍ର): ବସ୍ତ୍ର ଓ ଘରୋଇ ଉପକରଣର ସଫେଇ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ଲଣ୍ଡି ୱାଲା । କଟକ ସହରରେ ୯ ନମ୍ବର ଶାଖା ଭାବେ ସିଡିଏ ସେକ୍ଟର ୬ରେ ଲଣ୍ଡି ୱାଲା ରବିବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ଅତିଥି ଭାବେ ଓଡ଼ିଆ ସିନେ ନିର୍ଦ୍ଦେଶକ ବାପୁ ଲେଙ୍କା, ଗୀତିକାର ଅରୁଣ ମନ୍ତ୍ରୀ, ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଭାରତୀୟ ଜନତା ପାର୍ଟି ମହିଳା ମୂର୍ଚ୍ଛା ସଭାପତି ସ୍ମିତି ପଟ୍ଟନାୟକ, ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏଠାରେ ଶାଢ଼ୀ, ବେଡସିଟ, କମ୍ବଳ, କୋର୍ଟ, ସଫାରୀ ଓ ସୂକ୍ଷ୍ମ କଳାକିର୍ତ୍ତୀ ବସ୍ତ୍ର ଆଦି ଅତ୍ୟାଧୁନିକ ପ୍ରଣାଳିରେ ସଫା ହେବା ସହ ଆଇରନ, ଷ୍ଟିମ ପ୍ରେସ ସହ ଶାଢ଼ି ପଲିସି ମଧ୍ୟ କରାଯାଇଥାଏ । ଏହି ସବୁ ସାମଗ୍ରୀ ଘରୁ ନେବା ଓ ଆଣିବା ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଇଥାଏ ବୋଲି ଲଣ୍ଡ୍ରିୱାଲାର ପ୍ରୋପାଇଟର ସନ୍ତୋଷ କୁମାର ବିଶ୍ୱାଳ, ଦେବାଶିଷ ବିଶ୍ୱାଳ ପ୍ରମୁଖ କହିଛନ୍ତି ।



ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ ପକ୍ଷରୁ ସ୍ଥାୟୀତ୍ୱ ମାସ ଉଦ୍‌ଯାପିତ

ଭୁବନେଶ୍ୱର,୧।୧୧ ନି.ପ୍ର) : ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାଂ ଆଲୁମିନିୟମ୍ ପକ୍ଷରୁ ବେଦାଂ ଗ୍ରୁପର ପ୍ରମୁଖ ସ୍ଥାୟୀତ୍ୱ ପଦକ୍ଷେପ ଅଧୀନରେ ଆୟୋଜିତ ସ୍ଥାୟୀତ୍ୱ ମାସ-୨୦୨୬ର ସଫଳ ସମାପନ ହୋଇଛି। ଏହି ଏକ ମାସବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀର ୧୪,୬୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ, ଛାତ୍ରଛାତ୍ରୀ, ପରିବାରବର୍ଗ ଓ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ଝାରସୁଗୁଡ଼ା, ଲିଗଡ଼, ବାଲ୍କୋ ଏବଂ କମ୍ପାନୀର କୋଇଲା ଖଣି କାର୍ଯ୍ୟକ୍ଷେତ୍ରରେ ଆୟୋଜିତ ଏହି ପଦକ୍ଷେପରେ ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦ ସଂରକ୍ଷଣ, ସୁରକ୍ଷା ଓ ସାମୁଦାୟିକ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇଥିଲା। ଜୈବବିବିଧତା ସଂରକ୍ଷଣ, ସୌର ଆଲୋକ ବ୍ୟବସ୍ଥା ସ୍ଥାପନ, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା, ସାମୁଦାୟିକ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବିକା ସହାୟତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଏଥିରେ ସାମିଲ ଥିଲା। ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ସହ କର୍ମଚାରୀ ଓ ସମୁଦାୟ ମଧ୍ୟରେ ସ୍ଥାୟୀତ୍ୱ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅଭିଯାନର ଅଂଶସ୍ୱରୂପ ଝାରସୁଗୁଡ଼ା ଓ ଲିଗଡ଼ରେ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଜୈବବିବିଧତା ସଂରକ୍ଷଣ, ସ୍ଥାୟୀ ଜୀବିକା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏଥିରେ ୫୦ଟି ଆମ୍ବ ଚାରା ରୋପଣ, ୩୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ପରାମର୍ଶ, ୩୦୦ରୁ ଅଧିକ କୃଷକଙ୍କୁ କୃଷି ସହାୟତା, ୧୦ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଏବଂ ୧୨ଟି ଜଳାଶୟର ସଫେଇ ଅଭିଯାନ ଅନ୍ତର୍ଭୁକ୍ତ ଥିଲା। ଏହି ଜଳାଶୟ ସଫେଇ କାର୍ଯ୍ୟକ୍ରମ ଦ୍ୱାରା ୨,୫୦୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ବାଲ୍କୋରେ ସ୍ଥାୟୀତ୍ୱ ମାସ ଅଧୀନରେ ୨,୬୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ, ଛାତ୍ରଛାତ୍ରୀ, ପରିବାରବର୍ଗ ଓ ସମୁଦାୟର ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ବୃକ୍ଷରୋପଣ, ସ୍ଥାୟୀତ୍ୱ ସଚେତନତା ଓ ସାମୁଦାୟିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏଠାରେ ଆୟୋଜିତ ହୋଇଥିଲା। ସେହିପରି ବେଦାଂ ଆଲୁମିନିୟମର କୋଇଲା ଖଣିଗୁଡ଼ିକରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୮,୩୯୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ସୌର ଆଲୋକ ବ୍ୟବସ୍ଥା ସ୍ଥାପନ ମାଧ୍ୟମରେ ୫,୫୦୦ ଲୋକ ଉପକୃତ ହୋଇଥିବାବେଳେ ସୁରଭି ଭଳି ଶିକ୍ଷା ଓ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୧,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଯୁବକଯୁବତୀଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା। ସୁରଭି ହେଉଛି ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଶିକ୍ଷା ଓ ପ୍ରତିଭା ବିକାଶ କାର୍ଯ୍ୟକ୍ରମ, ଯାହାକୁ ବେଦାଂ ଆଲୁମିନିୟମ୍ ସହଯୋଗ କରୁଛି। ଏହା ସହ ସ୍ଥାୟୀତ୍ୱ, ସୁରକ୍ଷା ଓ ସାମୁଦାୟିକ ସମ୍ପର୍କ ବୃଦ୍ଧି ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଥିଲେ, 'ଭାରତର ଉତ୍ପାଦନ କ୍ଷେତ୍ର ନିରନ୍ତର ଅଭିବୃଦ୍ଧି ହାସଲ କରୁଥିବାବେଳେ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାର କ୍ଷମତା ଅଭିବୃଦ୍ଧି ଓ ଦାୟିତ୍ୱ ମଧ୍ୟରେ କେତେ ସଫଳତାର ସହ ସନ୍ତୁଳନ ରକ୍ଷା କରାଯାଉଛି, ତାହା ଉପରେ ନିର୍ଭର କରିବ। ଭବିଷ୍ୟତ ପାଇଁ ପ୍ରସ୍ତୁତ ବ୍ୟବସାୟ ଗଠନ କରିବାକୁ କେବଳ ପ୍ରଯୁକ୍ତିବିଦ୍ୟା ଓ ଭିତ୍ତିଭୂମି ଯଥେଷ୍ଟ ନୁହେଁ; ପ୍ରତ୍ୟେକ ସ୍ତରର ନିଷ୍ପତ୍ତିରେ ସ୍ଥାୟୀତ୍ୱକୁ ଗୁରୁତ୍ୱ ଦେଉଥିବା ଏକ ସଂସ୍କୃତି ଆବଶ୍ୟକ। ଆମର କାର୍ଯ୍ୟକ୍ଷେତ୍ର ଓ ସମୁଦାୟରେ ଏହି ସଂସ୍କୃତିକୁ ଦୃଢ଼ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସ୍ଥାୟୀତ୍ୱ ମାସ ପ୍ରତିଫଳିତ କରୁଛି।' ଏହି ମାସବ୍ୟାପୀ କାର୍ଯ୍ୟକ୍ରମ ଶିକ୍ଷା ଓ ସାମୂହିକ ଦାୟିତ୍ୱବୋଧର ସଂସ୍କୃତିକୁ ମଧ୍ୟ ସୁଦୃଢ଼ କରିଥିଲା। ବାଲ୍କୋରେ 'ଭେଦାସ୍ ଲେଭଲ୍-୧: ଇଏସଜି ଏସେନ୍ସିଆଲ୍ସ' ପାଠ୍ୟକ୍ରମରେ ୬୦ ପ୍ରତିଶତ ସମାପନ ହାର ହାସଲ କରି ବୃହତ୍ ବ୍ୟବସାୟିକ ଏକକ ବର୍ଗରେ 'ଲର୍ଣ୍ଣିଂ ପାୱାରହାଉସ୍' ପୁରସ୍କାର ଲାଭ କରିଥିଲା। ଅନ୍ୟପକ୍ଷରେ ଜାମଖାନି କାର୍ଯ୍ୟକ୍ଷେତ୍ର ୯୮.୫ ପ୍ରତିଶତ ସମାପନ ହାର ସହ କ୍ଷୁଦ୍ର ବ୍ୟବସାୟିକ ଏକକ ବର୍ଗରେ ପୁରସ୍କାର ହାସଲ କରିଥିଲା। ଲିଗଡ଼ ବୃହତ୍ ବ୍ୟବସାୟିକ ଏକକ ବର୍ଗରେ 'କଲେକ୍ଟିଭ୍ ଆକ୍ସନ୍' ପୁରସ୍କାରରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ସମସ୍ତ ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି, ପରିବେଶ ସୁରକ୍ଷା ଓ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।



ଭବିଷ୍ୟତ ପାଇଁ ମୁଁ ଚିନ୍ତିତ, ପ୍ରତ୍ୟେକ ଭାରତୀୟ ଦେଶପାଇଁ ପାଞ୍ଚ ମିନିଟ ଚିନ୍ତା କରନ୍ତୁ, ଦେଶ ବଦଳି ଯିବ : ବାବା ବଳିଆ

ଭୁବନେଶ୍ୱର, ୧।୧୧ (ନି.ପ୍ର): ଓଡିଶାର ଅଧ୍ୟାତ୍ମ ଜଗତରେ ଜଣେ ପ୍ରତିଷ୍ଠିତ ନାମ ଶ୍ରୀମଦ୍ ବାବା ବଳିଆ । ନିଜର ସାଧନା ତଥା ସେବା ବଳରେ ଜନମାନସରେ ଜଣେ ସମାଜର ସୁଚିନ୍ତକ ଓ ସଂସ୍କାରକ ଭାବେ ସେ ସୁପରିଚିତ । ଗଣତନ୍ତ୍ରର ସୁରକ୍ଷା ପାଇଁ ତାଙ୍କର ଦୀର୍ଘ ୫୦ ବର୍ଷର ଯାତ୍ରା ତାଙ୍କୁ ସାରା ଭାରତବର୍ଷରେ ଜଣେ ଦେଶପ୍ରେମୀ ଭାବରେ ଆଦୃତ କରାଇଛି । ସାପ କାମୁଡିଲେ ଯେତେବେଳେ ଅନ୍ୟମାନେ ଶିବ ମନ୍ଦିରକୁ ନେଇ ଯିବାର କଥା କୁହନ୍ତି ସେତିକି ବେଳେ ସେ କୁହନ୍ତି, ତୁରନ୍ତ ରୋଗୀକୁ ଡାକ୍ତରଖାନା ନେଇଯାଅ। ପ୍ରକୃତି ବନ୍ଧୁ ଭାବେ ଜୀବନକାଳ ମଧ୍ୟରେ ଅନ୍ୟୁନ ଲକ୍ଷାଧିକ ବୃକ୍ଷ ରୋପଣ କରି ଜନସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ହେବା ସହ ରାଜ୍ୟ ପ୍ରଶାସନ ଦ୍ୱାରା ସେ ପ୍ରଶଂସିତ ହୋଇଛନ୍ତି । ସମାଜରେ ପ୍ରତିହିରା ବିଧବା ମା' ମାନଙ୍କୁ ଯେତେବେଳେ ଶୁଭ କାର୍ଯ୍ୟରେ ବାରଣ କରାଯାଏ, ସେତିକିବେଳେ ସେ ସମାଜକୁ ଆହ୍ୱାନ ଦିଅନ୍ତି, ସମସ୍ତ ଶୁଭ କାର୍ଯ୍ୟ କରିବାର ଅଧିକାର ସେମାନଙ୍କର ଅଛି । ଭାରତ ବର୍ଷର ଗଣତନ୍ତ୍ରରେ ଯେତେବେଳେ କର୍ତ୍ତବ୍ୟ ବିମୁଖତା ଦେଖାଦିଏ ସେତେବେଳେ ସେ ମାସାଧିକ କାଳ ଗଣତନ୍ତ୍ର ସଚେତନତା ଯାତ୍ରା କରି ଦୁର୍ନୀତି ବିରୋଧରେ ସଂଗ୍ରାମ ପାଇଁ ଦେଶବାସୀ ବିଶେଷକରି ଯୁବ ସମାଜକୁ ଆହ୍ୱାନ ଦିଅନ୍ତୁ । ଦେଶ ପାଇଁ ଚିନ୍ତା କରିବାକୁ ହେବ, ଏହା ତାଙ୍କର ଆଜିପାଇଁ ଆହ୍ୱାନ । ଯେଉଁ ମାଟିରେ ପାଣି, ପବନ, ଫସଲରେ ଜୀବନ; ଯେଉଁ ବ୍ୟବସ୍ଥା ସୁରକ୍ଷା ଓ ନିରାପତ୍ତା ଯୋଗାଉଥିବା ଯୋଗୁଁ ଆମେ ନିରାପଦ- ଆମେ ଯଦି ସେଥି ପ୍ରତି ଚିନ୍ତା ନକରୁ ତେବେ ଆମେ ସେ ମାଟିରେ ସନ୍ତାନ ବା ଦେଶର ନାଗରିକେ କେମିତି ଦାବୀ କରିବା ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଆଜି ମନୁଷ୍ୟକୃତ ବିପର୍ଯ୍ୟୟ କିଛି କମ୍ ନୁହେଁ, ପରିବେଶ ପ୍ରଦୂଷଣ ଠୁ ମାନସିକ ପ୍ରଦୂଷଣ ମଧ୍ୟ ଆଜି ଯଥେଷ୍ଟ ବେଶୀ । ଜୀବନଯାପନର ଧାରା ଯଦି ବିଳାସତା ଓ ଅତ୍ୟଧିକ ପ୍ରତୁର୍ଯ୍ୟତାରେ ଭରିଯାଏ ତେବେ ପ୍ରାକୃତିକ ଭାରସାମ୍ୟତା ବିଗିଡି ଯିବାଟା କିଛି ବିଚିତ୍ର ନୁହଁ । ସବୁ କଥାରେ ଏକୁ ଆରେକ ଦୋଷ ପିଙ୍ଗାପିଙ୍ଗି ହୋଇ ବସିଗଲେ ଚଳିବନି, କେତେକ କଥାରେ ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା ହେବାକୁ ହେବ । ପରିବାର ପାଇଁ, ପିଲାପିଲିଙ୍କ ପାଇଁ ଯେମିତି ଆମେ ଚିନ୍ତା କରୁଛେ, ଦେଶ ପାଇଁ ସେମିତି ଭାବିବାକୁ ହେବ: ନଚେତ ଏତେ ସୁନ୍ଦର ବିଶ୍ୱଟା ଆମରି ଆଖି ଆଗରେ ଅଚିରେ ଧ୍ୱଂସ ପାଇଯିବ । ବଳିଆ ଜଣେ ସାଧାରଣ ମଣିଷ, ଦେଶ ପାଇଁ କିଛି ଚିନ୍ତା କରିଛି, ଭାବିଛି, ଆପଣ ମାନଙ୍କ ପାଖରେ ବ୍ୟକ୍ତ କରୁଛି-ବିଚାର ଆପଣମାନେ କରିବେ । ଏଇଭଳି ଚିନ୍ତାଧାରାର ଜଣେ ସଂସ୍କାରବାଦୀ, ସର୍ବଧର୍ମ ସମନ୍ୱୟୀ



ମହାପୁରୁଷ ଆଜି ଦେଶ ତଥା ଉତ୍ତର ପିଢ଼ିର ଭବିଷ୍ୟତ ପାଇଁ ଚିନ୍ତିତ । ତାଙ୍କର ନିବେଦନ ହେ ଭାରତ ବର୍ଷର ନାଗରିକଗଣ ! ନିଜ ପାଇଁ ୨୪ ଘଣ୍ଟାରୁ ଯେତିକି ସମୟ ଦେଉଛ ତତ୍‌ସହିତ ଦେଶ ପାଇଁ ମାତ୍ର ପାଞ୍ଚ ମିନିଟ ଚିନ୍ତା କଲେ ଦେଶର ଭାଗ୍ୟ ଓ ଭବିଷ୍ୟତ ବଦଳିଯିବ । ଦୀର୍ଘ ଦିନ ଧରି ବାବାଙ୍କ ମନକୁ ଆନ୍ଦୋଳିତ କରୁଥିବା କେତେକ ବିଷୟକୁ ସେ ଆଜିର ସାମ୍ବାଦିକ ସମ୍ମିଳନୀରେ ଦେଶ ଆଗରେ ରଖୁଛନ୍ତି । ଗଣତନ୍ତ୍ରରେ ବାରମ୍ବାର ଆଲୋଚନା ପର୍ଯ୍ୟାଲୋଚନା ହେଲେ ହିଁ ତା ମଧ୍ୟରୁ ନିର୍ଯ୍ୟାସ ବାହାରିବ । ଆଜି ଶ୍ରୀମଦ୍ ବାବା ତାଙ୍କ ମନ ଭିତରେ ଦେଶ ଓ ସମାଜର ପରିବର୍ତ୍ତନ ପାଇଁ ଅନେକ ପ୍ରସଙ୍ଗରେ ନିଜର ମତ ଓ ମନ୍ତବ୍ୟ ରଖୁଛନ୍ତି । ୧.ସ୍ୱାଧୀନତା ଦିବସକୁ 'ସ୍ୱାଧୀକାର ଦିବସ' ଭାବେ ପାଳନ କରାଯାଉ, ୨. ବିରୋଧୀ ଦଳକୁ 'ପ୍ରସ୍ତାବକ ଦଳ' ଭାବେ ଉପସ୍ଥାପନ କରାଯାଉ, ୩. ଗୋ-ମାତାଙ୍କୁ 'ଜାତୀୟ ପଶୁ'ର ମାନ୍ୟତା ପ୍ରଦାନ କରାଯାଉ, ୪. ଆଗକୁ ପୂର୍ଣ୍ଣ ପ୍ରଳୟ କଥାଟି ଅବାସ୍ତବ ମନେ ହେଉଥିଲେ ବି ଖଣ୍ଡ ପ୍ରଳୟ ହେବା ସୁନିଶ୍ଚିତ । ଏହା ବହୁ ଆଗରୁ ସମାଜକୁ ବଳିଆ ଜଣାଇଛି । ପ୍ରଳୟ ନାଆଁରେ ଭବିଷ୍ୟ ବକ୍ତାମାନଙ୍କ ହୋ-ହାଲାକୁ ଗଣମାଧ୍ୟମରେ ଅତ୍ୟଧିକ ପ୍ରଚାର କରି ସର୍ବସାଧାରଣରେ ଆତଙ୍କ ସୃଷ୍ଟି କରାନଯାଉ । ଯେଉଁମାନେ ପ୍ରଳୟ ଆସିବ ବୋଲି କହୁଛନ୍ତି, ସେମାନଙ୍କୁ ଏହାର ପ୍ରତିକାର ମଗାଯାଇ, ୫. ବୈଦ୍ୟୁତିକ ଗଣମାଧ୍ୟମ ବା ଦୂରଦର୍ଶନ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତ ମାତାର ବନ୍ଦନା ସହ ଜାତୀୟ ସଙ୍ଗୀତ ପ୍ରତ୍ୟହ ରହୁ, ୬. ମଦ୍ରାସା, ମିଶନ୍ ସ୍କୁଲ, ମହାପୁରୁଷ ମାନଙ୍କ ନାମରେ ନିର୍ମିତ ଶିକ୍ଷାନୁଷ୍ଠାନ ତଥା ସମସ୍ତ ବିଦ୍ୟାଳୟର ପ୍ରାର୍ଥନା ସଭା ଜାତୀୟ ସଙ୍ଗୀତରୁ ଆରମ୍ଭ ହେଉ ଏବଂ ଏଥିରେ ଦେଶପ୍ରେମର ବାର୍ତ୍ତା ରହୁ, ୭. ଭିଡ଼ ହେଉଥିବା ଧର୍ମାନୁଷ୍ଠାନ ମାନଙ୍କ ନିକଟରେ ଶୌଚାଳୟର ବ୍ୟବସ୍ଥା କରିବା ସହ ତାହାର ସଫେଇ ପାଇଁ କର୍ମଚାରୀ ନିଯୁକ୍ତି କରାଯାଉ, ୮. ଧର୍ମପୀଠ ଗଢ଼ିବାରେ କଟକଣା ରହୁ, ପୀଠ ଗଢ଼ିବାର ଆଭିମୁଖ୍ୟ ସ୍ପଷ୍ଟ କରାଯାଉ ଏବଂ ଉପଯୁକ୍ତ ସରକାରୀ ଅନୁସନ୍ଧାନ ପରେ ଅନୁମତି ଦିଆଯାଉ, ୯. ଗୃହପାଳିତ ପଶୁମାନଙ୍କର ସୁରକ୍ଷା ପାଇଁ ଅତି ଶୀଘ୍ର ପଦକ୍ଷେପ ନିଆଯାଉ, ୧୦. ରାସ୍ତା ବା ଶିଳ୍ପ ନିର୍ମାଣରେ ଯେତିକି ଗଛ କଟା ଯାଉଛି ତାହାର ୧୦ ଗୁଣରୁ ଅଧିକ ଗଛ ଲଗାଯାଇ, ସେମାନଙ୍କର ବଞ୍ଚି ରହିବାର ବ୍ୟବସ୍ଥା କରାଯାଉ । ତା' ନହେଲେ ଶିଳ୍ପ କିମ୍ବା ରାସ୍ତା ନିର୍ମାଣ ଅନୁମତି ନମିଳୁ, ୧୧. ହମ୍ପସ୍ ନିର୍ମାଣରେ ସ୍ୱତନ୍ତ୍ର ଆଇନ ଓ କଟକଣା ରହୁ, ୧୨. ନିଶାଡ଼ି ଚାଳକଙ୍କ ଯୋଗୁଁ ସାଧାରଣ ଜୀବନ ବିପର୍ଯ୍ୟସ୍ତ, ଏହାର ନିରାକରଣ ପାଇଁ ନିୟମ ଗୁଡ଼ିକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉ । ଏଥିପ୍ରତି ଦୃଷ୍ଟି ଦେବା ପାଇଁ ବାବା ବିନମ୍ର ନିବେଦନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ଆର୍ଯ୍ୟସମାଜ ଓଡ଼ିଶାର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅନନ୍ତ ବଳିଆ ଟ୍ରଷ୍ଟର ଟ୍ରଷ୍ଟି ବାବା ପ୍ରଣବାନନ୍ଦ ଦାସ, ଶିଶୁ ଅନନ୍ତ ଆଶ୍ରମର ବାବା ପରମାତ୍ମା ଦାସ, ବାବା ରାଧେଶ୍ୟାମ ଦାସ ଓ ବାବା ଶ୍ରୀବାସ ଦାସ ଉପସ୍ଥିତ ଥିଲେ ।



ଜାତୀୟ ଏକତା ଦିବସ ଅବସରରେ ଶପଥ ପାଠ କାର୍ଯ୍ୟକ୍ରମ



କୁଚିଣ୍ଡା,୧/୧୧(ନି.ପ୍ର.): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆଜି କୁଚିଣ୍ଡା ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ଜାତୀୟ ଏକତା ଦିବସ ପାଳନ କରାଯାଇଛି । ଏହି ଅବସରରେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୋହରାଇବା ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପୂର୍ବାହ୍ନ ୧୧ଟା ସମୟରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ସରଓ୍ୱାନନ୍ ସ ଙ୍କ ଉପସ୍ଥିତିରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଜାତୀୟ ଏକତା, ଅଖଣ୍ଡତା ଓ ଦେଶର ସୁରକ୍ଷା ବଜାୟ ରଖିବା ସହ ଏହାକୁ ସୁଦୃଢ଼ କରିବା ନିମନ୍ତେ ସମୂହ ଶପଥ ଗ୍ରହଣ କରିଥିଲେ ।ଏହି ଶପଥ ପାଠ ମାଧ୍ୟମରେ ଦେଶର ଏକତା ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ଓ ପ୍ରତିବଦ୍ଧ ରହିବାର ବାର୍ତ୍ତା ପ୍ରଦାନ କରାଯାଇଥିଲା ।

ଭୋଟ ବଞ୍ଚାଅ–ଦେଶ ବଞ୍ଚାଅ ଅଭିଯାନ

କଟକ,୦୧।୧୧ (ନି.ପ୍ର) : ଭୋଟ ଚୋରି ବନ୍ଦ କରିବା, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ସହିତ ଭୋଟର ତାଲିକାରେ ସ୍ୱଚ୍ଛତା ଓ ନିର୍ଭରଯୋଗ୍ୟତା ଆଣିବା ଉଦ୍ଦେଶ୍ୟରେ କଂଗ୍ରେସ ପକ୍ଷରୁ 'ଭୋଟ ବଞ୍ଚାଅ–ଦେଶ ବଞ୍ଚାଅ' ଅଭିଯାନ ଅନ୍ତର୍ଗତ ଏକ ଜିଲ୍ଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଜଗତପୁର ଭୈୟରପୁର ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଏଆଇସିସି ପର୍ଯ୍ୟବେକ୍ଷକ ନିଳାଶୁ ଚତୁର୍ବେଦୀ ଯୋଗଦେଇ ଅଭିଯାନର ଉଦ୍ଦେଶ୍ୟ ଓ ଭୋଟର ତାଲିକାର ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିଥିଲେ । ନିର୍ବାଚନରେ ଭୋଟ ଚୋରିକୁ ରୋକିବା, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସମ୍ବିଧାନର ସୁରକ୍ଷା କରିବା ସହ ଭୋଟର ତାଲିକାରେ ସ୍ୱଚ୍ଛତା ଓ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ



ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ସହ ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, କିଷାନ କଂଗ୍ରେସ ଅଧ୍ୟକ୍ଷ ନିମାଇଁ ରାଉତରାୟ, ସେବାଦଳ ମୁଖ୍ୟ ସଂଗଠକ ପ୍ରତାପ ମଲ୍ଲିକ, ଓବିସି ସେଲ୍ ଅଧ୍ୟକ୍ଷ ବିଶ୍ୱରଞ୍ଜନ ଜେଠୀ, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରୀତିଛନ୍ଦା କୈବଲ୍ୟ ନାୟକ, ଜିଲ୍ଲା ଉପସଭାପତି ନଳିନୀ ଉଦଗାତା, ବରିଷ୍ଠ କଂଗ୍ରେସ ନେତା ଶିଶିର ମିଶ୍ର, ଓବିସି ସେଲ୍ ରାଜ୍ୟ ଉପସଭାପତି ସୁଦର୍ଶନ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ବାନାମ୍ବର ଚାନ୍ଦ, ସରୋଜ ସାହୁ ଓ ବିପନ୍ନ ପଶାୟତ ଉପସ୍ଥିତ ଥିଲେ । ଏଥିସହ ନିଶ୍ଚିନ୍ତକୋଇଲି ବ୍ଲକ୍ ସଭାପତି ନାରାୟଣ ଦ୍ୱିବେଦୀ, ବଡ଼ମ୍ବା ବ୍ଲକ୍ ସଭାପତି ଅକ୍ଷୟ କରଣ, ନରସିଂହପୁର ବ୍ଲକ୍ ସଭାପତି ସଚ୍ଚିଦାନନ୍ଦ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଓ ଦଳୀୟ ନେତା ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ଲେଙ୍କା, ସାଇରାମ ମହାନ୍ତି, ବ୍ଲକ୍ ସଭାପତି କିରଣ ଖଟୁଆ, ସୋମନାଥ ଦାସ, ସୀତାକାନ୍ତ ପଣ୍ଡା, ହରିହର ପରିଡ଼ା, ରମେଶ ରାଉତ, ସୁଭାଶିଷ ମିଶ୍ର, ସୁଜିତ କୁମାର ସ୍ୱାଇଁ, ଉଗ୍ରସେନ ଭୂୟାଁ ଓ କେଦାରନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଅଜଣା ଗାଡି ଧକାରେ ସ୍ୱାମୀ ଆହତ ସ୍ତ୍ରୀ ମୃତ

ବଳଙ୍ଗା,୧/୧୧ (ନି.ପ୍ର) : ବଳଙ୍ଗା ଥାନା ଅଧୀନ ସରସ୍ୱତିପୁର ପଞ୍ଚାୟତ ସୁକଳୟାପାଟଣା ଗ୍ରାମର ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଏକ ଅଜଣା ଗାଡି ଧକା ଦେବା ଯୋଗୁ ସ୍ୱାମୀ ଆହତ ହୋଇ ଥିବାବେଳେ ସ୍ତ୍ରୀ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଅଛି । ସୂଚନା ଅନୁଯାଇ ଉକ୍ତ ଗ୍ରାମର ଗଣେଶ ବଛି ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ବଛି (୩୫) ମିଶି



ଏକ ଦଶାହ କାର୍ଯ୍ୟରେ ଯୋଗ ଦେବା ପାଇଁ ପିପିଲି ଥାନା ଅଧୀନ ମଙ୍ଗଳପୁର ଅଞ୍ଚଳକୁ ଶନିବାର ଦିନ ମଧ୍ୟାହ୍ନ ସମୟରେ ଯାଉ ଯାଉଥିଲେ । ମଙ୍ଗଳପୁର ପେଟ୍ରୋଲ ପମ୍ପ ଠାରେ ରାସ୍ତା ପାରି ହେଉଥିବା ସମୟରେ ଏକ ଅଜଣା ଗାଡି ଦ୍ରୁତ ଓ ବେପରୁଆ ଭାବରେ ଆସି ପଛପଟୁ ଶକ୍ତ ଧକା ଦେଇ ଘଟଣା ସ୍ଥଳରୁ ଖସି ପଳାଇ ଯାଇ ଥିଲା । ଉଭୟ ରାସ୍ତା ଉପରେ ପଡି ଥିବା ଦେଖି କିଛି ଲୋକ ଉଭୟଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ । ସେଠାରେ ଚିକିତ୍ସାଧୀନ ଡାକ୍ତର ପୁଷ୍ପାଞ୍ଜଳିଙ୍କ ଅବସ୍ଥା ଗୁରୁତର ଦେଖି ଭୁବନେଶ୍ୱର ପଠାଇଥିଲେ । ଭୁବନେଶ୍ୱରରେ ଚିକିତ୍ସା ହେଉଥିବା ସମୟରେ ଡାକ୍ତର ମୃତ୍ୟୁ ଘୋଷଣା କରି ଥିଲେ । ପରେ ତାଙ୍କର ମୃତ ଶରୀର ପଞ୍ଚନାମା ହେବାପରେ ପରିବାର ଲୋକଙ୍କୁ ମୃତ ଶରୀର ପ୍ରଦାନ କରା ଯାଇଥିଲା । ପରିବାର ଲୋକ ନିଜ ଗ୍ରାମକୁ ଆଣି ସ୍ୱର୍ଗଦ୍ୱାର ନେଇ ପଞ୍ଚଭୂତରେ ଲୀନ କରାଇ ଥିଲେ । ମୃତ ପୁଷ୍ପାଞ୍ଜଳିଙ୍କର ୧୨ ବର୍ଷର ଝିଅ ଥିବା ବେଳେ ୧୦ ବର୍ଷର ପୁତ୍ର ସନ୍ତାନ ରହିଅଛି ।

ରାଷ୍ଟ୍ରୀୟ ଏକତା ଦିବସରେ ଜାତୀୟ ସଂହତି ଓ ଦେଶ ପ୍ରେମ ଭାବନା ଜାଗ୍ରତର ବାର୍ତ୍ତା ବାଣ୍ଟିଲେ କାକଟପୁର ପୋଲିସ



କାକଟପୁର,୧/୧୧ (ନି.ପ୍ର): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶନିବାର ସମଗ୍ର ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିବା ବେଳେ କାକଟପୁର ଥାନା ପକ୍ଷରୁ ମଧ୍ୟ ଏହା ପାଳନ କରାଯାଇଛି । ଏହି ଉପଲକ୍ଷେ କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏଥିରେ କାକଟପୁର ଥାନାର ଆଇଆଇସି ବସନ୍ତ କୁମାର ସାହୁ,ଏସଆଇ ଅମିତ ପାଢ଼ୀ, ଏଏସଆଇ ରମେଶ ଚନ୍ଦ୍ର ନିଶାଙ୍କ, ଜହୁର ଖାଁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଦେଶର ଏକତା, ଅଖଣ୍ଡତା ଓ ସଂହତି ବଜାୟ ରଖିବା ସହ ଜାତୀୟ ଭାବନାକୁ ସୁଦୃଢ଼ କରିବା ଦିଗରେ ସମସ୍ତେ ସଚେତନ ଓ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା । ପରେ ପୁଲିସ କର୍ମଚାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମିଳିତ ଅଂଶଗ୍ରହଣରେ ଏକତାର ବାର୍ତ୍ତା ନେଇ କାକଟପୁର ବଜାର ପରିକ୍ରମା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ଭାଇଚାରା, ଜାତୀୟ ସଂହତି ଓ ଦେଶପ୍ରେମର ଭାବନା ଜାଗ୍ରତ କରିବାକୁ ବାର୍ତ୍ତା ଦିଆଯାଇଥିଲା ।

ଡେଲାଙ୍ଗ ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଡେଲାଙ୍ଗ,୧।୧୧ (ନି.ପ୍ର): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଡେଲାଙ୍ଗ ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଥାନା ପରିସରରେ ପାଳନ ହୋଇଯାଇଛି । ଡେଲାଙ୍ଗ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏସଆଇ ସୁଧାଂଶୁ ବାରିକ, ଏଏସଆଇ ବିନୋଦିନୀ ବେହେରା, ସୁବାସ ବେହେରା, ସିପାହୀ ଶର୍ମିଷ୍ଠା ଜେନା, ସଦାଶିବ ମଲିକ, ଗୋଲାପ କିଷାନ,



ପ୍ରବିକେଶ ପରିଡା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ରାଷ୍ଟ୍ରୀୟ ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଆଧୁନିକ ଭାରତ ଗଠନ କରିବାରେ ସର୍ଦ୍ଦାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଏସଆଇ ଶ୍ରୀ ବାରିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଭାଷା , ଧର୍ମ , ସଂସ୍କୃତି ଓ ପରମ୍ପରାରେ ବିଭିନ୍ନତା ସତ୍ତ୍ୱେ ଆମେ ସମସ୍ତେ ଏକ ରାଷ୍ଟ୍ରର ଅଂଶ । ଏହି ଏକତା ଭାରତର ପ୍ରକୃତ ଶକ୍ତି ଓ ଗୌରବ ଏହି ଏକତା ଦିବସରେ ରାଷ୍ଟ୍ର ଏକତା ଅଖଣ୍ଡତା ଓ ଭାଇଚାର ବଜାୟ ରଖିବା ପାଇଁ ଏକ ଭାରତ ଅଖଣ୍ଡ ଭାରତ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ଡେଲାଙ୍ଗ ଷ୍ଟେସନ ବଜାର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

ଆଚାର୍ଯ୍ୟ ବୈଷ୍ଣବ ଚରଣ ପାଇଟାଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାରାଦ୍ୱୀପ, ୧।୧୧ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ବୈଷ୍ଣବ ଚରଣ ପାଇଟାଲ ଅବସର ଗ୍ରହଣ କରିଥିଲେ । ଏହି ଅବସରରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା । ଏଥିରେ ବିଦ୍ୟାଳୟର ସଭାପତି ନିରଞ୍ଜନ ଖୁଣ୍ଟିଆ, ସଂପାଦକ ଦିଗମ୍ବର ଖୁଣ୍ଟିଆ, ଯୁଗ୍ମ ସମ୍ପାଦକ ଧର୍ମେନ୍ଦ୍ର କୁମାର ପତି, କୋଷାଧ୍ୟକ୍ଷ ବିପ୍ଲବ କୁମାର ଜେନା, ସଦସ୍ୟା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜଗତସିଂହପୁର ଜିଲ୍ଲାର ସହ ଜିଲ୍ଲା ବୌଦ୍ଧିକ ପ୍ରମୁଖ ସାରଦା ପ୍ରସନ୍ନ ନାୟକ ଉପସ୍ଥିତ ରହି ଶ୍ରୀ ପାଇଟାଲ ଙ୍କ ଗୁଣ କୀର୍ତ୍ତି ବର୍ଣ୍ଣନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଧରଣୀ ଧର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଭାପତି ଆଶୀର୍ବଚନ ପ୍ରଦାନ କରିଥିଲେ ।



ମଞ୍ଚାସୀନ ଅତିଥି ମାନେ ବରିଷ୍ଠ ଆଚାର୍ଯ୍ୟ ବୈଷ୍ଣବ ଚରଣ ପାଇଟାଲଙ୍କ ବିଷୟରେ ମାର୍ଗ ଦର୍ଶନ କରିଥିଲେ । ଆଚାର୍ଯ୍ୟ ବୈଷ୍ଣବ ଚରଣ ପାଇଟାଲ ଦୀର୍ଘ ୩୬ ବର୍ଷ ଛାତ୍ର ଛାତ୍ରୀ ମାନଙ୍କୁ ଜଣେ ସଫଳ ସୁନାଗରିକ କରି ଗଢ଼ି ତୋଳିବାକୁ ସେବା ପ୍ରଦାନ କରି ଆସୁଥିଲେ । ସେ ଜଣେ ମିଷ୍ଟ ଭାଷୀ, ତ୍ୟାଗୀ, କର୍ତ୍ତବ୍ୟ ନିଷ୍ଠ, ମେଳାପି ଆଚାର୍ଯ୍ୟ ଭାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଇଁ ନିଷ୍ଠାପର ଭାବରେ କାର୍ଯ୍ୟ କରିଥିଲେ । ଏହି ଅବସରରେ ବୈଷ୍ଣବ ଚରଣ ପାଇଟାଲଙ୍କୁ ବିଦ୍ୟାଳୟର ପରିଚାଳନା ସମିତି ପୁଷ୍ପ ଗୁଚ୍ଛ, ମାନପତ୍ର ,ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାମନ୍ଦିରର ସହ ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ମମତା କର ଉକ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

ରୋଗୀ କଲ୍ୟାଣ ସମିତି ବୈଠକରେ ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

ଡେଲାଙ୍ଗ,୦୧।୧୧ (ନି.ପ୍ର): ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ମଂଜୁର ଥିବା ସତ୍ତ୍ୱେ ଦୀର୍ଘ ବର୍ଷ ହେଲା ଏହି ପଦବୀ ଖାଲି ରହିଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ମହିଳା ରୋଗୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ସହ ଘରୋଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଯଥାଶୀଘ୍ର ଏହି ପଦବୀ ପୂରଣ କରିବା ପାଇଁ ଶୁକ୍ରବାର ଅନୁଷ୍ଠିତ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକରେ ସଭ୍ୟମାନେ ଦାବି କରିଛନ୍ତି । ସ୍ଥାନୀୟ ବିଧାୟକ ତଥା ରୋଗୀ କଲ୍ୟାଣ ସମିତିର ଚେୟାରମ୍ୟାନ ଆଶ୍ରିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରିଚାଳନା କମିଟି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ବିଡ଼ିଓ ସମୀର ବେହେରା, ଆବାହକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ବିନୟ କୁମାର ଦାସ, ବ୍ଲକ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଶିବାନନ୍ଦ ଚାଉଳିଆ, ଡା. ସୋନି ସାମନ୍ତରାୟ, ସଭ୍ୟ ତଥା ଆମ୍ବା କମିଟି ଅଧ୍ୟକ୍ଷ



ଲଡୁକିଶୋର ରାୟ, ଶ୍ୱେତକୁମାର ନାୟକ, ସୁଧାଂଶୁ ଶେଖର ପରିଡା, ବିପିଏମ ଦିଲ୍ଲୀପ କୁମାର ପରିଡା, ବିଏଏମ ସୁଶ୍ରୀ ଶିବଉପାସିନୀ ମହାରଣା, ପ୍ରମୁଖ ଉପସ୍ଥିତ ରହି ଗତ ଏପ୍ରିଲ ମାସ ଠାରୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଆୟ ବ୍ୟୟ ବିବରଣୀ ଓ ୨୦୨୬/୨୭ବର୍ଷ ପାଇଁ ବଜେଟ ଅନୁମୋଦନ କରିଥିଲେ । ପ୍ରାରମ୍ଭରେ ଅଧିକ୍ଷକ ଡା ଦାସ ସମିତି ଅଧ୍ୟକ୍ଷ ତଥା ସଭ୍ୟ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକର ଲକ୍ଷ୍ୟ ଓ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ୧୬ଟି ଆୟୁଷ୍ମାନ ଜନ ଆରୋଗ୍ୟ କେନ୍ଦ୍ର ମଧ୍ୟରୁ ବେରବୋଇ ଓ ନଡାଖଣ୍ଡ ରେ ଜମି ଅଧିଗ୍ରହଣ ହୋଇନଥିବାରୁ ନୂତନ ଗୃହ ନିର୍ମାଣ କାମ ଆରମ୍ଭ ହୋଇନଥିବା ବେଳେ ବରକେରା, ସାଉରିଆ, ଗଡ଼ ମୋଟରୀ, ଗୋବିନ୍ଦପୁର କେନ୍ଦ୍ର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ହସ୍ତାନ୍ତର ହୋଇନଥିବାରୁ କାର୍ଯ୍ୟକ୍ଷମ ହୋଇନାହିଁ ।ଷଡାଙ୍ଗୋଇ କେନ୍ଦ୍ର ଗୃହର ମରାମତି ଆବଶ୍ୟକ ରହିଛି ଓ ପୀଢ଼ପାଟଣା ଓ ଧାନକେରା କେନ୍ଦ୍ର ଗୃହ ନିର୍ମାଣ ସତ୍ତ୍ୱେ ପାନୀୟ ଜଳ ବ୍ୟବସ୍ଥା ହୋଇନଥିବା ସମ୍ପର୍କରେ ବିପିଏମ ଶ୍ରୀପରିଡା ସୂଚନା ଦେଇଥିଲେ । ଯଥାଶୀଘ୍ର ସମ୍ପୂର୍ଣ୍ଣ ହୋଇଥିବା ଗୃହ ହସ୍ତାନ୍ତରୀକରଣ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବିଡ଼ିଓ ଶ୍ରୀ ବେହେରାଙ୍କୁ, ବିଧାୟକ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ । ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚାଉଳିଆ ଧନ୍ୟବାଦ ଅର୍ପଣ କରିଥିଲେ ।

ପାରାଦୀପ ବନ୍ଦର ପକ୍ଷରୁ ସର୍ଦ୍ଦାର ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ପାଳନ

ପାରାଦୀପ,୧।୧୧ (ନି.ପ୍ର): ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଉତ୍ସାହ ଏବଂ ଦେଶପ୍ରେମର ଭାବନା ସହିତ ରାଷ୍ଟ୍ରୀୟ ଏକତା ଦିବସ ଶନିବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ଜାତୀୟ ସଂହତି, ଏକତା, ଅଖଣ୍ଡତା ଏବଂ ଭାଇଚାରାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ 'ରନ୍ ଫର୍ ୟୁନିଟି' ('ଏକତା ପାଇଁ ଦୌଡ଼') କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଅଧିକାରୀ ଏବଂ କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ଗୋପବନ୍ଧୁ



ଷ୍ଟାଡ଼ିୟମର କ୍ରୀଡା ପ୍ରଶିକ୍ଷାର୍ଥୀ, ପାରାଦୀପ କଲେଜର ଛାତ୍ରଛାତ୍ରୀ ଏବଂ ଓଡ଼ିଶା ମାରିଟାଇମ୍ ଏକାଡେମୀର ଉତ୍ସାହୀ ପ୍ରଶିକ୍ଷାର୍ଥୀ ମାନେ ଅଂଶଗ୍ରହଣ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ ରାଷ୍ଟ୍ର ଗଠନ ଦିଗରେ ଶ୍ରୀ ପଟେଲ ଙ୍କ ଅବଦାନ ଅତୁଳନୀୟ ବୋଲି କହିବାସହ ଦେଶକୁ ଏକତ୍ର କରିବାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୃଷ୍ଟିକୋଣ ଏବଂ ଅମୂଲ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ । ସେ ଏକ ଅନ୍ତର୍ଭୁକ୍ତ, ସମୃଦ୍ଧ ଏବଂ ସମନ୍ୱିତ ଭାରତ ଗଠନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତଙ୍କୁ ଏକତା ଏବଂ ଜାତୀୟ ସଂହତିର ଆଦର୍ଶକୁ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ । ଏହା ପରେ, ସେ 'ରନ୍ ଫର୍ ୟୁନିଟି'କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ପୋର୍ଟ ଟାଉନସିପ୍ ପରିକ୍ରମା କରି ଗୋପବନ୍ଧୁ ଷ୍ଟାଡିୟମରେ ଶେଷ ହୋଇଥିଲା । ଏହି ଦୌଡ଼ ଦେଶର ଏକତା ଏବଂ ଅଖଣ୍ଡତାକୁ ସୁଦୃଢ଼ କରିବା ପାଇଁ ସାମୂହିକ ପ୍ରତିବଦ୍ଧତାର ପ୍ରତୀକ ଥିଲା । ଏହି ଅବସରରେ, ପାରାଦୀପ ବନ୍ଦର ର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ବିଭାଗୀୟ ମୁଖ୍ୟ, ଅଧିକାରୀ ଏବଂ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସିଆଇଏସଏଫ କର୍ମଚାରୀମାନେ ଏକତା ର ଶପଥପାଠ ରେ ଅଂଶଗ୍ରହଣ କରିଥିଲେ ।

ଆଦିବାସୀ ଶିକ୍ଷାର ବିକାଶ ଦିଗରେ ନୂଆ ପଦକ୍ଷେପ : ରାୟଗଡ ଜିଲ୍ଲା ପାଇଁ ୧୭୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ରାୟଗଡ,୧।୧୧ (ନି.ପ୍ର) : ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଆଦିବାସୀ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗ ମଙ୍ଗଳ ବିଭାଗ ଅଧୀନରେ ରାୟଗଡ ଜିଲ୍ଲା ପାଇଁ ମୋଟ ୧୭୩ ଜଣଙ୍କୁ ନବନିଯୁକ୍ତି ମିଳିଛି । ଏହି ନବନିଯୁକ୍ତଙ୍କ ମଧ୍ୟରେ ୧୪୭ ଜଣ ସେବକ-ସେବିକା ଏବଂ ୨୬ ଜଣ ଭାଷାଭିତ୍ତିକ ଶିକ୍ଷକ ରହିଛନ୍ତି । ଏହି ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ନିଯୁକ୍ତିପତ୍ର ବଣ୍ଟନ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାୟଗଡ ଜିଲ୍ଲା ପାଇଁ ନିଯୁକ୍ତ ୭୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ । ଅନ୍ୟ ୧୦୩ ଜଣ ନବନିଯୁକ୍ତଙ୍କୁ ରାୟଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ । ଜିଲ୍ଲାର ନବନିଯୁକ୍ତମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ । ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସଭାଗୃହଠାରେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ ନବନିଯୁକ୍ତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଅସୀମା ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ସହକାରୀ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ମଙ୍ଗଳ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



ଏହି ଅବସରରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ ନିଜ ଅଭିଭାଷଣରେ କହିଥିଲେ ଯେ, ଶିକ୍ଷକତା କେବଳ ଏକ ଚାକିରି ନୁହେଁ, ବରଂ ଏହା ଏକ ମହତ୍ୱପୂର୍ଣ୍ଣ ସାମାଜିକ ସେବା ଓ ପିଢ଼ି ପରେ ପିଢ଼ିର ଜୀବନରେ ପରିବର୍ତ୍ତନ ଆଣିବାର ଏକ ସୁଯୋଗ । ବିଶେଷକରି ଆଦିବାସୀ ଓ ଦୁର୍ଗମ ଅଞ୍ଚଳର ପ୍ରଥମ ପିଢ଼ିର ଶିକ୍ଷାର୍ଥୀମାନଙ୍କ ଜୀବନରେ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନୁନ୍ନତ ଅଞ୍ଚଳର ଲୋକଙ୍କ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିବାକୁ ହେଲେ ଶିକ୍ଷା ଓ ସଚେତନତାର ପ୍ରସାର ଅପରିହାର୍ଯ୍ୟ । ସେ ଆହୁରି କହିଥିଲେ ଯେ, ଅସ୍ୱଚ୍ଛତା, ସ୍ୱାସ୍ଥ୍ୟ ସମସ୍ୟା, ମଦ୍ୟପାନ, ପୁଷ୍ଟିହୀନତା ଓ ଅନ୍ଧବିଶ୍ୱାସ ଭଳି ସାମାଜିକ ସମସ୍ୟାର ମୂଳୋତ୍ପାଟନ ପାଇଁ ଲୋକଙ୍କ ଚିନ୍ତାଧାରା ଓ ମନୋଭାବରେ ପରିବର୍ତ୍ତନ ଆବଶ୍ୟକ । ବୟସ୍କଙ୍କ ଦୀର୍ଘଦିନର ଧାରଣା ବଦଳାଇବା କଷ୍ଟକର ହୋଇଥିଲେ ମଧ୍ୟ ଶିଶୁ ଓ କିଶୋରମାନଙ୍କ ମନ ଅଧିକ ଗ୍ରହଣଶୀଳ ଥିବାରୁ ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ନୈତିକ ମୂଲ୍ୟବୋଧ ଓ ସଠିକ୍ ମାର୍ଗଦର୍ଶନ ପ୍ରଦାନ କରିବା ଆବଶ୍ୟକ । ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ କେବଳ ପାଠ୍ୟପୁସ୍ତକର ଜ୍ଞାନ ନ ଦେଇ ସେମାନଙ୍କ ମଧ୍ୟରେ ଶୃଙ୍ଖଳା, ସାହସ, ଆତ୍ମବିଶ୍ୱାସ, ଉତ୍ତମ ନୈତିକତା ଏବଂ ଠିକ୍ ଓ ଭୁଲ୍ ମଧ୍ୟରେ ପାର୍ଥକ୍ୟ ବୁଝିବାର କ୍ଷମତା ବିକଶିତ କରିବା ଉଚିତ । ଅନେକ ଶିକ୍ଷାର୍ଥୀଙ୍କ ପାଇଁ ବିଦ୍ୟାଳୟ ହିଁ ଜ୍ଞାନ ଓ ବ୍ୟାପକ ଦୁନିଆ ସହ ପରିଚିତ ହେବାର ପ୍ରଥମ ମାଧ୍ୟମ । ତେଣୁ ସେମାନଙ୍କୁ ଏକ ସୁସ୍ଥ ଓ ସୁରକ୍ଷିତ ଶିକ୍ଷଣ ପରିବେଶ ଯୋଗାଇବା ସହ ନକାରାତ୍ମକ ପ୍ରଭାବରୁ ଦୂରେଇ ରଖିବା ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ । ଶିକ୍ଷକମାନେ ଏହାକୁ କେବଳ ନିଯୁକ୍ତି ଭାବେ ନ ଦେଖି ସମାଜର ସବୁଠାରୁ ଅବହେଳିତ ବର୍ଗର ପିଲାମାନଙ୍କୁ ଉନ୍ନତ ଭବିଷ୍ୟତର ଦିଗ ଦେଖାଇବାର ଏକ ମହତ୍ ସୁଯୋଗ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ଏହି ନିଯୁକ୍ତି ଦ୍ୱାରା ମଙ୍ଗଳ ବିଭାଗ ଅଧୀନରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଆଦିବାସୀ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ପାଇବାରେ ଉପକୃତ ହେବେ ବୋଲି ଆଶା ପ୍ରକାଶ କରାଯାଇଛି ।

ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କା

ମାଲକାନଗିରି ଜିଲ୍ଲାରେ ୪ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ


ମାଲକାନଗିରି, ୧/୧୧ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାରେ ସମସ୍ତ ସରକାରୀ ଓ ଘରୋଇ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ତିନି ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜରୁରୀକାଳୀନ ବିଭାଗ ପକ୍ଷରୁ ନଭେମ୍ବର ୧ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ନଭେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ଭାରତୀୟ ପାଣିପାଗ ବିଭାଗ (ଓଗଉ)ର ପୂର୍ବାନୁମାନ ଅନୁସାରେ, ନଭେମ୍ବର ୨ରୁ ୪ ତାରିଖ ମଧ୍ୟରେ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ଆଶଙ୍କା ରହିଛି । ଏଥିସହ ସମ୍ଭାବ୍ୟ ବାତ୍ୟାଜନିତ ପରିସ୍ଥିତି ଓ ଲଗାତାର ବର୍ଷାକୁ ନଜରରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ



ଏହି ପଦକ୍ଷେପ ନେଇଛି । ଏହି ନିର୍ଦ୍ଦେଶ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଙଇଠ), ଡିଗ୍ରୀ କଲେଜ ଏବଂ ସମସ୍ତ ପରିଚାଳନାଧୀନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଲାଗୁ ହେବ । ଏହା ସହ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଏହି ସମୟରେ ବନ୍ଦ ରହିବ । ତେବେ ସ୍କୁଲ, କଲେଜର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀମାନେ ନିୟମିତ ଭାବେ ନିଜ କାର୍ଯ୍ୟରେ ଯୋଗଦେବେ । ଆବଶ୍ୟକ ପଡ଼ିଲେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ଜିଲ୍ଲା ପ୍ରଶାସନ ସେମାନଙ୍କ ସେବା ଉପଯୋଗ କରିପାରିବ । ଅନ୍ୟପକ୍ଷରେ, ବିଭିନ୍ନ ବୋର୍ଡ, କାଉନସିଲ୍ ଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ହେବାକୁ ଥିବା ପରୀକ୍ଷା ଯଥାରୀତି ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ।

ମାଲକାନଗିରିରେ ଦମ୍ପତିଙ୍କୁ ନିର୍ମମ ହତ୍ୟା ଆକ୍ରମଣରେ ୧୩ ବର୍ଷୀୟ ପୁଅ ଗୁରୁତର

ମାଲକାନଗିରି,୧।୧୧ (ନି.ପ୍ର) : ମାଲକାନଗିରି ଜିଲ୍ଲାରେ ଏକ ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । କୋରୁକୋଣ୍ଡା ବ୍ଲକ୍ ସୋମନାଥପୁର ପଞ୍ଚାୟତ ଅନ୍ତର୍ଗତ ଏମ୍ଭି-୩୬ ଗ୍ରାମରେ ଜଣେ ଦମ୍ପତିଙ୍କୁ କଟୁରୀରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରେ ସେମାନଙ୍କ ୧୩ ବର୍ଷୀୟ ପୁଅ



ଗୁରୁତର ଆହତ ହୋଇଛନ୍ତି । ମୃତକ ଦମ୍ପତି ହେଲେ ରମେନ ସରକାର ଓ ରେବା ସରକାର । ସୂଚନା ଅନୁଯାୟୀ, ଗ୍ରାମର ବିଶଙ୍କର ମଣ୍ଡଳ ନାମକ ଜଣେ ବ୍ୟକ୍ତି ଝରକା ଭାଙ୍ଗି ଘର ଭିତରକୁ ପଶିବା ପରେ କଟୁରୀରେ ଦମ୍ପତିଙ୍କୁ ଏକାଧିକ ଥର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏଥିରେ ରମେନ ଓ ରେବାଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ପୁଅ ସନ୍ଦୀପ ସରକାର ଗୁରୁତର ଆହତ ହୋଇଛନ୍ତି । ଆହତ ସନ୍ଦୀପଙ୍କୁ ରାତି ପ୍ରାୟ ୨ଟା ୩୦ ମିନିଟ୍‌ରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ଡାକ୍ତର ସପନ କୁମାର ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ । ତେବେ ନାବାଳକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ଘଟଣା ପଛରେ ଥିବା କାରଣକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଥିବାବେଳେ ଏହାର ପ୍ରକୃତ କାରଣ ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ । ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକ ଓ ଉତ୍ତ ?ଜନାର ବାତାବରଣ ସୃଷ୍ଟି ହୋଇଛି ।

ଜନସେବାକୁ ଜୀବନର ମନ୍ତ୍ର କରିଛନ୍ତି ବିଧାୟକ ହିମାଂଶୁ

ଲୋକଙ୍କ ସୁଖଦୁଃଖର ସାଥୀ, ଧର୍ମଶାଳାର ବିକାଶ ଓ ଜନକଲ୍ୟାଣ ପାଇଁ ସମର୍ପିତ ଏକ ଜନନେତୃତ୍ୱ

ଚଣ୍ଡିଖୋଲ/ଧର୍ମଶାଳା, (ନିପ୍ର), ୧।୧୧ (ନି.ପ୍ର): ରାଜନୀତି କେବଳ କ୍ଷମତା ହାସଲର ମାଧ୍ୟମ ନୁହେଁ, ବରଂ ଲୋକଙ୍କ ସେବା, ସେମାନଙ୍କ ଆଶା ଓ ଆକାଂକ୍ଷାକୁ ସମ୍ମାନ ଦେବା ସହ ଅଞ୍ଚଳର ସର୍ବାଙ୍ଗୀଣ ବିକାଶ ପାଇଁ ନିଜକୁ ସମର୍ପିତ କରିବାର ଏକ ମହାନ ଦାୟିତ୍ୱ । ଏହି ଚିନ୍ତାଧାରାକୁ ପାଥେୟ କରି ଧର୍ମଶାଳା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହ ଯୋଡ଼ି ହୋଇ ରହିବା ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେବାର ପ୍ରୟାସ କରୁଛନ୍ତି ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ । ସାଧାରଣ ଲୋକଙ୍କ ସମସ୍ୟା ଶୁଣିବାଠାରୁ ଆରମ୍ଭ କରି ଅସହାୟ ଓ ଆବଶ୍ୟକତା ଥିବା ପରିବାରଙ୍କ ପାଖରେ ପହଞ୍ଚିବା, ସାମାଜିକ କାର୍ଯ୍ୟକ୍ରମରେ ସହଯୋଗ,



ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଜନକଲ୍ୟାଣକାରୀ ପଦକ୍ଷେପ ତଥା ଅଞ୍ଚଳର ବିକାଶ ପାଇଁ ଉଦ୍ୟମ, ଏସବୁ କ୍ଷେତ୍ରରେ ଜନପ୍ରତିନିଧିଙ୍କ ସକ୍ରିୟତା ହିଁ ଲୋକଙ୍କ ଆସ୍ଥାକୁ ଆହୁରି ସୁଦୃଢ଼ କରିଥାଏ । ବିଧାୟକ ଶ୍ରୀ ସାହୁଙ୍କ ଜନସମ୍ପର୍କର ମୂଳ ଆଧାର ହେଉଛି ଜନସାଧାରଣଙ୍କ ସହ ସିଧାସଳଖ ଯୋଡ଼ି ହେବା ଏବଂ ସେମାନଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେବା । ଜନସେବାରେ ରାଜନୈତିକ ପରିଚୟଠାରୁ ମାନବିକତା, ସମ୍ବେଦନଶୀଳତା ଓ ଦାୟିତ୍ୱବୋଧ ଅଧିକ ମହତ୍ୱ ରଖେ । ଏହି ମନୋଭାବକୁ ନେଇ ଧର୍ମଶାଳାର ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ବିକାଶର ସ୍ୱପ୍ନକୁ ସାକାର କରିବା ଦିଗରେ ଆଗେଇ ଚାଲିବା ହିଁ ଜନପ୍ରତିନିଧିତ୍ୱର ପ୍ରକୃତ ସାର୍ଥକତା ।

ଜନସାଧାରଣଙ୍କ ବିଶ୍ୱାସକୁ ପୁଞ୍ଜି କରି ଧର୍ମଶାଳାରେ ବିକାଶ, ଜନକଲ୍ୟାଣ ଓ ସେବାର ଧାରାକୁ ଆଗକୁ ବଢ଼ାଇବା ସହ ଲୋକଙ୍କ ଆଶା ପୂରଣ ପାଇଁ ନିରନ୍ତର ପ୍ରୟାସ ଜାରି ରଖିବା ହିଁ ଏକ ଦାୟିତ୍ୱବାନ ଜନନେତାଙ୍କ ପରିଚୟ ।

ଲେଡୀସ କ୍ଲବ, ରାୟଗଡା ଠାରେ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତା

ରାୟଗଡ୧୧୧(ନିପ୍ର): : ଆଜି ଲେଡୀସ କ୍ଲବ, ରାୟଗଡ଼ାଠାରେ 'ଶିଶୁ ଦିବସ -୨୦୨୬ ' ଉପଲକ୍ଷେ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କ୍ରର୍ଯ୍ୟକ୍ରମକୁ ସଭାପତି ଶ୍ରୀମତୀ କସ୍ତୁରୀ ସାହୁ ଙ୍କ ପୌରୋହିତ୍ୟରେ ସମ୍ପାଦନ କରାଯାଇଥିଲା । ଶିଶୁ ମାନଙ୍କ ମଧ୍ୟରେ ଗଠନାତ୍ମକ ମୂଳକ କଳାର ପରିପ୍ରକାଶ କରିବା ଏହି କାର୍ଯ୍ୟକ୍ରମ ର ଲକ୍ଷ୍ୟ ବୋଲି ସଭାପତି ମତ ବ୍ୟକ୍ତ କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନର ୨୫ ଜଣ ଛାତ୍ର ଛାତ୍ରୀ 'ସୁଶ୍ରୀ ଆର୍ଟ ଏଣ୍ଡ କ୍ରାଫ୍ଟ ' ତାଲିମ ଅନୁଷ୍ଠାନ, ରାୟଗଡା ଜରିଆରେ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ଅବସର ପ୍ରାପ୍ତ ତଥା ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ଶ୍ରୀ ଜଗଦିଶ ଚନ୍ଦ୍ର ଦୋରା ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ଼.ଦ୍ୱିତୀ ଚନ୍ଦ୍ର ସାହୁ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ସହ ବିଚାରକ ଭାବେ ଯୋଗଦାନ କରିଥିଲେ । ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଇପିଲି ଶ୍ରୀସା ପ୍ରଥମ ସ୍ଥାନ, ଶୀତଲ ସାଂଙ୍ଖା ରଥ ଦ୍ୱିତୀୟ ସ୍ଥାନ, ଶ୍ରୀଜମ କୁଣ୍ଡୁ ତୃତୀୟ ସ୍ଥାନ,



ବିରାଟ ଶର୍ମା ଚତୁର୍ଥ ସ୍ଥାନ ଓ ପି ଭି ଲକ୍ଷ୍ମୀ ପଞ୍ଚମ ସ୍ଥାନ ଏବଂ କନିଷ୍ଠ ବିଭାଗରେ କେ ସାଇ ସୁହାନି ପ୍ରଥମ ସ୍ଥାନ, ଏସ ଭି ରୁଥିକା ଦ୍ୱିତୀୟ ସ୍ଥାନ ଓ ହ୍ୟାନ୍ସ ବରଣାସୀ ତୃତୀୟ ସ୍ଥାନ ଗ୍ରହଣ କରି ଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । କ୍ଲବର ବରିଷ୍ଠ ଉପଦେଷ୍ଟା ଶ୍ରୀମତୀ ଅଳକା ଦାସ ଓ ଶ୍ରୀମତୀ ଶାନ୍ତି କୁମାରୀ ଦେବ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ପ୍ରେରଣା ଦେଇଥିଲେ । ଶ୍ରୀମତୀ ଜ୍ୟୋତିପ୍ରଭା ମହାପାତ୍ର ସମ୍ପାଦିକା, ଶ୍ରୀମତୀ ସୁଜାତା ପାତ୍ରୀ ଯୁଗ୍ମ ସମ୍ପାଦିକା, ଶ୍ରମତି ବୁଲୁଡ଼ି ଲକ୍ଷ୍ମୀ କୋଷାଧକ୍ଷା ଓ ଶ୍ରୀମତୀ କେ ଶୋଭାରାଣୀ ଯୁଗ୍ମ କୋଷାଧକ୍ଷା ତଥା କ୍ଲବର ସମସ୍ତ ସଦସ୍ୟାମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଜାତୀୟ ଯୁବ ସମ୍ମିଳନୀରେ ଯୋଗ ଦେଲେ ପ୍ରକାଶ

ଅନୁଗୋଳ୧୧୧(ନିପ୍ର): ବୃହତ ଶ୍ରମିକ ସଂଗଠନ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ (ଆଇଏନଟିୟୁସି)ର ଜାତୀୟ ଯୁବ ସଭାପତି ଡ଼ ପି ଶ୍ରୀନିବାସନ ଙ୍କ ନେତୃତ୍ୱରେ ଏକ ତାରିଖ ରବିବାର ଦିନ ହାଇଦ୍ରାବାଦ ସ୍ଥିତ ଜି,ଏସ,ଆର ଭବନ ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ସେଥିରେ ଓଡିଶାର ଯୁବ ସଭାପତି ପ୍ରକାଶ ବେହେରା ଅଂଶ ଗ୍ରହଣ କରିଥିବା ବେଳେ ଯୁବ ସାଧାରଣ ସମ୍ପାଦକ ଭବାନୀ ଦାସ, ରାକେଶ ସାହୁ, ଟିକନ ବେହେରା ଏବଂ ସୁବ୍ରତ ପ୍ରଧାନ ଶ୍ରୀ ବେହେରା ଙ୍କର ନେତୃତ୍ୱରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ଜାତୀୟ ସଭାପତି ଡ଼ ସଂଜୀବା ରେଡି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶ୍ରମିକ ମାନଙ୍କୁ ଉଚିତ ସୁରକ୍ଷା ଦେଇ ସେମାନଙ୍କୁ ତାଙ୍କର ସମସ୍ତ ପ୍ରକାର ପ୍ରାପ୍ୟ କିପରି ଅଧିକ ରୁ ଅଧିକ ପାଇ ପାରିବେ ସେ ବିଷୟରେ ଦୃଢୋକ୍ତି ପ୍ରଦାନ କରିଥିଲେ । ଏ ଭଳି ଜାତୀୟ ଯୁବ ମହା ମଞ୍ଚକୁ ମନୋନୀତ ହେବା ପାଇଁ ଜାତୀୟ ଉପ ସଭାପତି, ପୂର୍ବତନ ସାଂସଦ ତଥା ରାଜ୍ୟ ସଭାପତି ଡ଼ ରାମ ଚନ୍ଦ୍ର ଖୁଣ୍ଟିଆ ଏବଂ ରାଜ୍ୟର ସମସ୍ତ ଶୀର୍ଷ ନେତୃବୃନ୍ଦ ପାଇଁ ଜାତୀୟ ଯୁବ ସମ୍ମିଳନୀରେ ଓଡିଶା ତରଫରୁ ମନୋନୀତ ହୋଇପାରିଛି ବୋଲି ରାଜ୍ୟ ଯୁବ ସଭାପତି ପ୍ରକାଶ ବେହେରା ସାଧୁବାଦ ଜଣାଇବା ସହିତ ସଫଳତାର ଶୀର୍ଷ ସ୍ଥାନ ଅଧିକାର କରି ପାରିଛି ବୋଲି ନିଜର ବକ୍ତବ୍ୟ ପ୍ରଦାନ କରିଛନ୍ତି ।



ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାୟଗଡ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମୀକ୍ଷା

ରାୟଗଡ, ୧୧୧(ନିପ୍ର): : ସମ୍ଭାବ୍ୟ ବାତ୍ୟା ଓ ଏହାର ପ୍ରଭାବରେ ସୃଷ୍ଟି ହୋଇପାରୁଥିବା ପ୍ରତିକୂଳ ପାଣିପାଗ ପରିସ୍ଥିତିର ମୁକାବିଲା ନିମନ୍ତେ ରାୟଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଏନେଇ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧକ୍ଷତାରେ ଭର୍ଚୁଆଲ୍ ମାଧ୍ୟମରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବ, ଜନସାଧାରଣଙ୍କ ସୁରକ୍ଷା, ଜରୁରୀକାଳୀନ ସେବା ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ଖାଦ୍ୟ, ପାନୀୟ ଜଳ, ଆଶ୍ରୟସ୍ଥଳୀ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

ବାତ୍ୟା ପୂର୍ବରୁ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଏବଂ ନଦୀ ନିକଟବର୍ତ୍ତୀ ବିପଦସଂକୁଳ ଜନବସତିଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ଆଗୁଆ ସ୍ଥାନାନ୍ତରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ବିପଦ ଥିବା ଅଞ୍ଚଳରେ ଜନସାଧାରଣଙ୍କୁ ସତର୍କ କରିବା ସହ ସ୍ଥାନାନ୍ତରଣ ପାଇଁ ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ରଖିବାକୁ କୁହାଯାଇଥିଲା । ଏଥିସହ ଆବଶ୍ୟକ ସ୍ଥଳେ ଛାତ୍ରଛାତ୍ରୀ ଓ ଶିଶୁମାନଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରିବା ନିମନ୍ତେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯାଇପାରେ ବୋଲି କୁହାଯାଇଥିଲା ।

ବାତ୍ୟା ଆଶ୍ରୟସ୍ଥଳୀ, ଅନ୍ୟାନ୍ୟ ଅସ୍ଥାୟୀ ଆଶ୍ରୟସ୍ଥଳୀ ଓ ବିପଦସଂକୁଳ ସ୍ଥାନ ଗୁଡିକରେ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ପାନୀୟ ଜଳ ବୋତଲ, ମୋବାଇଲ୍ ଚାର୍ଜିଂ ସୁବିଧା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଦ୍ୟୁତ୍ ଓ ଟେଲିଫୋନ୍ ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ ରଖିବା ଏବଂ ଆବଶ୍ୟକ ସ୍ଥଳେ ବିକଳ୍ପ ଯୋଗାଯୋଗ ବ୍ୟବସ୍ଥା ସହ ଡିଜି ସେଟ୍ ?ର ବ୍ୟବସ୍ଥା କରିବାକୁ ଈଚଝଢଉଖ ଓ ଟେଲିକମ୍ ବିଭାଗକୁ କୁହାଯାଇଥିଲା ।ବୈଠକରେ ସମସ୍ତ ବିଡିଓ, ତହସିଲଦାର, ଅଗ୍ନିଶମ ବିଭାଗ, ପୁଲିସ ବିଭାଗ, ବନ ବିଭାଗ ଏବଂ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ନିଜ ନିଜ ଅଞ୍ଚଳରେ ସମ୍ଭାବ୍ୟ ବିପଦପ୍ରବଣ ଅଞ୍ଚଳ, ଆଶ୍ରୟସ୍ଥଳୀ, ଉଦ୍ଧାରକାର୍ଯ୍ୟ ଏବଂ ଆବଶ୍ୟକୀୟ ସାମଗ୍ରୀର ଉପଲବ୍ଧତା ସମ୍ପର୍କରେ ନିୟମିତ ସମୀକ୍ଷା କରିବା ସହ ଯେକୌଣସି ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା । ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ ଯେକୌଣସି ଆପଦକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଅନୁଗୋଳରେ ନିଯୁକ୍ତି ମେଳା ଆୟୋଜିତ

୬୩ ଜଣ ସେବକ ଓ ସେବିକାଙ୍କୁ ମିଳିଲା ନିଯୁକ୍ତି ପତ୍ର

ଅନୁଗୋଳ,୧୧୧(ନିପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆଜି ସ୍ଥାନୀୟ ସର୍କିଟ୍ ହାଉସ ସଭାଘର ଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ସରକାରଙ୍କ ଦ୍ୱାରା ଚୟନ ହୋଇଥିବା ମୋଟ ୬୩ ଜଣ ନବନିଯୁକ୍ତ ସେବକ ଓ ସେବିକାଙ୍କୁ ବିଧିବଦ୍ଧ ଭାବେ ନିଯୁକ୍ତି ପତ୍ର



ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଢେଙ୍କାନାଳର ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ପ୍ରତିଭାମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ସେବକ ଓ ସେବିକାମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲୀପ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଅସହାୟ ମହିଳାଙ୍କୁ ବସ୍ତ୍ର ପ୍ରଦାନ କଲେ ବିଜ୍ଞାନ

ପାରାଦ୍ୱୀପ୧୧୧(ନିପ୍ର): - ଶିଳ୍ପ ନଗରୀ ପାରାଦ୍ୱୀପ ରେ ମାଲ ମାଲ ସମାଜସେବୀ ଆଉ ସ୍ୱଚ୍ଛାସେବୀ । କିନ୍ତୁ ଏମାନଙ୍କ କାର୍ଯ୍ୟ କଳାପ ଲୋକ ଦେଖାଣିଆ ବୋଲି ଯାହା ଲୋକ ଆଲୋଚନାରୁ ସ୍ପଷ୍ଟ ବାରି ହୋଇ ପଡେ । ଏମିତିବି ଦେଖିଲେ ଦୁର୍ନୀତିଖୋର ମାନଙ୍କ ପାଇଁ ପାରାଦ୍ୱୀପ ପାଲଟିଛି ସୁନା ଅଣ୍ଡାଦିଆ କୁକୁଡା କହିଲେ ଅତ୍ୟୁକ୍ତି ହେବନି । ଘଟଣା ଯାହାବି ହେଉନା କାହିଁକି କିଏ ସାମାଜିକ ସଙ୍ଗଠନ ନାଁ ରେ ଲୁଟୁଛିତ ଆଉ କିଏ ବିଭିନ୍ନ ଆଳ ଦେଖାଇ ସୋ କୁ ସଉଦା ଆଦାୟ କରିବା ଏଠାରେ ଏକ ପ୍ରଥାରେ ପରିଣତ ହେଇ ଗଲାଣି କହିଲେ ଚଳେ । ଏମିତିବି ଦେଖିଲେ ମାଇଗ୍ରେସନ ପକ୍ଷୀ ପରି କିଛି ଆସନ୍ତି ଆଉ ଅନ୍ତରଧ୍ୟାନ ହେଇ ଯାଆନ୍ତି ।ପୁଣି ସିଜିନ ଆସିଲେ ଏମାନଙ୍କୁ ଦେଖିବାକୁ ମିଳିଥାଏ ।

କେବଳ ସହନେମୟୀ ଆଚାର୍ଯ୍ୟ ଙ୍କୁ ଛାଡିଦେଲେ ଆଉ କାହାର ଦେଖିବାକୁ ମିଳି ନଥିଲା ବେଳେ ପାରାଦ୍ୱୀପ ଗଡ଼ ନିବାସୀ ବିଜ୍ଞାନ ବେହେରା ସେବା ପ୍ରଦାନ କରିଛନ୍ତି ଜଣେ ଦରିଦ୍ର ଅସହାୟ ମହିଳାଙ୍କୁ ।ଉକ୍ତ ମହିଳା ଜଣଙ୍କ ପରିଣତ ବୟସରେ ପହଞ୍ଚି ଥିଲାବେଳେ ଥାନାକୁ ଲାଗି ଥିବା ଦେବ ଚା ଦୋକାନ ପାଖରେ ଏକ କୋଳି ଗଛ ପିଣ୍ଡିରେ ସୂର୍ଯ୍ୟ ଉଦୟ ହେଲେ ଦେଖିବାକୁ ମିଳିଥାଏ । ରାତି ହେଲେ ସେ କେଉଁଠି ରୁହନ୍ତି ଆଉ ଖାଆନ୍ତି କଣ କେବେ ଦେଖିବାକୁ ମିଳିନଥାଏ । ସକାଳ ହେଲେ କେବଳ ହାତରେ ଗୋଟେ ବାଡ଼ିକୁ ଧରି ବସି ରହିଥାଏ ଉକ୍ତ ପିଣ୍ଡିରେ ।ଚା ଦୋକାନ ପାଖରେ ବିଭିନ୍ନ ପ୍ରକାର ଲୋକ ରୁଣ୍ଡ ହେଉଥିଲେ ସୁଦ୍ଧା କେହି ଟୁ ଟୁ ପଦେ କାହିବାତ ଦୂରର କଥା ମହିଳାଙ୍କର ଦୁଃଖ କେହି ବୁଝନ୍ତି ନାହିଁ । କିନ୍ତୁ ଉକ୍ତ ମହିଳା ଙ୍କ ଆବଶ୍ୟକତା ଥିଲା ପିନ୍ଧିବା ପାଇଁ ଶାଢ଼ୀ ଖଣ୍ଡେ । ବିଜ୍ଞାନ ଉକ୍ତ ଅସହାୟ ମାଆଙ୍କୁ କଣ ଦରକାର ବୋଲି ପଚାରିବାରୁ ମହିଳା ଜଣଙ୍କ ପିନ୍ଧିବା ପାଇଁ ଶାଢ଼ୀ ବୋଲି କହିବାରୁ ତୁରନ୍ତ ବିଜ୍ଞାନ ଶାଢ଼ୀ କିଣି ଉକ୍ତ ମହିଳାଙ୍କ ହାତକୁ ବଢ଼ାଇ ଦେବା କ୍ଷଣି ମହିଳା ଜଣଙ୍କ ଦୁଇ ଆଖିରୁ ଲୁହ ବୋହି ଯାଇଥିଲା ଏବଂ କଲ୍ୟାଣ କରିଥିଲା । ଉକ୍ତ ଦୃଶ୍ୟ ବୟାନ କରୁଥିଲା ସମାଜରେ ଏମିତି କିଛି ଲୋକ ଅଛନ୍ତି ଅର୍ଥକୁ ବ୍ରତ ଭାବେ ପାଳନ କରି ଚାଲୁଥିଲା ବେଳେ ଆଉ କିଛି ଅର୍ଥର ଅଭାବ ଥିଲେ ସୁଦ୍ଧା ଦାନ ଧର୍ମ କରିବା କରିବା ପାଇଁ ଆଉ ଲୋକଦେଖାଣିଆ କାର୍ଯ୍ୟ ନକରି ନିଜର କର୍ତ୍ତବ୍ୟ କରି ଚାଲିଛନ୍ତି । ଯଦି ବିଜ୍ଞାନ ଙ୍କ ଭଳି ନିସ୍ୱାର୍ଥପର ସେବା ପ୍ରଦାନ କରନ୍ତି ସୁସ୍ଥ ସମାଜ ଗଠନ ହେବା କିଛି ବିଚିତ୍ର କଥା ନୁହଁ ବୋଲି ଲୋକମାନେ ଟୁପୁର ଟାପୁର ହେଉଥିଲେ ।

ବଲାଙ୍ଗୀର ଟାଉନ୍ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ବଲାଙ୍ଗୀର,୧/୧୧: ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମଦିନ ଅବସରରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ପକ୍ଷରୁ ଥାନା ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଗୁଡ଼ୁଭାରେ ଏକତା ନଗର ଠାରେ ପାଳନ ହେଉଥିବା ଏକତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସମ୍ମିଳିତ ପାରେଡରେ ଅଭିବାଦନ ଗ୍ରହଣ ସିଧାପ୍ରସାରଣ କରାଯାଇଥିଲା । ପରେ ଥାନା ଅଧିକାରୀ ଅବନୀ କୁମାର ସାହୁ ଏକତା ଦିବସ ଉପରେ ନିଜର ଅଭିଭାଷଣ ରଖିବା ସହ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ । ଅନ୍ୟାନ୍ୟ ସଂଗଠନ ତରଫରୁ ବଲାଙ୍ଗୀର ଜିଲ୍ଲା ସିଭିଲ ସୋସାଇଟିର ସଂଯୋଜକ ମନୋରଂଜନ ସାହୁ ଏହି କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖି ପୋଲିସର କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଥିଲେ । ସୋସାଇଟିର ଆବାହକ ଇଂ. ବେଲାରସିଂ ଭୋଇ, ଗୋବିନ୍ଦ ମିଶ୍ର, ହରେକୃଷ୍ଣ ପଟେଲ, ବରିଷ୍ଠ ନାଗରିକ ନାରାୟଣ ପାଢ଼ି,ଅଶୋକ ମିଶ୍ର, ସୁନୀଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ

ନବରଙ୍ଗପୁର: ନବରଙ୍ଗପୁର ଜିଲ୍ଲା ବିଜେପି ପକ୍ଷରୁ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ ଅନ୍ତର୍ଗତ ଏକ ଭବ୍ୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଭାରତୀୟ ଜନତା ପାର୍ଟିର ଓଡିଶା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ଉଦ୍ଧ ନୀଳକଣ୍ଠ ପାଢ଼ୀ,ରାଜ୍ୟ



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଝରିଗାଁ ବିଧାୟକ ନରସିଂହ ଭତରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ସମ୍ମିଳନୀକୁ ସମ୍ବୋଧିତ କରି ଡି. ପୁରନ୍ଦେଶ୍ୱରୀ କହିଥିଲେ ଯେ, ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଓ ସାଧାରଣ ଜନତାଙ୍କ ଅଧିକାର ହିଁ ଭାରତୀୟ ଗଣତନ୍ତ୍ରର ପ୍ରମୁଖ ଆଧାର ଏବଂ ଏହାର ଗୌରବ ରକ୍ଷା ପାଇଁ ବିଜେପି ସଦାସର୍ବଦା ତତ୍ପର ତଥା ସମର୍ପିତ ରହିଛି । ବିଶ୍ୱର ସର୍ବବୃହତ ଗଣତନ୍ତ୍ରକୁ ନଷ୍ଟ ଓ କଳଙ୍କିତ କରିବା ଉଦ୍ଦେଶ୍ୟରେ ଦେଶର କିଛି ବିରୋଧୀ ରାଜନୈତିକ ଦଳ ଏବଂ ଅରାଜକ ତତ୍ତ୍ୱ ନିରନ୍ତର ଷଡ଼ଯନ୍ତ୍ର ଚଳାଇଛନ୍ତି ।

ବିଶେଷ କରି ସାମ୍ବିଧାନିକ ବ୍ୟବସ୍ଥା, ଝଓଜ ପ୍ରକ୍ରିୟା ଏବଂ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୂମିକା ଉପରେ ମନଗଢ଼ା କାହାଣୀ ତିଆରି କରି ବିଭ୍ରାନ୍ତିକର ତଥା ମିଥ୍ୟା ଅପପ୍ରଚାର କରାଯାଉଛି । ତେଣୁ ଦେଶବାସୀ ତଥା ଜନସାଧାରଣ ଏହି ଅପପ୍ରଚାର ଉପରେ ଧ୍ୟାନ ନ ଦେଇ ନିଜକୁ ଏଥିରୁ ଦୂରେଇ ରଖନ୍ତୁ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସମସ୍ତ ଲୋକାଭିମୁଖୀ ତଥା ଜନକଲ୍ୟାଣକାରୀ ଯୋଜନାର ଭରପୂର ଲାଭ ଉଠାନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ଜିଲ୍ଲାର ବହୁ ବିଶିଷ୍ଟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଇନଜୀବୀଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତା, ପଦାଧିକାରୀ ଓ କର୍ମକର୍ତ୍ତା ବିପୁଳ ସଂଖ୍ୟାରେ ଯୋଗଦେଇଥିଲେ ।

ବରସୁଆଁ ଲୌହ ଖଣିରେ ସତର୍କତା ସଚେତନତା ସପ୍ତାହ

କୋଇଡା ୦୧/୧୧(ସୌମ୍ୟ ମହାନ୍ତି): ବରସୁଆଁ ଲୌହ ଖଣି ରେ ସତର୍କତା ସଚେତନତା ସପ୍ତାହ ୨୦୨୬, ଅକ୍ଟୋବର ୨୬ ତାରିଖରେ ଆରମ୍ଭ ହୋଇଥିଲା । ସତ୍ୟନିଷ୍ଠା, ସଚ୍ଚୋଟତା ଓ ଦୁର୍ନୀତି ମୁକ୍ତ କାର୍ଯ୍ୟପ୍ରଣାଳୀ ର ପ୍ରଚାର - ପ୍ରସାର ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା ଯେପରିକି: କୁଇଜ୍ ପ୍ରତିଯୋଗିତା, ସ୍ଲୋଗାନ ପ୍ରତିଯୋଗିତା, ସ୍କୁଲ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ସମ୍ୟକ ଭାଷଣ ପ୍ରତିଯୋଗିତା, ଉଭୟ ଟେଂସା ଓ ବରସୁଆଁ ରେ ଆୟୋଜିତ କରାଯାଇଥିଲା । ଏହା ସହିତ ସ୍ଥାନୀୟ କାଲଟା ଲୌହ ଖଣି ଓ ତାଲଡିହ ଲୌହ ଖଣିରେ ମଧ୍ୟ ସମାନ ପ୍ରତିଯୋଗିତା କରାଯାଇଥିଲା । କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବାପାଇଁ ଏକ କାର୍ଯ୍ୟକ୍ରମ ଅକ୍ଟୋବର ୩୦ ତାରିଖ କୁ ଧାର୍ଯ୍ୟ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ଟେନସା ସ୍ଥିତ ବି ଆଇ ଏମ୍ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାପ୍ରବନ୍ଧକ ପୂର୍ଣ୍ଣଚନ୍ଦ୍ର ବରୁଆ ଅଧକ୍ଷତା କରିଥିଲେ । ପୂର୍ଣ୍ଣଚନ୍ଦ୍ର ବରୁଆ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବର ଶୁଭାରମ୍ଭ କରିବା ପୂର୍ବକ ଏହି ଉତ୍ସବରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ସତ୍ୟ ନିଷ୍ଠା, କର୍ମସ୍ୱଚ୍ଛତା ଓ ଦୁର୍ନୀତି ମୁକ୍ତ କାର୍ଯ୍ୟ ପ୍ରଣାଳୀ ର ଶପଥ ପାଠ କରାଇଥିଲେ ।ନୈଦିନ କାର୍ଯ୍ୟ ପ୍ରଣାଳୀ ରେ ସତ୍ୟନିଷ୍ଠା ର ଉପଯୋଗ କରି କିପରି ଦୁର୍ନୀତି ମୁକ୍ତ ଦେଶ ଗଠନ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ ।

ଶେଷରେ ଶ୍ରୀ ବରୁଆ, ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରେରିତ ସନ୍ଦେଶ ପାଠ କରି ଶୁଣାଇଥିଲେ ।



ଏହି ଉତ୍ସବରେ କାର୍ମିକ ବିଭାଗର ମହାପ୍ରବନ୍ଧକ ମୁକେଶ କରନ, ମହାପ୍ରବନ୍ଧକ (ତାଲଡିହ ଖଣି)ଶ୍ରୀ ରାଜେଶ କୁମାର, ମହାପ୍ରବନ୍ଧକ(ବିଜୁଳି)ଉତ୍କର୍ଷ ଗୌରବ, ମହାପ୍ରବନ୍ଧକ(ଯାନ୍ତ୍ରିକ) ସମରେନ୍ଦ୍ର ପଟ୍ଟନାୟକ ଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ, ବିଭିନ୍ନ ଶ୍ରମିକ ସଂଗଠନର ସଂଯୋଜକ ସଚିବ ଓ କର୍ମଚାରୀ, ଟେନସା ସ୍ଥିତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

ନୂତନ ମଦ ଭାଟି ଖୋଲିବାକୁ ବିରୋଧ

ନବରଙ୍ଗପୁର : ଜିଲ୍ଲାରେ ମଦମୁକ୍ତ ଅଞ୍ଚଳ ଗଠନ ପାଇଁ ଜନଆନ୍ଦୋଳନ ତେଜୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ମଦ ଭାଟି ଖୋଲିବା ନେଇ ଟେଣ୍ଡର ଆହ୍ୱାନ କରାଯିବା ଘଟଣାକୁ ନେଇ ଏବେ ଜିଲ୍ଲାରେ ରାଜନୀତି ସରଗରମ ହୋଇଉଠିଛି । ରାଜ୍ୟ ବିଜେପି ସରକାରଙ୍କ ଏହି ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରିବା ସହ ସରକାରଙ୍କ ବିରୋଧରେ ସିଧାସଳଖ ଯୁଦ୍ଧଂଦେହୀ ଡାକରା ଦେଇଛି ନବରଙ୍ଗପୁର ଜିଲ୍ଲା ବିଜେଡି ।

ସ୍ଥାନୀୟ ଏକ ହୋଟେଲ ପରିସରରେ ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଅଧକ୍ଷତାରେ ଏକ ଜରୁରୀ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ରେ ବିଧାୟକ ଶ୍ରୀ ରନ୍ଧାରୀ ଏବଂ ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପ ଉପରେ ବର୍ଷିଛନ୍ତି ।ବିଧାୟକ ମନୋହର ରନ୍ଧାରୀ କହିଛନ୍ତି ଯେ, ଗତ ଅକ୍ଟୋବର ୧୬ ତାରିଖରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଜିଲ୍ଲାର ପ୍ରାୟ ୪୦ରୁ ୫୦ ହଜାର ମା', ଭଉଣୀ ଓ ଗ୍ରାମବାସୀ ଏକତ୍ରିତ ହୋଇ ସମ୍ପୂର୍ଣ୍ଣ ମଦ ବନ୍ଦ କରିବା ସହ ପୂର୍ବ ଲାଇସେନ୍ସ ରଦ୍ଦ ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିବେଦନ କରିଥିଲେ । ସେ ନିଜେ ମଧ୍ୟ ବ୍ୟକ୍ତିଗତ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଜିଲ୍ଲାକୁ ମଦମୁକ୍ତ କରିବାକୁ ଦାବି କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ଏହା ଉପରେ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।କିନ୍ତୁ ଦୁର୍ଭାଗ୍ୟର ବିଷୟ, ଜିଲ୍ଲାବାସୀଙ୍କ ନିବେଦନକୁ ଅଣଦେଖା କରି ଏବଂ ମହିଳାମାନଙ୍କ ଭାବାବେଗକୁ କୁଠାରଘାତ କରି ରାଜ୍ୟ ସରକାର ଜିଲ୍ଲାର ୬ଟି ବ୍ଲକର ୩୨ଟି ପଞ୍ଚାୟତରେ ନୂଆ ଦେଶୀ ମଦ ଭାଟି ଖୋଲିବାକୁ ଟେଣ୍ଡର ଆହ୍ୱାନ କରିଛନ୍ତି ।



ଏହା 'ବୋଝ ଉପରେ ନଳିତା ବିଡ଼ା' ଏବଂ 'ଖତଗଦାରେ ଲୁଣ ଛିଞ୍ଚିବା' ଭଳି ସଦୃଶ । ଗୋଟିଏ ମଦ ଦୋକାନରୁ ମାସିକ ୮୦ ଲକ୍ଷ ଓ ଅନ୍ୟଟିରୁ ୨୦ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ରଖି ଗରିବ ପରିବାରର ରକ୍ତ ଶୋଷିବାକୁ ଏହି ସରକାର ପ୍ରୟାସ ଚଳାଇଛି ବୋଲି ଶ୍ରୀ ରନ୍ଧାରୀ ଅଭିଯୋଗ କରିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀ ରେ ମିଟୁ ପାତ୍ର, କୁନା ପାଢ଼ୀ ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ନଗର ସଭାପତି ପ୍ରମୋଦ ରଥ, ଉତ୍ତମ ତ୍ରିପାଠୀ, ସୁମିତ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

କିସ୍ନା ଗୋଲ୍ଡ ଆଣ୍ଡ ଡାଇମଣ୍ଡ ବ୍ରହ୍ମପୁର ଷ୍ଟୋରରେ ଲକି ଡ୍ର ଉତ୍ସବ

ବ୍ରହ୍ମପୁର,୧୧୧(ମନ୍ଥନ): କିସ୍ନା ହୀରା ଏବଂ ସୁନା ଅଳଙ୍କାର ବ୍ରହ୍ମପୁର ଶୋ ରୁମରେ ରବିବାର ସନ୍ଧ୍ୟାରେ ଏକ 'ଗ୍ରାଣ୍ଡ ଲକି ଡ୍ର ସ୍କୁଟର ଜିତିବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ



ସାନ ବଜାର ଅନ୍ତର୍ଗତ ହନୁମାନ ବଜାର ରୋଡ ସ୍ଥିତ ଶୋ ରୁମର ମୁଖ୍ୟ ପରିଚାଳକ ତଥା ଯୁବ ପ୍ରତିଷ୍ଠିତ ବ୍ୟବସାୟୀ କେ ରାଜ କୁମାର ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ହରିକ୍ରିଷ୍ଣା ଗ୍ରୁପ୍ ଅଫ୍ ୟୁନିଟ୍ ତରଫରୁ ଆୟୋଜିତ ହୋଇଥିବା ବେଳେ, ଏଥିରେ ଉତ୍ସବର ଦ୍ୱିତୀୟ ଲକି ଡ୍ର ବିଜେତାଙ୍କ ପାଇଁ ସ୍କୁଟି ଉପହାର ବାହାରି ଥିଲା । ତେବେ ସୂଚନା ଅନୁସାରେ ଏହି ଲକି ଡ୍ର ଗତ ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ରହିଥିବା ବେଳେ, ୨୧ ଅଗଷ୍ଟରୁ ଆରମ୍ଭ କରି ୩୦ ନଭେମ୍ବର ଶେଷ ହୋଇଥିଲା । ଏଥିରେ ପ୍ରଥମ ବାଇକ୍ ଲକି ଡ୍ର ୨୭ ସେପ୍ଟେମ୍ବର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଥିବା ବେଳେ, ଆଜି ଦ୍ୱିତୀୟ ବାଇକ୍ ଲକି ଡ୍ର ଉଠାଣ ହୋଇ ଘୋଷଣା କରାଯାଇଥିଲା ।

ସେହିପରି ବ୍ରହ୍ମପୁର ଷ୍ଟୋର ମ୍ୟାନେଜର ମୃତ୍ୟୁଞ୍ଜୟ ଶତପଥୀ କହିଛନ୍ତି ଯେ, ଏହି ଲକି ଡ୍ର କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଶୋ ରୁମର ଦୁଇଟି ସୁଯୋଗ ରହିଥିଲା ଯାହା ପ୍ରଥମ ଏକ ସ୍କୁଟି ପାଇଁ ଯାହାର ଗ୍ରାହକଙ୍କ ଅଳଙ୍କାରର ମୂଲ୍ୟ ୨୫ହଜାର ଟଙ୍କା ରହିଥିବା ବେଳେ, ୨ୟ ଟି ୭୫ ହଜାର ଟଙ୍କା ହୀରା ଓ ସୁନା କ୍ରୟ ମୂଲ୍ୟ ଉପରେ ଗ୍ରାହକ ମାନଙ୍କୁ ଦିଆଯାଇଥିଲା । ସେହିକ୍ରମରେ ଆଜି ସ୍କୁଟି ଲକି ଡ୍ର ବିଜେତାଙ୍କ ନାମ ଘୋଷଣା କାର୍ଯ୍ୟକ୍ରମ ହୋଇଥିବା ବେଳେ, ମୋଟ ୩୫୧ ଜଣ ଗ୍ରାହକ ମାନଙ୍କ ମଧ୍ୟରେ ବିଜୟୀ ଗ୍ରାହକଙ୍କ ନାମ ଘୋଷଣା କରାଯାଇଛି । ଉକ୍ତ ଗ୍ରାହକଙ୍କୁ ସମସ୍ତ କାଗଜ ପତ୍ର ପ୍ରଦାନ ପରେ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଷ୍ଟୋର ସହକାରୀ ପ୍ରବନ୍ଧକ ଜୟରାମ ଚୌଧୁରୀ, ସହକାରୀ ମୁଖ୍ୟ ପରିଚାଳିକା କେ ସସ୍ମିତା ସେନାପତି, କେ ଶୀତଳ ଏବଂ ଭାଇ ରତିକାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ରହି ଗ୍ରାହକ ଓ ବିଜେତା ମାନଙ୍କ ଉତ୍ସାହିତ କରିଥିଲେ । ଉତ୍ସବ କାର୍ଯ୍ୟକ୍ରମକୁ ମଞ୍ଚ ଉଦଘୋଷକ କାହ୍ନୁ ରାଉତ ସଂଯୋଜନା କରିଥିଲେ ।

ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ

ନବରଙ୍ଗପୁର,୧୧୧(ନି.ପ୍ର.): ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା । ଏହି ଅବସରରେ ଜିଲ୍ଲାର ନବନିଯୁକ୍ତ ସେବକ, ସେବିକା ଓ ଜନଜାତି ଭାଷା ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ବଳଭଦ୍ର ମାଝୀ, ମାନ୍ୟବର ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଶ୍ରୀମତୀ ମଧୁମିତା, ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା ଏବଂ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ଡିଆଇ ସୁଶ୍ରୀ ନିବେଦିତା ବିଶ୍ୱାଳ ଉପସ୍ଥିତ ଥିଲେ ।ଏହି ଅବସରରେ ମାନ୍ୟବର ସାଂସଦ ଓ ବିଧାୟକଙ୍କ ସମେତ ଉପସ୍ଥିତ ଅତିଥିମାନେ ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଷ୍ଠା, ଦାୟିତ୍ୱବୋଧ ଓ ସମର୍ପଣ ଭାବନା ସହିତ ଶିକ୍ଷାଦାନ କରିବାକୁ ଉତ୍ସାହିତ କରିଥିଲେ । ବିଶେଷକରି ନବରଙ୍ଗପୁର ଜିଲ୍ଲାର ଶିକ୍ଷାର ଗୁଣାତ୍ମକ ବିକାଶ ଏବଂ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ପ୍ରସାର ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମାନ୍ୟବର ସାଂସଦ ଆହ୍ୱାନ ଦେଇଥିଲେ ।



ଛେଣ୍ଡିପଦା ପୋଲିସ ପ୍ରଶାସନ ପକ୍ଷରୁ ଆମ ପୋଲିସ ସମିତି ବୈଠକ

ଛେଣ୍ଡିପଦା,୧୧୧(ନି.ପ୍ର.): କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିଷ୍ପତ୍ତି ତଥା ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଛେଣ୍ଡିପଦା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ଦିଗ ବିଜୟ ବିଶ୍ୱାଳ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇଥିଲେ । ବିଶେଷ କରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଜନ୍ମଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । ଏହି ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ସେହିପରି କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଭିଡିଓ କନଫରେନ୍ସ(ଆଭାସି)ମାଧ୍ୟମରେ ନଶା ମୁକ୍ତ ଓଡିଶା, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଜନ୍ମଜୟନ୍ତୀ ଓ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି ।



ବିଶେଷ କରି ସାଂପ୍ରତିକ ପରିସ୍ଥିତିରେ ନୂଆ ଯୁବ ପୀଢ଼ି ବିଭିନ୍ନ ପ୍ରକାର ନିଶା ଓ ମାଦକ ଦ୍ରବ୍ୟ ସେବନ କରିବା ଦ୍ୱାରା ସମାଜରେ ବିପଥ ଗାମୀ ହେବା ସହ ଅନେକ ଅପରାଧିକ କାର୍ଯ୍ୟକଳାପ ରେ ଜଡିତ ହେଉଛନ୍ତି । ମୁଖ୍ୟତଃ ଡ୍ରଗସ୍, ଗଞ୍ଜେଇ, ମାଦକ ଦ୍ରବ୍ୟ ଓ ଅନ୍ୟାନ୍ୟ ନିଶା ଠାରୁ ଦୂରେଇ ରହିବା ପାଇଁ ସମସ୍ତ ଙ୍କୁ ସଚେତନ କରାଯାଇଥିଲା । ସେହିପରି ବାଗଡିଆ ଥାନା ପୋଲିସ ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ନାଶା ମୁକ୍ତ ଓଡିଶା, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଓ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ବାଗଡିଆ ଥାନା ଅଧିକାରୀ ଦେବବ୍ରତ ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟତଃ ଡ୍ରଗ୍ସ,ଗଞ୍ଜେଇ,ମାଦକ ଦ୍ରବ୍ୟ ଓ ଅନ୍ୟାନ୍ୟ ନିଶା ଠାରୁ ଦୂରେଇ ରହିବା ପାଇଁ ଥାନା ଅଞ୍ଚଳର ୯ ଟି ଗ୍ରାମ ପଞ୍ଚାୟତର ବୁଦ୍ଧିଜୀବୀ,ଜନ ସାଧାରଣ, ଯୁବ ଗୋଷ୍ଠି,ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ନାଶା ଠାରୁ ଦୂରେଇ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

୬ ସ୍ୱୀକୃତିପ୍ରାପ୍ତ ଫେଡେରେସନର ଦୁଇ ଦିନିଆ ବୈଠକ

ପାରାଦୀପ,୩୧/୧୦ - ତାମିଲନାଡୁ ର ତୁଟିକୋରିନ୍ ଠାରେ ଦେଶର ସମସ୍ତ ପ୍ରମୁଖ ବନ୍ଦରରେ କାର୍ଯ୍ୟରତ ଗ୍ରୁପ୍ 'ସି' ଓ 'ଡି' ପୋର୍ଟ ଏବଂ ଡକ୍ କର୍ମଚାରୀଙ୍କ ବେତନ ସଂଶୋଧନ, ଅବସରକାଳୀନ ସୁବିଧା ଏବଂ ଅନ୍ୟାନ୍ୟ ସେବା ସର୍ତ୍ତାବଳୀକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତା ୦୧ ଜାନୁଆରୀ ୨୦୨୭ରୁ କାର୍ଯ୍ୟକାରୀ ହେବାକୁ ଥିବା ପରବର୍ତ୍ତୀ ୫ ବର୍ଷିଆ ବେତନ ଚୁକ୍ତି ପାଇଁ ଦେଶର ୬ଟି ସ୍ୱୀକୃତିପ୍ରାପ୍ତ ଫେଡେରେସନ ପକ୍ଷରୁ ମିଳିତ 'ଚାର୍ଟର ଅଫ୍ ଡିମାଣ୍ଡ' ଆନୁଷ୍ଠାନିକ ଭାବେ ପ୍ରସ୍ତୁତ କରାଯାଇ ସମସ୍ତ ପ୍ରମୁଖ ବନ୍ଦର ପ୍ରାଧିକରଣର ଅଧକ୍ଷମାନଙ୍କୁ ପ୍ରଦାନ କରାଯାଇଛି ।

ତାମିଲନାଡୁର ତୁଟିକୋରିନ୍ (ଭି.ଓ.ସି. ପୋର୍ଟ) ଠାରେ ଅକ୍ଟୋବର ୨୭ ଓ ୨୮ ତାରିଖ ଦୁଇ ଦିନ ଧରି ଏହି ଐତିହାସିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ୬ଟି ମାନ୍ୟତାପ୍ରାପ୍ତ ଫେଡେରେସନର ରାଷ୍ଟ୍ରୀୟ ସଭାପତି ଓ ସାଧାରଣ ସମ୍ପାଦକମାନେ ଉପସ୍ଥିତ ରହି ଦାବିପତ୍ରର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

ଏହି ବୈଠକରେ ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୂର ମହାସଂଘ (ବିଏମଏସ) ତରଫରୁ ସର୍ବଭାରତୀୟ ସଭାପତି ଶ୍ରୀକାନ୍ତ ରାଏ ଏବଂ ସାଧାରଣ ସମ୍ପାଦକ ସୁରେଶ ପାଟିଲ ଯୋଗଦେଇ କର୍ମଚାରୀମାନଙ୍କ ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ । ବୈଠକରେ ଶ୍ରୀକାନ୍ତ ରାଏ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ କେତେକ ଅତ୍ୟନ୍ତ ଆଧୁନିକ ତଥା



ଯୁଗୋପଯୋଗୀ ପ୍ରସଙ୍ଗ ଉଠାଇ ତାହାକୁ ଚାର୍ଟର ଅଫ୍ ଡିମାଣ୍ଡରେ ସାମିଲ କରିବା ପାଇଁ ଦୃଢ଼ ଦାବି ଜଣାଇଥିଲେ । କର୍ମଚାରୀମାନଙ୍କ ପାଇଁ କ୍ୟାଫେଟେରିଆ ସୁବିଧା ଲାଗୁ କରିବା, ପ୍ରତ୍ୟେକ କର୍ମଚାରୀଙ୍କୁ ମାସିକ ମୋବାଇଲ୍ ରିଚାର୍ଜ ଓ ଇଣ୍ଟରନେଟ୍ ଖର୍ଚ୍ଚର ପ୍ରତିପୂର୍ତ୍ତି ପ୍ରଦାନ, କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ମୋବାଇଲ୍ ଫୋନ୍ ଏବଂ ଲ୍ୟାପଟପ୍ କ୍ରୟ ବାବଦ ଖର୍ଚ୍ଚର ଭରଣା,ବନ୍ଦର ଗୁଡିକରେ କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀମାନଙ୍କ ବେତନ ସଂଶୋଧନ ଏବଂ ସେମାନଙ୍କ ସେବା ସର୍ତ୍ତାବଳୀରେ ଉନ୍ନତି ଆଣିବା, ପୂର୍ବ ବେତନ ଚୁକ୍ତିର ଅବଧି ୩୧ ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଯାଉଥିବା ବେଳେ, ୦୧.୦୧.୨୦୨୭ରୁ ଯେପରି ବିଳମ୍ବ ନ ହୋଇ ତୁରନ୍ତ ନୂତନ ବେତନ ହାର କାର୍ଯ୍ୟକାରୀ ହୋଇପାରିବ, ସେଥିପାଇଁ କେନ୍ଦ୍ର ସରକାର ତଥା ଭାରତୀୟ ପୋର୍ଟସ ଆସୋସିଏସନ (ଆଇପିଏ) ତୁରନ୍ତ ଆଲୋଚନା ପ୍ରକ୍ରିୟା ଆରମ୍ଭ କରିବାକୁ ୟୁନିଅନ୍ ନେତୃବୃନ୍ଦ ଦାବି କରିଛନ୍ତି ବୋଲି ପାରାଦୀପ ର ବିଏମଏସ ତରଫରୁ ସୂଚନା ମିଳିଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ